

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
32 YEARS
ସମ୍ବାଦ କଳିକା
The Sambad Kalika
E-mail : sambadkalikanews@gmail.com
e-paper www.sambadkalika.in
TM
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper NS-EN ISO 9001:2008
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00
● ବର୍ଷ–୩୩ ● ସଂଖ୍ୟା–୧୪୪ ● ୨୪ ଜୁନ ୨୦୨୬ ବୁଧବାର ● ଭୁବନେଶ୍ୱର ● Vol -33 ● Issue-144 ● 24th June 2026, Wednesday ● Bhubaneswar
RNI Regd.No. : 52640/94 Postal Regd.No. : BN-60/25-27

# ରୋହିତ ଶର୍ମା, ମମ୍ମୁଟି ଓ ଅଲକା ଯାଗ୍ନିକ୍ଙ୍କ ସମେତ ୬୫ ବିଶିଷ୍ଟ ବ୍ୟକ୍ତିଙ୍କୁ ପଦ୍ମପୁରସ୍କାର

**ନୂଆଦିଲ୍ଲୀ, ୨୩।୬**

ନୂଆଦିଲ୍ଲୀର ରାଷ୍ଟ୍ରପତି ଭବନରେ ଆୟୋଜିତ 'ସିଭିଲ ଇନଭେଷ୍ଟିଚର ସେରେମୋନି-୨'ରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମଙ୍ଗଳବାର ୨୦୨୬ ବର୍ଷ ପାଇଁ ପଦ୍ମ ପୁରସ୍କାର ପ୍ରଦାନ କରିଛନ୍ତି। ଏହି ଅବସରରେ ମୋଟ ୬୫ ଜଣ ବିଶିଷ୍ଟ ବ୍ୟକ୍ତିତ୍ୱଙ୍କୁ ପଦ୍ମ ବିଭୂଷଣ, ପଦ୍ମ ଭୂଷଣ ଓ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଛି।

ସମାରୋହରେ ଉପରାଷ୍ଟ୍ରପତି ସି. ପି. ରାଧାକୃଷ୍ଣନ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, କେନ୍ଦ୍ର ଗୃହ ଓ ସହକାରିତା ମନ୍ତ୍ରୀ ଅମିତ ଶାହଙ୍କ ସହ ଅନେକ ବିଶିଷ୍ଟ ଅତିଥି ଉପସ୍ଥିତ ଥିଲେ।

ଝାଡ଼ଖଣ୍ଡର ବରିଷ୍ଠ ନେତା ଏବଂ ପୂର୍ବ କେନ୍ଦ୍ରମନ୍ତ୍ରୀ ଶିବୁ ସୋରେନଙ୍କୁ ମରଣୋତ୍ତର ଭାବେ ପଦ୍ମ ଭୂଷଣ ପ୍ରଦାନ କରାଯାଇଥିଲା। ମାଲାୟାଲାମ ଖବରଦାତା ପି. ନାରାୟଣନ ଓ ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି କେ.ଟି. ଥୋମାସଙ୍କୁ ପଦ୍ମ ବିଭୂଷଣ ସମ୍ମାନ ଦିଆଯାଇଛି।

ପଦ୍ମ ଭୂଷଣ ପାଇଥିବା ପ୍ରମୁଖ ବ୍ୟକ୍ତିତ୍ୱ : ଟେନିସ ଜଗତର ଦିଗ୍‌ଗଜ ବିଜୟ ଅମୃତରାଜ, ବରିଷ୍ଠ ଅଭିନେତା ମମ୍ମୁଟି, ପ୍ରସିଦ୍ଧ ଗାୟିକା ଅଲକା ଯାଗ୍ନିକ୍, ଡା. ଦତ୍ତାତ୍ରେୟୁଡୁ ନୋରୀ (ଚିକିତ୍ସା କ୍ଷେତ୍ର), ଡା. ଏସ୍.କେ.ଏମ୍. ମାଇଲାନନ୍ଦନ (ସମାଜସେବା, ସ୍ୱାସ୍ଥ୍ୟସେବା ଓ ଆଧ୍ୟାତ୍ମିକ ଶିକ୍ଷା)। ପଦ୍ମଶ୍ରୀରେ ସମ୍ମାନିତ : ଅଭିନେତା ଆର. ମାଧବନ, *(ପୃଷ୍ଠା ୭ରେ)*



## ୩ ଓଡ଼ିଆଙ୍କୁ ପଦ୍ମଶ୍ରୀ



**ନୂଆଦିଲ୍ଲୀ/ଭୁବନେଶ୍ୱର, ୨୩।୬**
**ନ୍ୟୁଜ୍ ବ୍ୟୁରୋ**

ଚଳିତ ବର୍ଷର ପଦ୍ମ ପୁରସ୍କାର ପ୍ରଦାନ ସମାରୋହରେ ରାଜ୍ୟର ତିନିଜଣ ବିଶିଷ୍ଟ ବ୍ୟକ୍ତିତ୍ୱଙ୍କୁ ପଦ୍ମଶ୍ରୀ ସମ୍ମାନରେ ଭୂଷିତ କରାଯାଇଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରପତି ଭବନରେ ଆୟୋଜିତ ସମାରୋହରେ ଏହି ସମ୍ମାନ *(ପୃଷ୍ଠା ୭ରେ)*

## ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

**ଭୁବନେଶ୍ୱର, ୨୩।୬**
**ନ୍ୟୁଜ୍ ବ୍ୟୁରୋ**

ନୂଆଦିଲ୍ଲୀସ୍ଥିତ ରାଷ୍ଟ୍ରପତି ଭବନଠାରେ ଆୟୋଜିତ ସ୍ୱତନ୍ତ୍ର ସମାରୋହରେ ରାଷ୍ଟ୍ରପତିଙ୍କଠାରୁ ପଦ୍ମଶ୍ରୀ ପୁରସ୍କାର ଗ୍ରହଣ କରିଥିବା ଓଡ଼ିଶାର ସମସ୍ତ ବ୍ୟକ୍ତିତ୍ୱଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

ସୋସିଆଲ ମିଡିଆ ସାଇଟ୍ ଏକ୍ସରେ ମୁଖ୍ୟମନ୍ତ୍ରୀ ଲେଖିଛନ୍ତି ସାହିତ୍ୟ ଓ ଶିକ୍ଷା କ୍ଷେତ୍ରରେ ମୟୂରଭଞ୍ଜର ଚରଣ ହେମ୍ବ୍ରମ, କଳା କ୍ଷେତ୍ରରେ ଗଞ୍ଜାମର ଗୁରୁ ସୀମାଞ୍ଚଳ ପାତ୍ର ଏବଂ କଟକ ତିଗିରିଆର ବିଶିଷ୍ଟ ବାନ୍ଧଶିଳ୍ପୀ ଶରତ କୁମାର ପାତ୍ରଙ୍କ ସାଧନା ସମଗ୍ର ରାଜ୍ୟ ପାଇଁ ଅତ୍ୟନ୍ତ ଗୌରବର ବିଷୟ। ଆପଣମାନଙ୍କର ଏହି ନିଷ୍ଠାପର ନିଦର୍ଶନ ଆମ ସମୃଦ୍ଧ କଳା, ଭାଷା ଓ ସଂସ୍କୃତିକୁ ବିଶ୍ୱ ଦରବାରରେ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିବା ସହ ଓଡ଼ିଶାର ଅସ୍ମିତାକୁ ଅଧିକ ମହିମାମଣ୍ଡିତ କରିଛି।

ତୃଣମୂଳ ସ୍ତରର ପ୍ରକୃତ ସାଧକମାନଙ୍କୁ ଚିହ୍ନଟ କରି 'ପିପୁଲ୍ସ ପଦ୍ମ' ମାଧ୍ୟମରେ ସେମାନଙ୍କ ଶ୍ରମ ଓ ସାଧନାକୁ ରାଷ୍ଟ୍ରୀୟ ସ୍ତରରେ ସମ୍ମାନିତ କରିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଓଡ଼ିଶାବାସୀଙ୍କ ତରଫରୁ କୃତଜ୍ଞତା ଜଣାଉଛି। ମହାପ୍ରଭୁ *(ପୃଷ୍ଠା ୭ରେ)*

## ରଥଯାତ୍ରା ନେଇ ସ୍ୱତନ୍ତ୍ର ପ୍ରସ୍ତୁତି

# ପୁରୀକୁ ଗଡ଼ିବ ୩୭୦ ସ୍ୱତନ୍ତ୍ର ଟ୍ରେନ୍, ୪୭୩ ସିସିଟିଭି ଲାଗିବ

**ପୁରୀ, ୨୩।୬ : ନ୍ୟୁଜ୍ ବ୍ୟୁରୋ**

ରଥଯାତ୍ରା ୨୦୨୬ ପାଖେଇ ଆସୁଛି। ମହାପ୍ରଭୁଙ୍କର ବିଶ୍ୱ ପ୍ରସିଦ୍ଧ ଯାତ୍ରାକୁ ସୂଚାରୁ ରୂପେ ପରିଚାଳନା କରିବା ପାଇଁ ରାଜ୍ୟ ସରକାର, ପୁରୀ ଜିଲ୍ଲା ପ୍ରଶାସନ ଏବଂ ଶ୍ରୀମନ୍ଦିର ପ୍ରଶାସନ ପ୍ରସ୍ତୁତି ଜାରି ରଖିଛନ୍ତି। ମହାପ୍ରଭୁଙ୍କ ଦର୍ଶନ କରିବାକୁ ପୁରୀବାସୀଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ହେବ। ଖୁବ୍ ଶୀଘ୍ର ଏ ବ୍ୟବସ୍ଥା ଲାଗୁ ହେବ। ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେସନ ସେଣ୍ଟର (ଓକାକ୍) ସାହାଯ୍ୟରେ ୩ମାସ ପୂର୍ବରୁ ଏନେଇ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ଓକାକ ଏଥି ପାଇଁ ସ୍ୱତନ୍ତ୍ର ସଫ୍ଟୱେର ପ୍ରସ୍ତୁତ କରୁଛି। ଆଧାର କାର୍ଡ ସ୍କାନ କରି ଶ୍ରଦ୍ଧାଳୁମାନେ ଦର୍ଶନ କରିପାରିବେ। ଏହା ଖୁବ୍ ଶୀଘ୍ର ଲାଗୁ ହେବ। ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମଙ୍ଗଳବାର ଆୟୋଜିତ ରଥଯାତ୍ରା ୨୦୨୬ ଦ୍ୱିତୀୟ ସମନ୍ୱୟ ସଭାରେ ସୂଚନା ଦେଇଛନ୍ତି। ଏହାସହିତ ବୈଠକରେ ଭିଡ଼ ନିୟନ୍ତ୍ରଣ, ଟ୍ରାଫିକ



ସୁପରିଚାଳନା ସହ ସ୍ୱାସ୍ଥ୍ୟ ଓ ପରିବହନ ସବୁ ବିଭାଗର ମାଷ୍ଟର ପ୍ଲାନର ହୋଇଛି ସମୀକ୍ଷା। ରଥଯାତ୍ରାକୁ ଶୃଙ୍ଖଳିତ କରିବା ପାଇଁ ସବୁ ବ୍ୟବସ୍ଥା କରାଯାଇଛି।

ସୂଚନାଯୋଗ୍ୟ ଏଥର ରଥଯାତ୍ରାରେ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯିବ। ବ୍ୟାପକ ପୁଲିସ ମୁତୟନ ସହିତ ୪୭୩ ସିସିଟିଭି କ୍ୟାମେରା ଲାଗିବ। ଏପର୍ଯ୍ୟନ୍ତ ୨୦୦ କ୍ୟାମେରାର ପରୀକ୍ଷଣ ହୋଇସାରିଛି। ପୁରୀ ସହରର ବଡ଼ଦାଣ୍ଡ ବ୍ୟତୀତ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଉପରେ ସିସିଟିଭି ନଜର ରଖିବ।

ଅନ୍ୟପଟରେ ଭାରତୀୟ ରେଳବାଇ ପକ୍ଷରୁ ରାଜ୍ୟ ଏବଂ ରାଜ୍ୟ ବାହାରୁ ଆସୁଥିବା ଶ୍ରଦ୍ଧାଳୁଙ୍କର ସୁବିଧା ପାଇଁ ରଥଯାତ୍ରାରେ ୩୭୦ ସ୍ୱତନ୍ତ୍ର ଟ୍ରେନ୍ ପରିଚାଳନା କରିବେ। ବଡ଼ଦାଣ୍ଡର ଦୁଇ ପାର୍ଶ୍ୱରେ ଅସ୍ଥାୟୀ ଚିକିତ୍ସା ଶିବିର ପ୍ରତିଷ୍ଠା କରାଯିବ। ସମୁଦ୍ରକୂଳରୁ ପଞ୍ଚତୀର୍ଥ ପୁଷ୍କରିଣୀରେ ରହିବେ ସ୍ୱତନ୍ତ୍ର ପୁଲିସ ଟିମ୍ ସହ ରେସ୍କ୍ୟୁ ଟିମ୍।

ରଥଯାତ୍ରା ସମନ୍ୱୟ ବୈଠକରେ ଆଇନ ମନ୍ତ୍ରୀଙ୍କ ବ୍ୟତୀତ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ, ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସହ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ଓ ସୌମେନ୍ଦ୍ର ପ୍ରିୟଦର୍ଶୀ ଉପସ୍ଥିତ ଥିଲେ।

# ଏସ୍ଆଇଆର ଅଗ୍ରଗତି ନେଇ ରାଜନୈତିକ ଦଳଗୁଡ଼ିକ ସହ ସିଇଓଙ୍କ ଆଲୋଚନା

**ଭୁବନେଶ୍ୱର, ୨୩।୬**
**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର. ଏସ. ଗୋପାଳନଙ୍କ ଅଧ୍ୟକ୍ଷତାରେ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳଗୁଡ଼ିକର ପ୍ରତିନିଧିମାନଙ୍କ ସହ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବିଭିନ୍ନ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ପ୍ରତିନିଧିମାନେ ଯୋଗ ଦେଇ ରାଜ୍ୟରେ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ ର ଅଗ୍ରଗତି ନେଇ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ।

ବୈଠକରେ ରାଜ୍ୟରେ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ ୨୦୨୬ କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ବିସ୍ତୃତ ସମୀକ୍ଷା କରାଯାଇଥିଲା। ସମଗ୍ର ରାଜ୍ୟରେ ଚାଲିଥିବା ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ ଏବଂ ଡିଜିଟାଇଜେସନର ବର୍ତ୍ତମାନର ସ୍ଥିତି ଉପରେ ଏଥିରେ ଆଲୋଚନା ହୋଇଥିଲା। ଏହା ସହିତ ଆସନ୍ତା ୦୫ ଜୁଲାଇରେ ପ୍ରକାଶ ପାଇବାକୁ ଥିବା 'ଚିଠା ଭୋଟର ତାଲିକା' ଏବଂ ଏହି ସଂଶୋଧନ ପ୍ରକ୍ରିୟାର ପରବର୍ତ୍ତୀ ପର୍ଯ୍ୟାୟଗୁଡ଼ିକର ସୁପରିଚାଳନା ନେଇ



ରଣନୀତି ପ୍ରସ୍ତୁତ କରାଯାଇଛି।

ଏହି ପ୍ରକ୍ରିୟାରେ ପ୍ରଭାବଶାଳୀ ସହଭାଗିତା ବୃଦ୍ଧି କରିବା ଓ କେହି ଜଣେ ବି ଯୋଗ୍ୟ ଭୋଟର ଯେମିତି ବାଦ୍ ନ ପଡିବେ ସେ ଲାଗି ପ୍ରତ୍ୟେକ ବିଧାନସଭା ନିର୍ବାଚନ ମଣ୍ଡଳୀରେ ବୁଥ୍ ସ୍ତରୀୟ ଅଧିକାରୀ ଏବଂ ବୁଥ୍ ସ୍ତରୀୟ ଏଜେଣ୍ଟମାନଙ୍କ ମଧ୍ୟରେ ଏକ ସମନ୍ୱୟ ବୈଠକ ଆସନ୍ତା ଜୁନ ୨୪ ଓ ୨୫ ତାରିଖରେ ଅନୁଷ୍ଠିତ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି।

ଏହି ଚିଠା ଭୋଟର ତାଲିକାକୁ ନେଇ କୌଣସି ପ୍ରକାରର ଆପତ୍ତି କିମ୍ବା ଅଭିଯୋଗ ଥିଲେ, ୦୫ ଜୁଲାଇରୁ ୦୪ ଅଗଷ୍ଟ ୨୦୨୬ ମଧ୍ୟରେ ଆପତ୍ତି ଦାଖଲ କରାଯାଇପାରିବ। ୦୫ ଜୁଲାଇ ପରେ ଯଦି ଚିଠା ଭୋଟର ତାଲିକାରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ, ଫର୍ମ-୬ ମାଧ୍ୟମରେ ନୂତନ ନାମ ଯୋଡ଼ି ପାରିବେ, ଫର୍ମ-୭ ଦେଇ ଭୋଟର ତାଲିକାରୁ ନାମ ବାଦ୍ ଓ ଫର୍ମ-୮ ମାଧ୍ୟମରେ ଯେକୌଣସି ପ୍ରକାରର ସଂଶୋଧନ କରିପାରିବେ।

ସେହିପରି ରାଜ୍ୟରେ ମଙ୍ଗଳବାର ସୁଦ୍ଧା ୯୯.୯୧ ପ୍ରତିଶତ ଅର୍ଥାତ ୩କୋଟି ୩୩ଲକ୍ଷ ୬୯ହଜାର ୬୨୭ ଜଣ ଭୋଟରଙ୍କୁ ପରିଗଣନା ଫର୍ମ ବଣ୍ଟନ ହୋଇଥିବା ବେଳେ, ସେଥି ମଧ୍ୟରୁ ୯୦.୮୬ ପ୍ରତିଶତ ଅର୍ଥାତ ୩କୋଟି ୩୪ଲକ୍ଷ ୬ହଜାର ୭୨୯ଜଣ ଭୋଟରଙ୍କର ଡିଜିଟାଇଜେସନ କରାଯାଇଛି। ଏହି ବୈଠକରେ ମୁଖ୍ୟ ନିର୍ବାଚନ ଅଧିକାରୀ *(ପୃଷ୍ଠା ୭ରେ)*

## କେନ୍ଦ୍ରମନ୍ତ୍ରୀ ଜର୍ଜ କୁରିଏନ୍ଙ୍କ ଇସ୍ତଫା

**ନୂଆଦିଲ୍ଲୀ, ୨୩।୬**

କେନ୍ଦ୍ର ସଂଖ୍ୟାଲଘୁ ବ୍ୟାପାର ଏବଂ ମତ୍ସ୍ୟଚାଷ, ପଶୁପାଳନ ଏବଂ ଦୁଗ୍ଧ ଉତ୍ପାଦନ ରାଷ୍ଟ୍ରମନ୍ତ୍ରୀ ଜର୍ଜ କୁରିଏନ୍ ମଙ୍ଗଳବାର ଦିନ କେନ୍ଦ୍ର ମନ୍ତ୍ରୀ ପରିଷଦରୁ ଇସ୍ତଫା ଦେଇଛନ୍ତି।

ରାଷ୍ଟ୍ରପତି ଭବନ ଦ୍ୱାରା ଜାରି ଏକ ସରକାରୀ ପ୍ରେସ ବିଜ୍ଞପ୍ତି *(ପୃଷ୍ଠା ୭ରେ)*

## ଏନଆଇଆରଏଲ ଏବଂ ଓରେଡ଼ା ମଧ୍ୟରେ ଚୁକ୍ତିନାମା

# ଓଡ଼ିଶାରେ ୧୦୦୦ ମେଗାୱାଟର ସବୁଜ ଶକ୍ତି ପ୍ରକଳ୍ପ ବିକାଶ ଲକ୍ଷ୍ୟ

**ଭୁବନେଶ୍ୱର, ୨୩।୬**
**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟରେ ସ୍ଥାୟୀ ଶକ୍ତିର ପ୍ରସାରକୁ ତ୍ୱରାନ୍ୱିତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ଏନଏଲସି ଇଣ୍ଡିଆ ଲିମିଟେଡର ସମ୍ପୂର୍ଣ୍ଣ ମାଲିକାନାଧୀନ ସହାୟକ କମ୍ପାନୀ 'ଏନଏଲସି ଇଣ୍ଡିଆ ରିନ୍ୟୁଏବଲ୍ସ ଲିମିଟେଡ୍' (ଏନଆଇଆରଏଲ ) ଏବଂ 'ଓଡ଼ିଶା ଅକ୍ଷୟ ଶକ୍ତି ଉନ୍ନୟନ ସଂସ୍ଥା' (ଓରେଡା) ମଧ୍ୟରେ ମଙ୍ଗଳବାର ଭୁବନେଶ୍ୱରସ୍ଥିତ ଖାରବେଳ ଭବନଠାରେ ଏକ ଯୌଥ ଉଦ୍ୟୋଗ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ଉପ-ମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତି ମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓଙ୍କ ଉପସ୍ଥିତିରେ ଏହି ସ୍ୱାକ୍ଷର ସମାରୋହ ଅନୁଷ୍ଠିତ ହୋଇଛି।

ଏହି ଯୌଥ ଉଦ୍ୟୋଗ କମ୍ପାନୀ (ଜେଭିସି) ଓଡ଼ିଶାରେ ୧୦୦୦ ମେଗାୱାଟର ସବୁଜ ଶକ୍ତି ପ୍ରକଳ୍ପ ବିକାଶ କରିବା ଲକ୍ଷ୍ୟ ରଖିଛି। ଏହି ସହଭାଗିତା ମାଧ୍ୟମରେ ୨୫୦ ମେଗାୱାଟ ପବନ ଶକ୍ତି ଏବଂ ୨୨୫ ମେଗାୱାଟ ଭାସମାନ ସୌର ଶକ୍ତି ପ୍ରକଳ୍ପ ସମେତ ଅନ୍ୟାନ୍ୟ ଅକ୍ଷୟ ଶକ୍ତି ପ୍ରକଳ୍ପ ରହିଛି।

ଏହି ରଣନୈତିକ ସହଭାଗିତା ସମ୍ପର୍କରେ ମତବ୍ୟକ୍ତ କରି ଉପ-ମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି ଯେ, ଏନଆଇଆରଏଲ ଏବଂ *(ପୃଷ୍ଠା ୭ରେ)*

## ଆଜିର ମୁଖ୍ୟ ଖବର

- ଜୁନ୍ ୨୮ରେ ହେବାକୁ ଥିବା ଓଟିଇଟି ପରୀକ୍ଷା ତାରିଖ ଘୁଞ୍ଚିଲା।
- ଆମୋନିଆ ଗ୍ୟାସ ଲିକ୍ ଦୁର୍ଘଟଣା: ତିରୁଭଲ୍ଲୁର ଦୁର୍ଘଟଣାରେ ମୃତ୍ୟୁ ସଂଖ୍ୟା ୯କୁ ବୃଦ୍ଧି, ୬୭ ଜଣ ଶ୍ରମିକ ହସ୍ପିଟାଲରେ ଚିକିତ୍ସାଧିନ।
- ଲକ୍ଷ୍ନୌ କୋଚିଂ ଅଗ୍ନିକାଣ୍ଡ: ଚାରି ଜଣ ଗିରଫ, ଚାରି ଜଣ ଅଧିକାରୀ ନିଲମ୍ବିତ।
- ଏବର୍ଷ ସାର ଯୋଗାଣରେ କୌଣସି ଅସୁବିଧା ହେବନି - ସମବାୟ ମନ୍ତ୍ରୀ।

## ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୪,୪୭୦ (-୩୩୮)
୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୩,୨୫୬ (-୩୩୧)
୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୦,୮୪୫ (-୨୫୪)

## ରୁପା ଦର

ରୂପା – ପ୍ରତି ଗ୍ରାମ ୨୪୫ (-୫)

## ହରମୁଜ ଷ୍ଟ୍ରେଟ୍ ଖୋଲିବା ଦ୍ୱାରା ଶକ୍ତି ସୁରକ୍ଷା ସୁଦୃଢ଼ ହେବ : ଅଜିତ୍ ଡୋଭାଲ

**ନୂଆଦିଲ୍ଲୀ, ୨୩।୬**

ଆମେରିକା ଏବଂ ଇରାନ ମଧ୍ୟରେ ହୋଇଥିବା ବୁଝାମଣାକୁ ଭାରତ ସ୍ୱାଗତ କରୁଛି ବୋଲି ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍.ଏସ୍.ଏ.) ଅଜିତ ଡୋଭାଲ ମଙ୍ଗଳବାର ଏଠାରେ ବ୍ରିକ୍ସ ରାଷ୍ଟ୍ରଗୁଡ଼ିକର ଏକ ବୈଠକରେ କହିଛନ୍ତି। ସେ କହିଥିଲେ ଯେ ହରମୁଜ ଜଳପ୍ରବାହ ଖୋଲିବା ଦ୍ୱାରା ଶକ୍ତି ସୁରକ୍ଷା ସୁଦୃଢ଼ ହେବ, ଯୋଗାଣ ଶୃଙ୍ଖଳାର ପ୍ରତିବନ୍ଧକ ହ୍ରାସ ପାଇବ ଏବଂ ସାର, ରାସାୟନିକ ପଦାର୍ଥ ଏବଂ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀର ଉପଲବ୍ଧତା ବୃଦ୍ଧି ପାଇବ। ଏହା ଆଞ୍ଚଳିକ ଏବଂ ବୈଶ୍ୱିକ ଆର୍ଥିକ ସମୃଦ୍ଧିକୁ ମଧ୍ୟ ପ୍ରୋତ୍ସାହନ ଦେବ।

୧୬ତମ ବ୍ରିକ୍ସ ଜାତୀୟ ସୁରକ୍ଷା ପରାମର୍ଶଦାତା ବୈଠକରେ ଡୋଭାଲ ବୈଶ୍ୱିକ ଆହ୍ୱାନର ମୁକାବିଲା କରିବାରେ ବ୍ରିକ୍ସର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ଡୋଭାଲ କହିଛନ୍ତି ଯେ ବିଶ୍ୱ ବର୍ତ୍ତମାନ ସାମରିକ ସଂଘର୍ଷ, ଭୂ-ରାଜନୈତିକ ଅନିଶ୍ଚିତତା, ଅର୍ଥନୈତିକ ଚାପ ଏବଂ ବିଘଟନକାରୀ ପ୍ରଯୁକ୍ତିବିଦ୍ୟା ଭଳି ଜଟିଳ ଆହ୍ୱାନର ସମ୍ମୁଖୀନ ହେଉଛି। ସେ କହିଥିଲେ ଯେ ବିବାଦ ସମାଧାନର ପାରମ୍ପରିକ ବ୍ୟବସ୍ଥା ଦୁର୍ବଳ ହେଉଥିବା ସମୟରେ ବ୍ରିକ୍ସର ଭୂମିକା ଆହୁରି ଗୁରୁତ୍ୱପୂର୍ଣ୍ଣ ହୋଇଯାଇଛି।

ଏନ୍.ଏସ୍.ଏ. କହିଛି ଯେ ବହୁପକ୍ଷବାଦ ଦୁର୍ବଳ ହେଉଛି। ଏକ ଅଧିକ ବହୁମୁଖୀ ବିଶ୍ୱ ଶୃଙ୍ଖଳାକୁ ପ୍ରୋତ୍ସାହିତ କରିବା ପାଇଁ ଉଦୀୟମାନ ଅର୍ଥବ୍ୟବସ୍ଥାର ଏକ ଅନୌପଚାରିକ ଗୋଷ୍ଠୀ ଭାବେ ବ୍ରିକ୍ସର ପରିକଳ୍ପନା କରାଯାଇଥିଲା। *(ପୃଷ୍ଠା ୭ରେ)*

## ଖରିଫ ୨୦୨୬ ଓ ଏଲ୍-ନିନୋ ମୁକାବିଲାର ପ୍ରସ୍ତୁତି ସମୀକ୍ଷା କଲେ କେନ୍ଦ୍ର କୃଷି ମନ୍ତ୍ରୀ



**ନୂଆଦିଲ୍ଲୀ/ଭୁବନେଶ୍ୱର, ୨୩।୬**
**ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ର କୃଷି ମନ୍ତ୍ରୀ ଶିବରାଜ ସିଂହ ଚୌହାନ ମଙ୍ଗଳବାର ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ଭିଡ଼ିଓ କନଫରେନ୍ସିଂ ବୈଠକରେ ଖରିଫ୍ ୨୦୨୬ ପାଇଁ ପ୍ରସ୍ତୁତି ଏବଂ ଏଲ୍ ନିନୋର ପ୍ରଭାବକୁ ମୁକାବିଲା କରିବା ପାଇଁ ରାଜ୍ୟର ରଣନୀତି ସମ୍ପର୍କରେ ସମୀକ୍ଷା କରିଛନ୍ତି। ଏହି ବୈଠକରେ ଓଡ଼ିଶାର ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ସମେତ କୃଷି ନିର୍ଦ୍ଦେଶକ ଶୁଭମ ସକ୍ସେନା, ମୃତ୍ତିକା ସଂରକ୍ଷଣ ନିର୍ଦ୍ଦେଶକ ସୁବ୍ରତ କୁମାର ପଣ୍ଡା ଏବଂ ଉଦ୍ୟାନ କୃଷି ନିର୍ଦ୍ଦେଶକ କାଲୁଙ୍ଗେ ଗୋରଖ ବାମନ ପ୍ରମୁଖ ବରିଷ୍ଠ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ। ଭାରତୀୟ ପାଣିପାଗ ବିଭାଗ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଦୀର୍ଘକାଳୀନ ହାରାହାରିର ୯୨% ରହିବ ବୋଲି ପୂର୍ବାନୁମାନ କରିଥିବାରୁ, ଦେବଗଡ଼, *(ପୃଷ୍ଠା ୭ରେ)*




## ଏକାଳ ପଖାଳ



ଏପଟେ ଆନ୍ଧ୍ର କୋଟିଆ ପ୍ରବେଶ
କରିତେ ନେଲେଣି ଅଧା
ବଡଲୋକ ଗୁଡା ବହୁତ କହନ୍ତି
ଆଖି କରିଦେଇ ଓଦା
ଏବେ ବେଙ୍ଗଲ କଲାଣି ପଦା
ପାଖ ଗାଁ ଯେତେ ଭୋଟ ନେଲାଣି
କିଏ ଦେବ ଏତେ ବାଧା ?

# ଚୀନ୍ ଭରସାରେ ଭାରତର ଫାର୍ମା ଶିଳ୍ପ



**ନୂଆଦିଲ୍ଲୀ, ୨୩।୬**

ଭାରତର ଫାର୍ମା ଶିଳ୍ପ ଗୁରୁତ୍ୱପୂର୍ଣ୍ଣ କଞ୍ଚାମାଲ୍ ପାଇଁ ଚୀନ ଉପରେ ଅତ୍ୟଧିକ ମାତ୍ରାରେ ନିର୍ଭରଶୀଳ ରହିଛି। ପାଖାପାଖି ୬୫ ପ୍ରତିଶତ ଆକ୍ଟିଭ ଫାର୍ମାସ୍ୟୁଟିକାଲ୍ ଇନଗ୍ରେଡିଏଣ୍ଟ (ଏପିଆଇ), କି ଷ୍ଟାର୍ଟିଂ ମ୍ୟାଟେରିଆଲ (କେଏସ୍ଏମ୍) ଭଳି କଞ୍ଚାମାଲ ଏହି ପଡ଼ୋଶୀ ଦେଶ ଯୋଗାଉଛି। ନୀତି ଆୟୋଗ ପକ୍ଷରୁ ପ୍ରକାଶିତ ରିପୋର୍ଟରୁ ଏହି ତଥ୍ୟ ସାମନାକୁ ଆସିଛି।

ତ୍ରୟମାସିକ ଟ୍ରେଡ୍ ୱାଚ୍ ରିପୋର୍ଟର ଅଷ୍ଟମ ସଂସ୍କରଣରୁ ଏହା ଜଣାଯାଇଛି। ଔଷଧ ପ୍ରସ୍ତୁତିରେ ବ୍ୟବହୃତ ସାମଗ୍ରୀର ଯୋଗାଣ ଶୃଙ୍ଖଳରେ ରହିଥିବା ଦୁର୍ବଳତାକୁ ନୀତି ଆୟୋଗ ଦର୍ଶାଇଛି। ବିଶେଷକରି ଫରମେଣ୍ଟେସନଭିତ୍ତିକ ଉତ୍ପାଦ ସମ୍ପର୍କରେ କୁହାଯାଇଛି। ସେହିଭଳି ପରିବେଶ ନିୟମ ପାଳନ ବାବଦ ଖର୍ଚ୍ଚ ଅଧିକ ରହିବାରୁ କମ୍ପାନିଗୁଡ଼ିକର ଔଷଧ ଉତ୍ପାଦନ ଓ ଗବେଷଣା ଖର୍ଚ୍ଚ ଅଧିକ ରହୁଛି।

କେବଳ ଯୋଗାଣ ଶୃଙ୍ଖଳ ଦୁର୍ବଳ ନୁହେଁ, ଭାରତୀୟ ଫାର୍ମା ବ୍ୟବସ୍ଥା ଅନ୍ୟାନ୍ୟ ଅସୁବିଧା ଦେଇ ମଧ୍ୟ ଗତି କରୁଛି। ନବପ୍ରବର୍ତ୍ତନ ଓ ବାଣିଜ୍ୟିକ ଢାଞ୍ଚା ଦୁର୍ବଳ ରହିବା କାରଣରୁ ନବପ୍ରବର୍ତ୍ତକମାନେ ଅନିଶ୍ଚିତତା ଦେଇ ଗତି କରୁଛନ୍ତି। ସେମାନଙ୍କୁ ଏହା ଦୀର୍ଘ ମିଆଦୀ ନିବେଶ ଲାଗି ନିରୁତ୍ସାହିତ କରୁଛି। *(ପୃଷ୍ଠା ୭ରେ)*

# ଓଡ଼ିଶା ଛୁଇଁଲା ମୌସୁମୀ

**ଭୁବନେଶ୍ୱର, ୨୩।୬**
**ନ୍ୟୁଜ୍ ବ୍ୟୁରୋ**

ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ପୂରା ରାଜ୍ୟକୁ ଛୁଇଁଛି । ଜୁନ ୧୨ରେ ରାଜ୍ୟକୁ ଅଗ୍ରସର ହୋଇଥିଲା ମୌସୁମୀ । ମଙ୍ଗଳବାର ସମ୍ପୂର୍ଣ୍ଣ ରାଜ୍ୟକୁ ହେଲା ଅଗ୍ରସର । ରାଜ୍ୟରେ ମୌସୁମୀ ସକ୍ରିୟ ଥିବା ବେଳେ ଆଗକୁ ବଢିବା ପାଇଁ ସ୍ଥିତି ଅନୁକୂଳ ହୋଇଛି ।ଏହାସହ ରାଜ୍ୟରେ ଟ୍ରପ ଲାଇନ ସକ୍ରିୟ ରହିଛି । ଏହାର ପ୍ରଭାବରେ ଆହୁରି ୫ ଦିନ ଯାଏ ସାରା ରାଜ୍ୟରେ ବର୍ଷା ସମ୍ଭାବନା ରହିଛି । ସୋମବାର ଭୁବନେଶ୍ୱର ଓ କଟକରେ ଝିପି ଝିପି ବର୍ଷା ହେଉଥିବା ବେଳେ ଆସନ୍ତା ୨୪ ଘଣ୍ଟାରେ ଅଧିକାଂଶ ଜିଲ୍ଲାରେ ବର୍ଷା ହେବାର ସମ୍ଭାବନା ରହିଛି ।



ସୂଚନାଯୋଗ୍ୟ ଯେ ୧୨ ଜୁନରେ ରାଜ୍ୟକୁ ଅଗ୍ରସର ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ, ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ୧୧ ଦିନରେ ଅର୍ଥାତ ୨୩ ତାରିଖରେ ସମ୍ପୂର୍ଣ୍ଣ ରାଜ୍ୟକୁ ଅଗ୍ରସର ହୋଇଛି ।

ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ସୋମବାର ଓଡ଼ିଶାର ଆହୁରି କିଛି ଅଞ୍ଚଳକୁ ପ୍ରବେଶ କରିଛି। ମୌସୁମୀ ବାୟୁର ଉତ୍ତର ସୀମା ଏବେ ବଲାଙ୍ଗୀର ଓ ବରଗଡ଼ର ଅଳ୍ପ ଅଂଶ, ନବରଙ୍ଗପୁର ଓ ଝାରସୁଗୁଡ଼ାର କିଛି ଅଂଶ, କଳାହାଣ୍ଡି, ସୋନପୁର ଏବଂ ସୁନ୍ଦରଗଡ଼ର ଅଧିକାଂଶ *(ପୃଷ୍ଠା ୭ରେ)*





# ବି.ଇଡି ଆଡମିସନ୍‌ରେ ଠକେଇ:ଅଭିଯୁକ୍ତ ଗିରଫ

ଉମରକୋଟ, ନ୍ୟୁଜ୍ ବ୍ୟୁରୋ

ନବରଙ୍ଗପୁର ଜିଲ୍ଲା ଉମରକୋଟ ଅଞ୍ଚଳରେ ବି.ଇଡି ଆଡମିସନ୍ ଏବଂ ସାର୍ଟିଫିକେଟ୍ କରାଇଦେବା ନାମରେ ଠକେଇ ଅଭିଯୋଗରେ ଜଣେ ବ୍ୟକ୍ତିଙ୍କୁ ଉମରକୋଟ ପୋଲିସ ଗିରଫ କରିଛି। ଗିରଫ ବ୍ୟକ୍ତି ହେଲେ ରମାକାନ୍ତ ବେହେରା, ପିତା– ହିରଣ୍ୟ ବେହେରା। ତାଙ୍କର ସ୍ଥାୟୀ ବାସସ୍ଥାନ ବରଗଡ଼ ଜିଲ୍ଲା, ବରଗଡ଼ ଥାନା ଅଞ୍ଚଳ, ହୋଇଥିବା ବେଳେ ବର୍ତ୍ତମାନ ସେ ନବରଙ୍ଗପୁର ଜିଲ୍ଲା, ଉମରକୋଟ ଥାନା ଅନ୍ତର୍ଗତ ଧୋଡ୍ରା ଗ୍ରାମରେ ବସବାସ କରୁଥିବା ଜଣାପଡ଼ିଛି। ଅଭିଯୋଗ ଅନୁଯାୟୀ, ରମାକାନ୍ତ ବେହେରା ବି.ଇଡି



ଆଡମିସନ୍ ସହ ସାର୍ଟିଫିକେଟ୍ କରାଇ ଦେବାର ପ୍ରତିଶ୍ରୁତି ଦେଇ ଉମରକୋଟ ଅଞ୍ଚଳର ବିଭିନ୍ନ ଛାତ୍ରଛାତ୍ରୀଙ୍କ ଠାରୁ ଲକ୍ଷାଧିକ ଟଙ୍କା ଆଦାୟ କରିଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ପ୍ରଭାବିତ ଛାତ୍ରଛାତ୍ରୀମାନେ ଉମରକୋଟ ଥାନାରେ ଏକ ଲିଖିତ ଅଭିଯୋଗ ଦାଖଲ କରିଥିଲେ। ଘଟଣାକୁ ଗୁରୁତ୍ୱର ସହ ନେଇ ଉମରକୋଟ ଥାନା ଭାରପ୍ରାପ୍ତ ଅଧିକାରୀ ତଦନ୍ତ ଆରମ୍ଭ କରିଥିଲେ। ତଦନ୍ତରେ ଅଭିଯୋଗର ସତ୍ୟତା ସାମ୍ନାକୁ ଆସିବା ପରେ ପୋଲିସ ଅଭିଯୁକ୍ତ ରମାକାନ୍ତ ବେହେରାଙ୍କୁ ଗିରଫ କରିଛି। ଏହି ଘଟଣାକୁ ନେଇ ଉମରକୋଟ ଥାନା କେସ୍ ନଂ– ୨୦୬/୨୦୨୬ରେ ବି.ଏନ୍.ଏସ୍. ଧାରା ୩୧୮(୪), ୩୩୬(୨), ୩୩୮/୩୩୬(୩), ୩୪୦(୨) ଏବଂ ୩(୩) ଅନୁଯାୟୀ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ ଜେଲ୍ ହାଜତରେ ଫରୱାର୍ଡ କରି ଅଧିକରୁ ଅଧିକ ତଦନ୍ତ ଜାରି ରହିଛି ବୋଲି ସୂଚନା ମିଳିଛି।

# ଅଗଷ୍ଟ ୨୧ରୁ ସୁପ୍ରିମ୍‌କୋର୍ଟରେ ହେବ ସମାଧାନ ସମାରୋହ-୨୦୨୬

କଟକ, ନ୍ୟୁଜ୍ ବ୍ୟୁରୋ

ଭାରତର ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଏକ ବିଶେଷ ଲୋକ ଅଦାଲତ ଆସନ୍ତା ଅଗଷ୍ଟ ୨୧, ୨୨, ୨୩ ତାରିଖରେ ଭାରତର ସର୍ବୋଚ୍ଚ ନ୍ୟାୟାଳୟ ନୂଆଦିଲ୍ଲୀରେ ଆୟୋଜିତ ହେବାକୁ ଯାଉଛି । ଏହି ପ୍ରକ୍ରିୟାରେ ଭାରତର ସର୍ବୋଚ୍ଚ ନ୍ୟାୟାଳୟଙ୍କ ଠାରେ ବିଚାରଧିନ ଥିବା ପାରିବାରିକ, ବିବାହ, ଦୁର୍ଘଟଣାଜନିତ କ୍ଷତିପୁରଣ ମାମଲା, ଧନାଦେଶ ଅଗ୍ରାହ୍ୟ (ଚେକ୍ ବାଉନ୍ସ) ମାମଲା, ଶ୍ରମ ବିବାଦ, ଭୂ-ଅଧିଗ୍ରହଣ ଜନିତ ମାମଲା ରଫାଯୋଗ୍ୟ ଫୌଜଦାରୀ ମାମଲା ଓ ଆପୋଷ ବୁଝାମଣା ଦ୍ୱାରା ସମାପ୍ତ ହୋଇପାରୁଥିବା ସମ୍ଭାବ୍ୟ ଉପଯୁକ୍ତ ଅନ୍ୟାନ୍ୟ ମାମଲାଗୁଡ଼ିକ ଫଇସଲା କରାଯିବ । ଏ ସମ୍ପର୍କରେ ଅଧିକ ସୂଚନା ନିମନ୍ତେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, କଟକ, ଫୋନ୍ ନଂ- ୦୬୭୧-୨୩୬୮୩୮୩, ୮୪୮୦୮୩୧୮୩୧ ଓ ଇ-ମେଲ୍– dlsacuttack@gmail.comରେ ଯୋଗାଯୋଗ କରାଯାଇପାରିବ । ଏଥିରେ ଆଇନଜୀବୀ, ମକଦ୍ଦମାକାରୀ ଏବଂ ସମ୍ପୃକ୍ତ ପକ୍ଷମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରି ବିବାଦର ଶୀଘ୍ର ଓ ସହଜ ସମାଧାନ କରିପାରିବେ। ଅଂଶଗ୍ରହଣକାରୀମାନେ ପ୍ରତ୍ୟକ୍ଷ ଭାବେ କିମ୍ବା ଅନ୍‌ଲାଇନ୍ ମାଧ୍ୟମରେ ଯୋଗଦେଇ ଏହି ଅଦାଲତରେ ଭାଗ ନେଇପାରିବେ। ଏହି ବିଶେଷ ଲୋକ ଅଦାଲତରେ ମାମଲା ଅନ୍ତର୍ଭୁକ୍ତ କରିବାକୁ ଇଚ୍ଛୁକ ପକ୍ଷମାନେ ନିର୍ଦ୍ଧାରିତ ଗୁଗୁଲ୍ ଫର୍ମ ପୂରଣ କରି ଆବେଦନ କରିପାରିବେ। ଏହି ସମ୍ପର୍କରେ ସମସ୍ତ ତଥ୍ୟ ଏବଂ ଆବେଦନ ଲିଙ୍କ ସର୍ବୋଚ୍ଚ ନ୍ୟାୟାଳୟଙ୍କ ୱେବସାଇଟ୍‌ରେ ଉପଲବ୍ଧ ରହିଛି।

# ନିଶାନିବାରଣ କେନ୍ଦ୍ର ମୃତ୍ୟୁ ଘଟଣା:ମାଲିକ ସମେତ ୯ଜଣ କୋର୍ଟ ଚାଲାଣ

ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ

ଜାରକା ସୁଧାରପଥ ନିଶାନିବାରଣ କେନ୍ଦ୍ର ମୃତ୍ୟୁ ଘଟଣାରେ ଧର୍ମଶାଳା ପୋଲିସ ନିଶାନିବାରଣ କେନ୍ଦ୍ରର ମାଲିକ ସମେତ ୯ ଜଣ ଗିରଫ କରି କୋର୍ଟ ଚାଲାଣ କରିଛି। ଧର୍ମଶାଳା ଥାନା ପରିସରରେ ସୋମବାର ଦିନ ଅପରାହ୍ନରେ ଆହୁତ ସାମ୍ବାଦିକ ସମ୍ମିଳନୀରେ ଯାଜପୁରରୋଡ଼ ଏସ୍‌ଡିପିଓ ଶରତଚନ୍ଦ୍ର ପାତ୍ର ସୂଚନା ଦେଇଛନ୍ତି। ଗତ ୧୯ ତାରିଖ ଦିନ ଭଗବାନପୁର ଗ୍ରାମର ରାଜୀବ ବାରିକ (୩୮)ଙ୍କୁ ଅନ୍ତେବାସୀଙ୍କ ଦାଢ଼ି ଓ ଚୁଟି କାଟିବା ପାଇଁ ଡାକିଥିଲେ। ରାଜୀବଙ୍କୁ ତା ପୁଅ ଚନ୍ଦନ ବାଇକ୍‌ରେ ଆଣି ସୁଧାର କେନ୍ଦ୍ରରେ ଛାଡିଥିଲେ। ଡେରି ହେବ ବୋଲି ପୁଅ ଗାଁକୁ ପଳାଇଥିଲା। ଅପରାହ୍ନ ୪ଟାରେ ଏକ ଅଜଣା ଫୋନ୍ କଲ୍‌ରେ ତାଙ୍କ ସ୍ତ୍ରୀଙ୍କୁ କହିଲେ ଯେ ତାଙ୍କ ସ୍ୱାମୀଙ୍କର ମୃତ୍ୟୁ ହୋଇଯାଇଛି। ସେ ଧର୍ମଶାଳା ସ୍ୱାସ୍ଥ୍ୟକେନ୍ଦ୍ରରେ ଅଛନ୍ତି। ଖବର ପାଇବା ପରେ ପରିବାର ଲୋକେ ଆସି ଘଟଣା ବିଷୟରେ ଜାଣିଲେ ଓ ପରେ ତାଙ୍କ ସ୍ତ୍ରୀ ସ୍ୱାମୀକୁ ପିଟିପିଟି ମାରି ଦେଇଥିବା ଧର୍ମଶାଳା ଥାନାରେ ଲିଖିତ ଅଭିଯୋଗ କଲେ। ଧର୍ମଶାଳା ପୋଲିସ କେସ୍ ନଂ ୨୫୨/୨୬ ଅନୁଯାୟୀ ମାମଲା ରୁଜୁକରି ଘଟଣାର



ତଦନ୍ତ କରୁଛି । ସାଇଣ୍ଟିଫିକ୍ ଟିମ୍ ଓ ସୁଧାରପଥ କେନ୍ଦ୍ରର ସିସିଟିଭି ଫୁଟେଜ୍‌ରୁ ତଥ୍ୟ ସଂଗ୍ରହକରି ସୋମବାର ଦିନ ମାଲିକ ସମେତ ୮ଜଣ ଅନ୍ତେବାସୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ମାଲିକ ବଡ଼ମାଙ୍ଗଳପୁର ଗ୍ରାମର ରବିନାରାୟଣ ପଣ୍ଡାଙ୍କ ପୁଅ ରଶ୍ମିରଞ୍ଜନ ପଣ୍ଡା (୩୫), କୁଆଖିଆ ଥାନା କଲଣ ଗ୍ରାମର ରମେଶଚନ୍ଦ୍ର ସାହୁଙ୍କ ପୁଅ ସିଦ୍ଧାର୍ଥଶେଖର ସାହୁ (୩୧), ଭଦ୍ରକ ଜିଲ୍ଲା ଧୂଷୁରୀ ଥାନା ଆରଡ଼ି ଗ୍ରାମର ପ୍ରଶାନ୍ତ ଦାସଙ୍କ ପୁଅ ଚନ୍ଦନକୁମାର ଦାସ (୨୮), ବିଂଝାରପୁର ଥାନା ସ୍ୱାଇଁକୂଳ ଗ୍ରାମରେ ପ୍ରଶାନ୍ତ କୁମାର ରଥଙ୍କ ପୁଅ ବିଶ୍ୱଜିତ ରଥ (୨୨), ଧର୍ମଶାଳା ଥାନା ଚକ୍ରୋଡା ଗ୍ରାମର ରବୀନ୍ଦ୍ର ପଣ୍ଡାଙ୍କ ପୁଅ ମହେନ୍ଦ୍ର ପଣ୍ଡା (୩୨), କେନ୍ଦୁଝର ଜିଲ୍ଲା ମଣ୍ଡାଉ ଥାନା ଟିକଗୁମୁରା ଗ୍ରାମର ସୁନୀଲପ୍ରସାଦଙ୍କ ପୁଅ ସୁମିତପ୍ରସାଦ (୪୦), ଧର୍ମଶାଳା ଥାନା ଜାରକାର କୈଳାସ ପାତ୍ରଙ୍କ ପୁଅ କୌଶିକ ପାତ୍ର (୨୫), ଏହି ଥାନା ଉତ୍ତର ଶାସନ ଗ୍ରାମର ଭାସ୍କର ଶତପଥୀଙ୍କ ପୁଅ ଆଶିଷ ଶତପଥି (୩୫), ବାଲେଶ୍ୱର ଜିଲ୍ଲା ଟାଉନ୍ ଥାନା ସୁନାହାଟ ଗ୍ରାମର ପ୍ରଭଞ୍ଜନ ପାଣିଙ୍କ ପୁଅ ମୀମାଂଶୁ ପାଣି (୨୨)। ଏହି ସାମ୍ବାଦିକ ସମ୍ମିଳନୀରେ ଥାନା ଅଧିକାରୀ ଚିନ୍ମୟୀ ସାହୁ ଓ ଅନ୍ୟ ଥାନା ଅଧିକାରୀମାନେ ଉପସ୍ଥିତ ଥିଲେ।

# ଜୁଲାଇ ୧୨ରେ ଓୟୁଜେ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ

ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ

ଓଡ଼ିଶା ସାମ୍ବାଦିକ ସଂଘର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ତଥା ଜିଲ୍ଲାର ବାର୍ଷିକ ଉତ୍ସବ ଆସନ୍ତା ଜୁଲାଇ ୧୨ ତାରିଖରେ ସୁବର୍ଣ୍ଣପୁର ଠାରେ ଅନୁଷ୍ଠିତ ହେବ। ଏଥିପାଇଁ ସମସ୍ତ ଆନୁସଙ୍ଗିକ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ରାଜ୍ୟର ୩୦ଟି ସାଙ୍ଗଠନିକ ଜିଲ୍ଲାରୁ ଶତାଧିକ ସଂଘ କର୍ମକର୍ତ୍ତା ଏହି ବୈଠକରେ ଯୋଗଦେବାକୁ ଥିବାରୁ ବର୍ତ୍ତମାନ ଠାରୁ ଆୟୋଜକ ଜିଲ୍ଲା ଓଜେୟୁ କର୍ମକର୍ତ୍ତା ତଥା ଜିଲ୍ଲାର ସାମ୍ବାଦିକ ମହଲରେ ଉତ୍ସାହ ଦେଖିବାକୁ ମିଳିଛି। ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଓ ପରେ ଆଲୋଚନା ଚକ୍ରରେ ଅନେକ ରାଜନେତା, ବରିଷ୍ଠ ପ୍ରଶାସନିକ ଅଧିକାରୀ ଅତିଥି ଭାବରେ ଥିବାବେଳେ ଏ ଉପଲକ୍ଷେ ସୁବର୍ଣ୍ଣପୁର ଜିଲ୍ଲାର ବିଭବ ତଥା କଳା ସଂସ୍କୃତି ଓ ପର୍ଯ୍ୟଟନ ସମ୍ବନ୍ଧିତ ଏକ ସ୍ମରଣିକା ମଧ୍ୟ ପ୍ରକାଶ ପାଇବ। ଏଣୁ ରାଜ୍ୟର ସମସ୍ତ ଲବ୍ଧ ପ୍ରତିଷ୍ଠିତ ସାହିତ୍ୟିକ, ଗବେଷକ ମାନଙ୍କୁ ଚଳିତ ଜୁନ୍ ୨୮ ତାରିଖ ମଧ୍ୟରେ ସମସ୍ତ ଲେଖା ନିମ୍ନ ଲିଖିତ ଇମେଲ୍ ojusubarnapur @gmail.com ରେ ପଠାଇବାକୁ ଅନୁରୋଧ କରାଯାଇଛି।

# ୧୦ ମୋଟରଚାଳିତ ବୋଟ୍ ସଂରକ୍ଷଣ ଅଭାବରୁ ନଷ୍ଟ ହେଉଛି

ଧାମନଗର, ନ୍ୟୁଜ୍ ବ୍ୟୁରୋ

ଧାମନଗର ବ୍ଲକ, ତହସିଲ ଅଧୀନରେ ରିଲିଫ୍ ଓ ଉଦ୍ଧାର କାର୍ଯ୍ୟ ପାଇଁ ଥିବା ବୋଟ୍‌ଗୁଡ଼ିକ ଏବେ ସରକାରୀ ଅର୍ଥ ହରିଲୁଟ୍ ଏବଂ ରାଜନୈତିକ ତୁଷ୍ଟିକରଣର ପ୍ରମୁଖ ମାଧ୍ୟମ ପାଲଟିଛି। ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ ପକ୍ଷରୁ ମିଳୁଥିବା ଲକ୍ଷ ଲକ୍ଷ ଟଙ୍କାର ଅନୁଦାନକୁ ମରାମତି ନାଁରେ କେବଳ ରଙ୍ଗ ବୋଳି ଚଳୁ କରାଯାଉଥିବା ବେଳେ, ପ୍ରଭାବଶାଳୀ ନେତାମାନେ ନିଜ କର୍ମୀଙ୍କୁ ଅସ୍ଥାୟୀ ନିଯୁକ୍ତି ଦେଇ ସରକାରୀ ତହବିଲ୍‌କୁ ଶୋଷଣ କରୁଥିବା ଅଭିଯୋଗ ହୋଇଛି। ଧାମନଗର ଅଞ୍ଚଳରେ ବନ୍ୟା ସ୍ଥିତିକୁ ସାମ୍ନା କରିବା ପାଇଁ ଦୀର୍ଘ ବର୍ଷ ହେବ ୧୦ଟି ମୋଟର ଚାଳିତ ବୋଟ୍ ମୁତୟନ କରାଯାଇଛି। ଏଥିରୁ ୭ଟି ବ୍ଲକ ଏବଂ ୩ଟି ତହସିଲ ଅଧୀନରେ ରହିଛି। ପ୍ରତିବର୍ଷ ଜୁନ୍ ମାସ ପୂର୍ବରୁ ଏଗୁଡ଼ିକର ରକ୍ଷଣାବେକ୍ଷଣ ଓ ମରାମତି ପାଇଁ ପ୍ରାୟ ୫ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଉଥିବା ସରକାରୀ ଖାତାରେ ଦର୍ଶାଯାଉଛି। କିନ୍ତୁ ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଭିନ୍ନ। ବୋଟ୍‌ଗୁଡ଼ିକର କୌଣସି ଯାନ୍ତ୍ରିକ ମରାମତି ନକରି, କେବଳ ଉପରଠାଉରିଆ ଭାବେ ରଙ୍ଗ ମାରି ଲକ୍ଷ ଲକ୍ଷ ଟଙ୍କାର ଜାଲ୍ ବିଲ୍ ପାସ୍ କରାଯାଉଛି। ବୋଟ୍‌ଗୁଡ଼ିକରେ ଏବେବି ସେହି ପୁରୁଣା ଓ ଅଚଳ ମୋଟର ଲାଗି ରହିଛି, ଯାହା ଜରୁରୀକାଳୀନ ସମୟରେ ବିପଦକୁ ଆମନ୍ତ୍ରଣ



କରୁଛି। ସରକାରୀ ସମ୍ପତ୍ତିର ସୁରକ୍ଷା ଓ ରକ୍ଷଣାବେକ୍ଷଣ ବ୍ଲକ କିମ୍ବା ତହସିଲ ପରିସରରେ ହେବା କଥା। କିନ୍ତୁ ଧାମନଗରରେ ନିୟମକୁ ବୁଢ଼ା ଆଙ୍ଗୁଠି ଦେଖାଇ ବୋଟ୍‌ଗୁଡ଼ିକୁ ବ୍ୟକ୍ତିଗତ ସମ୍ପତ୍ତି ଭଳି ବ୍ୟବହାର କରାଯାଉଛି। ଏହି ବୋଟ ଗୁଡ଼ିକ ଏବେ ଅଣସଂରକ୍ଷିତ ଭାବେ ବିଭିନ୍ନ ସ୍ଥାନରେ ପଡ଼ିରହି ନଷ୍ଟ ହେଉଛି। ବିଗତ କିଛି ବର୍ଷ ହେବ ଧାମନଗରରେ ସେଭଳି କୌଣସି ବଡ଼ ବନ୍ୟା ଆସିନାହିଁ। ନୂଆ ସରକାର ଆସିବା ପରେ ବନ୍ୟା ନିୟନ୍ତ୍ରଣ ବ୍ୟବସ୍ଥା ଅଧିକ ସୁଦୃଢ଼ ହୋଇଛି ଏବଂ ଜରୁରୀ ସମୟରେ ଓଡ୍ରାଫ୍ ଓ ଅଗ୍ନିଶମ ବାହିନୀ ମୁତୟନ ହେଉଛନ୍ତି। ଏଭଳି ସ୍ଥିତିରେ ଏହି ମୋଟର ବୋଟ୍‌ଗୁଡ଼ିକର କୌଣସି ପ୍ରାସଙ୍ଗିକତା ନଥିବା ବେଳେ କେବଳ ଆଭିଜାତ୍ୟ ଦେଖାଇବା ପାଇଁ ଏହାକୁ ଜିଆଇଁ ରଖାଯାଇଛି। ପ୍ରତି ବୋଟ୍‌ରେ ୨ ଜଣ ଲେଖାଏଁ ମୋଟ୍ ୨୦ ଜଣ କର୍ମଚାରୀ ଅଛନ୍ତି, ଯେଉଁଥିରୁ ୧୯ ଜଣ ଅସ୍ଥାୟୀ। ଜୁନ୍ ୧୫ରୁ ନଭେମ୍ବର ୧୫ ପର୍ଯ୍ୟନ୍ତ ଏହି ଅସ୍ଥାୟୀ ଲଞ୍ଚ ଡ୍ରାଇଭରଙ୍କୁ ୧୩,୯୦୦ ଟଙ୍କା ଏବଂ କ୍ରିଉ ଷ୍ଟାଫ୍‌ଙ୍କୁ ୧୨,୯୦୦ ଟଙ୍କା ମାସିକ ଦରମା ଦିଆଯାଉଛି। ବନ୍ୟା ନଥାଇ ମଧ୍ୟ ରାଜନୈତିକ ପ୍ରଭାବରେ ସରକାରୀ ପାଣ୍ଠି ଅପବ୍ୟୟ କରାଯାଉଛି । ଏପରିକି ଏହି କର୍ମଚାରୀମାନଙ୍କୁ ବୋଟ୍ କାମ ପରିବର୍ତ୍ତେ ବ୍ଲକର ଅନ୍ୟ ବ୍ୟକ୍ତିଗତ କାର୍ଯ୍ୟରେ ଲଗାଯାଉଥିବା ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଜନସାଧାରଣଙ୍କ ଟିକସ ଟଙ୍କାରେ ଚାଲିଥିବା ଏହି ଓ ଦୁର୍ନୀତି ବିରୋଧରେ ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଦାବି ହେଉଛି।



# ବେଆଇନ୍ ଗଚ୍ଛିତ ବାଲି ଜବତ

କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ

କେନ୍ଦ୍ରାପଡା ଜିଲ୍ଲାର ବିଭିନ୍ନ ସ୍ଥାନରେ ବର୍ଷାଋତୁ ପୂର୍ବରୁ ବାଲି ମାଫିଆମାନେ ବାଲି ଉଠାଇ ଗଚ୍ଛିତ ରଖି କଳାବଜାରୀ କରୁଥିବା ଖବର ପାଇବା ପରେ ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଗରଦପୁର ଓ କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ କପାଳେଶ୍ୱରରେ ପ୍ରାୟ ହଜାରେ କ୍ୟୁବିକ୍ ମିଟର ଗଚ୍ଛିତ ଥିବା ବେଆଇନ୍ ବାଲିକୁ ଜବତ କରାଯାଇଛି। ଉପଜିଲ୍ଲାପାଳ ଶ୍ରୀ ନାୟକଙ୍କ ନିର୍ଦ୍ଦେଶକ୍ରମେ କେନ୍ଦ୍ରାପଡା ତହସିଲଦାର କୁଇନି ଜେନା ଓ କପାଳେଶ୍ୱର ଠାରେ ବାଲି ଜବତ କରି ଜିଲ୍ଲା ଖଣି ଅଧିକାରୀଙ୍କୁ ଜିମା ଦିଆଯାଇଛି। ତେବେ ବିଭିନ୍ନ ସ୍ଥାନରେ ବାଲି ଗଚ୍ଛିତ ରଖି ଏହାକୁ ଚଢା ମୂଲ୍ୟରେ ବିକ୍ରି କରୁଥିବାରୁ ଗରିବ ଲୋକମାନେ ଆବଶ୍ୟକ ଅନୁଯାୟୀ ବାଲି କିଣି ନପାରି ନିରାଶ ହେଉଛନ୍ତି।

# ବିରୂପାରେ ନିଖୋଜ ଯୁବକଙ୍କ ଶବ ଉଦ୍ଧାର

ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ

ବିରୂପା ନଦୀରେ ରବିବାର ସନ୍ଧ୍ୟାରେ ଗାଧୋଉଥିବା ବେଳେ ନିଖୋଜ ହୋଇଥିବା ଜ୍ୟୋତିଷ ପେରପେକା ନାମକ ଯୁବକଙ୍କ ଶବକୁ ଅଗ୍ନିଶମ କର୍ମଚାରୀମାନେ ସୋମବାର ଅପରାହ୍ଣରେ ଉଦ୍ଧାର କରିବାରେ ସଫଳ ହୋଇଛନ୍ତି । ସୂଚନାଯୋଗ୍ୟ ଯେ କୋରାପୁଟ ଜିଲ୍ଲାର ଜ୍ୟୋତିଷ ରବିବାର ୫ଟା ସମୟରେ ବିରୂପା ନଦୀରେ ଚୌଦ୍ୱାର ବ୍ୟାରେଜ ନିକଟରେ ଗାଧୋଉଥିବା ବେଳେ ହଠାତ୍ ସେ ଗଭୀର ପାଣିକୁ ଚାଲିଯାଇ ନିଖୋଜ ହୋଇଯାଇଥିଲେ । ଚୌଦ୍ୱାର ଓ କଟକ ଅଗ୍ନିଶମ ବାହିନୀ ଓ ଓଡ୍ରାଫ୍ ଟିମ୍ ମିଳିତ ଭାବେ ନିଖୋଜ ଯୁବକଙ୍କୁ ଖୋଜା ଖୋଜି କରିଥିଲେ ହେଁ ସନ୍ଧ୍ୟା ହୋଇଯାଇଥିବାରୁ ଉଦ୍ଧାର କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ସୋମବାର ଦିନସାରା ଖୋଜାଖୋଜି ପରେ ଅପରାହ୍ଣ ୪ଟା ବେଳେ ବିରୂପା ଗାଳାରୁ ଶବକୁ ଉଦ୍ଧାର କରାଯାଇଥିଲା । ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ଚାଲାଣ ବେଳେ ୩୭ ଗୋରୁ ଉଦ୍ଧାର:୨ ଅଟକ

ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ

ପ୍ରାପ୍ତ ସୂଚନା ଅନୁଯାୟୀ ବୌଦ୍ଧ ଥାନା କନ୍ଧଧୂମାଲ ଗ୍ରାମ ନିକଟରୁ ଗୋରୁ ଚାଲାଣ ବେଳେ ୩୭ ଗୋରୁଙ୍କୁ ଉଦ୍ଧାର କରିଛି ବଜରଙ୍ଗ ଦଳ ଓ ବିଶ୍ୱ ହିନ୍ଦୁ ପରିଷଦ । ମିଳିଥିବା ସୂଚନା ଅନୁଯାୟୀ ହରଭଙ୍ଗା ବ୍ଲକ ନୂଆପଡା ଅଞ୍ଚଳରୁ ଆଭ୍ୟନ୍ତରୀଣ ରାସ୍ତା ଦେଇ ଗୋରୁ ଚାଲାଣ ହେଉଥିବା ଖବରପାଇ ବଜରଙ୍ଗ ଦଳ ଓ ବିଶ୍ୱ ହିନ୍ଦୁ ପରିଷଦର କର୍ମକର୍ତ୍ତାମାନେ ମୁଣ୍ଡାପଡା ପଞ୍ଚାୟତ କନ୍ଧଧୂମାଲ ଗ୍ରାମ ନିକଟରୁ ୩୭ଟି ଗୋରୁଙ୍କୁ ଉଦ୍ଧାର କରି ଗୋଟିଏ ବୁଲେଟ୍ ସହ ଦୁଇ ଚାଲାଣକାରୀଙ୍କୁ ଅଟକ ରଖି ପୋଲିସକୁ ସୂଚନା ଦେଇଥିଲେ । ପୋଲିସ ଘଟଣା ସ୍ଥଳରେ ପହଞ୍ଚି ବୁଲେଟ୍ ଓ ଦୁଇ ଚାଲାଣକାରୀଙ୍କୁ ଥାନାକୁ ଆଣି ପଚରା ଉଚୁରା କରୁଥିବା ସୂଚନା ମିଳିଛି । ଅଟକ ଥିବା ଦୁଇ ବ୍ୟକ୍ତି ହେଲେ ରକସା ଗ୍ରାମ ପଞ୍ଚାୟତ କାଦପଦର୍ ଗ୍ରାମର ରୁଦ୍ର ନାରାୟଣ ରାଜହଂସ ଓ କିରାସିରା ଗ୍ରାମର ପଞ୍ଚମନ ଜଗଦଲା ବୋଲି ସୂଚନା ମିଳିଛି । ଉଦ୍ଧାର ହୋଇଥିବା ୩୭ ଗୋରୁଙ୍କୁ କାର୍ଡ ଦ୍ୱାରା ପରିଚାଳିତ ସୁରେଖା ଦେବୀ ଗୋଶାଳାକୁ ହସ୍ତାନ୍ତର କରାଯାଇଛି ।



# ସୁନ୍ଦରଗଡ଼ ଜିଲ୍ଲାକୁ ଶିଶୁ ଶ୍ରମିକ ମୁକ୍ତ କରିବା ଉପରେ ଗୁରୁତ୍ୱ

ରାଉରକେଲା, ନ୍ୟୁଜ୍ ବ୍ୟୁରୋ

ସୁନ୍ଦରଗଡ଼ ଠାରେ ଗତ ୨୦ ତାରିଖରେ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧ୍ୟକ୍ଷା ଏବଂ ସଭ୍ୟଙ୍କ ସୁନ୍ଦରଗଡ଼ ଗସ୍ତ ଅବସରରେ ବିଭିନ୍ନ ବିଭାଗୀୟ ଅଧିକାରୀ ମାନଙ୍କ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଓ କର୍ମଶାଳା ଅନୁଷ୍ଠିତ ହୋଇ ଜିଲ୍ଲାକୁ ଶିଶୁ ଶ୍ରମ ମୁକ୍ତ କରିବା ନେଇ ଆଲୋଚନା କରାଯାଇଥିଲା। ଏଥିରେ ଆୟୋଗର ଅଧ୍ୟକ୍ଷା ବବିତା ପାତ୍ର, ସଭ୍ୟ କଳ୍ପନା ଲେଙ୍କା, ଜିଲ୍ଲାପାଳ ଡା ଶୁଭଙ୍କର ମହାପାତ୍ର, ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ସଚିବ ରିନତୀ ମିଶ୍ର, ଅତିରିକ୍ତ ଜିଲ୍ଲାପାଳ ସୂରଜ ପଟ୍ଟନାୟକ, ସଦର ଉପଜିଲ୍ଲାପାଳ ତେଜସ୍ୱିନୀ ବେହେରା, ରାଉରକେଲାର ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରାବଣୀ ନାୟକ ପ୍ରମୁଖ ଯୋଗଦେଇଥିଲେ। ବୈଠକରେ ଜିଲ୍ଲାପାଳ ଡ଼ା ମହାପାତ୍ର





ଶିଶୁ ଶ୍ରମ ଉଚ୍ଛେଦ ନିମନ୍ତେ ବ୍ୟାପକ ଜନସଚେତନତା ସୃଷ୍ଟି ଉପରେ ଆଲୋଚନା କରିଥିଲେ ଏବଂ ଅଧାରୁ ପାଠ ଛାଡୁଥିବା ଶିଶୁମାନଙ୍କୁ ପୁନଶ୍ଚ ବିଦ୍ୟାଳୟକୁ ଫେରାଇ ଆଣିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଅଧ୍ୟକ୍ଷା ଶ୍ରୀମତୀ ପାତ୍ର ସମସ୍ତ ବିଭାଗ ସହିତ ସମନ୍ୱୟ ରକ୍ଷା କରି ଏକ ଶିଶୁ ଶ୍ରମ ମୁକ୍ତ ଜିଲ୍ଲା ଏବଂ ରାଜ୍ୟ ଗଠନ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଶିଶୁ ଶ୍ରମ ଏକ ଗୁରୁତର ସମସ୍ୟା, ଏହାକୁ ମୂଳୋତ୍ପାଟନ କରିବାକୁ ସମସ୍ତେ ଆଗଭର ହେବା ଆବଶ୍ୟକ। ସେହିଭଳି ଶିଶୁ ଶ୍ରମିକର କାରଣ ବାହାର କରିବା ସହିତ ଶିଶୁମାନଙ୍କ ପୁନର୍ବାସ ଉପରେ ଆଲୋଚନା କରିଥିଲେ। ସେହିଭଳି ଶିଶୁ ଚାଲାଣ ଆଦିକୁ ରୋକିବା ନିମନ୍ତେ ଟାସ୍କଫୋର୍ସ ଗଠନ ସହିତ ବ୍ୟାପକ ଏନ୍‌ଫୋର୍ସମେଣ୍ଟ ଉପରେ ମଧ୍ୟ ଆଲୋଚନା କରିଥିଲେ । ଏହି ଅବସରରେ ଜ୍ୟୋତି ପ୍ରକାଶ ବ୍ରହ୍ମା ବିଶେଷଜ୍ଞ ଭାବେ ଯୋଗଦେଇ ଶିଶୁ ଶ୍ରମ ନିବାରଣ ଆଇନ୍ ୧୯୮୬ ଉପରେ ଉପସ୍ଥାପନ କରିଥିଲେ ଏବଂ ଶିଶୁ ଓ କିଶୋର ଶ୍ରମର ଆଇନଗତ ପରିଭାଷା, ଶିଶୁ ଶ୍ରମିକ ଏବଂ ବିପଦଜନକ କାର୍ଯ୍ୟ ନିଷେଧ ଆଦି ଉପରେ ଆଲୋଚନା କରିଥିଲେ ଏବଂ ଏହି ଆଇନ୍‌ର ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନ ଉପରେ ଗୁରୁତ୍ୱାରୋପ କରିଥିଲେ। ପରେ ପରେ ଅଂଶଗ୍ରହଣକାରୀମାନେ ଶିଶୁ ଶ୍ରମ ଓ ଶିଶୁ ଅଧିକାର ସୁରକ୍ଷା ସମ୍ପର୍କିତ ବିଭିନ୍ନ ପ୍ରଶ୍ନ ପଚାରି ବୁଝିଥିଲେ। ବୈଠକରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀବନ୍ତ ଜେନା, ଜିଲ୍ଲା ଶ୍ରମଅଧିକାରୀ ଗୋପାଳ ମଙ୍ଗରାଜ, ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, ବିଭିନ୍ନ ଥାନା ଅନ୍ତର୍ଗତ ପୋଲିସ ଅଧିକାରୀ, ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷା ଓ ସଭ୍ୟ, ସମସ୍ତ ସିଡିପିଓ ଏବଂ ବିଭିନ୍ନ ସାମାଜିକ ସଂଗଠନର କର୍ମକର୍ତ୍ତାମାନେ ଉପସ୍ଥିତ ରହିଥିଲେ।



# ରୋମାନିଆରେ ନାଟକ ପରିବେଷଣ କରିଥିବା କିସ୍ ଜନଜାତି ଛାତ୍ରଛାତ୍ରୀ ମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ବାରିପଦା, ନ୍ୟୁଜ୍ ବ୍ୟୁରୋ

ୟୁରୋପର ରୋମାନିଆ ଦେଶରେ ବିଶ୍ୱ ଥିଏଟର ଫେଷ୍ଟିଭାଲ୍ ଅବସରରେ ଇଂରାଜୀ ସାହିତ୍ୟ ଜଗତର ସୁପ୍ରସିଦ୍ଧ ନାଟ୍ୟକାର ଉଇଲିଅମ୍ ସେକସ୍‌ପିଅରଙ୍କ ପ୍ରସିଦ୍ଧ ନାଟକ ରୋମିଓ ଜୁଲିଏଟ୍, ମେକ୍‌ବେଥ୍, ହାମ୍‌ଲେଟ୍ ନାଟକ ପରିବେଷଣ କରି ଓଡ଼ିଶା ଓ ଭାରତ ପାଇଁ ଗର୍ବ ଓ ଗୌରବ ଆଣିଥିବା କିସ୍ ବିଶ୍ୱବିଦ୍ୟାଳୟର ଜନଜାତି ଛାତ୍ରଛାତ୍ରୀମାନେ ଏକ ସ୍ୱତନ୍ତ୍ର ବସ୍‌ରେ ସୁଦୂର ଭୁବନେଶ୍ୱରରୁ ଆସି କିସ୍ ବାରିପଦା ବିଦ୍ୟାଳୟରେ ରାତ୍ରୀ ଯାପନ କରିବା ସହ କ୍ୟାମ୍ପସ୍ ବୁଲିଥିଲେ । ଏହି ଅବସରରେ ତାଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ପ୍ରତିଷ୍ଠାତା ଡଃ ଅଚ୍ୟୁତ ସାମନ୍ତଙ୍କ ମାର୍ଗଦର୍ଶନ ଓ ପ୍ରେରଣା କ୍ରମେ କିସ୍‌ର ଜନଜାତି ଛାତ୍ରଛାତ୍ରୀ ବିଶ୍ୱ ଦରବାରରେ ସାନ୍ତାଳୀ ଭାଷାରେ ନାଟକ ପରିବେଷଣ କରି ଇତିହାସ ସୃଷ୍ଟି କରିଥିବାରୁ ପ୍ରଧାନ ଶିକ୍ଷକ ଗଣେଶ ମିଶ୍ର ପ୍ରତିଷ୍ଠାତାଙ୍କୁ କୃତଜ୍ଞତା ଜଣାଇବା ସହ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଦ୍ୱାରା ଉଦ୍ଭାବନ ହୋଇଥିବା ସାନ୍ତାଳୀ ଲିପି 'ଅଲଚିକି'ର ଶହେ ବର୍ଷ ପୂର୍ତ୍ତୀ ଅବସରରେ ଏହା ଗୁରୁ ଗମକେ ପଣ୍ଡିତ ମୁର୍ମୁଙ୍କ ପାଇଁ ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ ବୋଲି ଶ୍ରୀ ମିଶ୍ର ନିଜ ବକ୍ତବ୍ୟରେ କହିଥିଲେ। ଉକ୍ତ କାର୍ଯ୍ୟକ୍ରମ ଆୟୋଜନରେ ବିଦ୍ୟାଳୟର ଅତିରିକ୍ତ ନୋଡାଲ୍ ଅଫିସର ଜାଗ୍ରତ ସାହୁ, ଅତିରିକ୍ତ ଉନ୍ନୟନ ଅଧିକାରୀ ସ୍ମୃତିରଞ୍ଜନ ରାୟ, ମାହି ଟୁଡୁ, କାଶୀନାଥ ମୁର୍ମୁ, ଚମ୍ପାମଣୀ ସୋରେନ୍, ରତିକାନ୍ତ ନାୟକ, ଅଭିରାମ ସୋରେନ୍, ବିକାଶ ମହାନ୍ତ, ଦେବଦତ୍ତ ଦିଗାର, ଶ୍ୟାମାପଦ ନନ୍ଦ ପ୍ରମୁଖ ସହଯୋଗ କରିଥିଲେ।

## ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଅଶ ପାଞ୍ଜି ଗଣନାକାର)
ମୋବାଇଲ-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର





ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୨୪।୦୬।୨୦୨୬, ଜୈ୍ୟଷ୍ଠ ଦ୧୦ନ, ବୁଧବାର**

**ସୂର୍ଯ୍ୟୋଦୟ- ଘ ୫।୧୧।୩୧ ଚନ୍ଦ୍ରୋଦୟ- ଦିଘ ୧।୫୦।୨୩**

ଦଶମୀ ସଂଘ ୬।୧୫ ପର୍ଯ୍ୟନ୍ତ, ଚିତ୍ରା ନକ୍ଷତ୍ର ଦିଘ ୧।୫୮ ପର୍ଯ୍ୟନ୍ତ। **ତୁଳା ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, ମିଥୁନ, ସିଂହ, କନ୍ୟା, ତୁଳା, ଧନୁ, ମକର ଓ କୁମ୍ଭ ରାଶିର । **ଘାତଚନ୍ଦ୍ର-** ନାହିଁ । **ଶ୍ରାଦ୍ଧନିର୍ଣ୍ଣୟ-** ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** କଳମ ଶାଗ ସଂଘ ୬।୧୫ ଗତେ ଶିମ୍ବ ଓ ଆମିଷ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୭।୫୩ ଗତେ ଦିଘ ୮।୩୩ ମଧ୍ୟେ। ଦିଘ ୧୦।୧୧ ଗତେ ଦିଘ ୧୧।୨୪ ମଧ୍ୟେ । **ପର୍ବୋତ୍ସବ-** ଗଙ୍ଗା ଦଶହରା, ଶ୍ରୀମନ୍ଦିରରେ ରାଜେନ୍ଦ୍ରାଭିଷେକ।



**ମେଷ:** କର୍ମକ୍ଷେତ୍ରରେ ସମସ୍ୟା ଦେଖାଦେବ। ଶତ୍ରୁଙ୍କ ଠାରୁ ସତର୍କତା ଅବଲମ୍ବନୀୟ। ଆୟ ଠାରୁ ବ୍ୟୟର ପରିମାଣ ଅଧିକ ହେବ। ଘରେ କଳହ ଓ ଅଶାନ୍ତି ଦେଖାଦେବ। ଠକାମିର ଶିକାର ହୋଇପାରନ୍ତି।



**ବୃଷ:** କାର୍ଯ୍ୟକ୍ଷେତ୍ରରେ ସଫଳତା ଦେଖାଦେବ। ଶରୀର ସୁସ୍ଥ ରହିବ। କଚେରୀ ମାମଲାରେ ଶୁଣାଣି ସାପେକ୍ଷ ଜନିତ ହେବ। ଆୟ ଓ ବ୍ୟୟ ସମାନ ରହିବ। ପାରିବାରିକ ଜୀବନରେ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ।



**ମିଥୁନ:** ପୁରାତନ କାର୍ଯ୍ୟ ସବୁ ସମ୍ପୂର୍ଣ୍ଣ ହେବ। ପରିଶ୍ରମର ମାତ୍ରା ଅଧିକ ହେବ। ଆର୍ଥିକ ସ୍ଥିତି ସୁଦୃଢ଼ ହେବ। ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବ। ସାମାଜିକ କ୍ଷେତ୍ରରେ ଲୋକ ସମ୍ପର୍କ ବୃଦ୍ଧି ପାଇବ ।



**କର୍କଟ:** କର୍ମକ୍ଷେତ୍ରରେ ସମସ୍ୟା ଦେଖାଦେବ। ଆୟ ଠାରୁ ବ୍ୟୟର ମାତ୍ରା ଅଧି କହେବ। ଘରେ ଅଶାନ୍ତି ଓ କଳହ ଦେଖାଦେଇପାରେ। ଯାନବାହାନ ଚାଳନାରେ ସତର୍କତା ଅବଲମ୍ବନୀୟ। ମନ ଅସ୍ଥିର ରହିବ ।



**ସିଂହ:** ଘରେ ବିଶୃଙ୍ଖଳା ସୃଷ୍ଟି ହେବ। ସତ କଥା କହି ନିଜର ଲୋକଙ୍କ ପାଖରେ ବିରୋଧୀ ହେବେ। ରୋଜଗାର ସ୍ଥିର ରହିବ। ବନ୍ଧୁ ବାନ୍ଧବଙ୍କ ସହ ମତଭେଦ ଦେଖାଦେଇପାରେ। ମହିଳାମାନେ ଗର୍ବୀ ହେବେ ।



**କନ୍ୟା:** ବ୍ୟବସାୟରେ ଲାଭବାନ୍ ହେବେ। ଦେହ ଓ ମନ ଭଲ ରହିବ। ଘରେ ଖୁସିର ବାତାବରଣ ଖେଳିବ। ଆର୍ଥିକ ସ୍ଥିତି ଭଲ ରହିବ। ଦୂରଯାତ୍ରା କରି ସଫଳତା ହାସଲ କରିବେ। ଦେବ ଦର୍ଶନର ସୁଯୋଗ ।



**ତୁଳା:** ଚାକିରୀ କ୍ଷେତ୍ରରେ ସଫଳତା ଦେଖାଦେବ। ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ। ଘରେ ଆନନ୍ଦ ଦେଖାଦେବ। ସାମାଜିକ କ୍ଷେତ୍ରରେ ସମ୍ମାନ ନଷ୍ଟ ହେବ। ବନ୍ଧୁଙ୍କ ସହ ଭେଟ ହୋଇପାରେ ।



**ବିଛା:** ଶତ୍ରୁ ଉପରେ ବିଜୟ ହାସଲ କରିବେ। ପୁରାତନ ବନ୍ଧୁଙ୍କ ସହ ସାକ୍ଷାତ ସହ ଆମୋଦ ପ୍ରମୋଦରେ ଦିନଟି ବିତିବ। ଧନ ଲାଭର ସୁଯୋଗ। ପାରିବାରିକ ସୁଖ ଶାନ୍ତି ଅବ୍ୟାହତ ରହିବାର ସୂଚନା ।



**ଧନୁ:** ଯାନବାହାନ ଚାଳନାରେ ସତର୍କତା ଅବଲମ୍ବନୀୟ। ଠକାମିର ଶିକାର ହୋଇପାରନ୍ତି। ଆୟ ଅପେକ୍ଷା ବ୍ୟୟର ମାତ୍ରା ଅଧିକ ହେବ। ପାରିବାରିକ ଅସହଯୋଗ ଦେଖାଦେବାର ସୂଚନା । କୌଣସି କାର୍ଯ୍ୟରେ ମନ ଲାଗିବ ନାହିଁ ।



**ମକର:** କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ। ରୋଜଗାର ମଧ୍ୟମ ଧରଣର ହେବ। ଘରେ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ। ମାଙ୍ଗଳିକ କାର୍ଯ୍ୟରେ ଯୋଗଦେଇପାରନ୍ତି ।



**କୁମ୍ଭ:** ଅସମ୍ପୂର୍ଣ୍ଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିବ। ବନ୍ଧୁଙ୍କ ସହଯୋଗ ପ୍ରାପ୍ତ କରି ଉପକୃତ ହେବେ। ନୂତନ ଦ୍ରବ୍ୟ କ୍ରୟ କରିପାରନ୍ତି। ଆୟ ଓ ବ୍ୟୟ ସମାନ ହେବ। ଘରେ ଖୁସିର ଲହରୀ ଖେଳିବ ।



**ମୀନ:** ବେପାର ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ଦେଖାଦେବ। ଅଳସୁଆ ହେବେ। ଖର୍ଚ୍ଚର ମାତ୍ରା ଅଧିକ ହେବ। ଘରେ କଳହ ଓ ଅଶାନ୍ତି ଦେଖାଦେବ। ଅଯଥାରେ ଦୂରକୁ ଯାତ୍ରା କରିବାକୁ ପଡ଼ିପାରେ । ମନ ଅସ୍ଥିର ରହିବ ।

## ଆଗାମୀ କାଲିର ପଞ୍ଜିକା

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୨୫।୦୬।୨୦୨୬, ଜୈ୍ୟଷ୍ଠ ଦ୧୧ନ, ଗୁରୁବାର**

**ସୂର୍ଯ୍ୟୋଦୟ- ଘ ୫।୧୧।୪୫ ଚନ୍ଦ୍ରୋଦୟ- ଦିଘ ୨।୪୩।୩୭**

ଏକାଦଶୀ ରାଘ ୮।୧୧ ପର୍ଯ୍ୟନ୍ତ, ସ୍ୱାତୀ ନକ୍ଷତ୍ର ଦିଘ ୪।୩୧ ପର୍ଯ୍ୟନ୍ତ। **ତୁଳା ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, ମିଥୁନ, ସିଂହ, କନ୍ୟା, ତୁଳା, ଧନୁ, ମକର ଓ କୁମ୍ଭ ରାଶିର । **ଘାତଚନ୍ଦ୍ର-** ନାହିଁ । **ଶ୍ରାଦ୍ଧନିର୍ଣ୍ଣୟ-** ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ଶିମ୍ବ ଓ ଆମିଷ ରାଘ ୮।୧୧ ଗତେ ପୋଇ, ମସୁର ଡାଲି ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୧୫ ଗତେ ଦିଘ ୬।୦୮ ମଧ୍ୟେ। ଦିଘ ୯।୩୯ ଗତେ ଦିଘ ୧୧।୨୪ ମଧ୍ୟେ । **ପର୍ବୋତ୍ସବ-** ସ୍ମାର୍ତ୍ତ ନିର୍ଜଳା ଏକାଦଶୀ, ରୁକ୍ମିଣୀ ବିବାହୋତ୍ସବ ଓ ଲକ୍ଷ୍ମୀନାରାୟଣ ବ୍ରତ।

ସମ୍ପାଦକୀୟ
32 YEARS
ସମ୍ବାଦ କଳିକା

# ଜବରଦସ୍ତି ବିକ୍ରି ହୋଇପାରିବନି ଫାଇନାନ୍ସିଆଲ୍ ପ୍ରଡକ୍ଟ

ଗ୍ରାହକମାନଙ୍କ ସ୍ୱାର୍ଥ ରକ୍ଷା ପାଇଁ 'ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ' ଏକ ବଡ଼ ପଦକ୍ଷେପ ଗ୍ରହଣ କରିଛି । ଆର୍ଥିକ ସେବା କ୍ଷେତ୍ରରେ ହେଉଥିବା 'ମିସ୍-ସେଲିଂ' ବା ଭୁଲ୍ ତଥ୍ୟ ଦେଇ ପ୍ରଡକ୍ଟ ବିକ୍ରି କରିବା ମାମଲା ଉପରେ ଆରବିଆଇ କଠୋର ନିୟମ ଜାରି କରିଛି । ଏହି ନୂଆ ନିୟମ ୧ ଜାନୁଆରୀ ୨୦୨୭ ରୁ ସାରା ଦେଶରେ ଲାଗୁ ହେବ । ଅନେକ ସମୟରେ ବ୍ୟାଙ୍କ, ଏନବିଏଫସି କିମ୍ବା ଏଜେଣ୍ଟମାନଙ୍କ ପ୍ରରୋଚନାରେ ପଡ଼ି ଗ୍ରାହକମାନେ ଏଭଳି ଆର୍ଥିକ ପ୍ରୋଡକ୍ଟ କିଣି ନିଅନ୍ତି, ଯାହା ସେମାନଙ୍କର ଆବଶ୍ୟକତା ସହ ମେଳ ଖାଇନଥାଏ । ଏଥିରେ ବୀମା ପଲିସି, ବିନିଯୋଗ ଯୋଜନା, କ୍ରେଡିଟ୍ କାର୍ଡ ଆଦି ସାମିଲ ଥାଏ । ଏଭଳି ପ୍ରକ୍ରିୟାକୁ 'ମିସ୍-ସେଲିଂ' କୁହାଯାଏ, ଯାହା ଉପରେ ଏବେ ଲଗାମ ଲଗାଇବାକୁ ଯାଉଛନ୍ତି ସରକାର । RBIର ସ୍ପଷ୍ଟୀକରଣ ଅନୁଯାୟୀ, ମିସ୍-ସେଲିଂ କେବଳ ଭୁଲ୍ ସୂଚନା ଦେଇ କୌଣସି ପ୍ରଡକ୍ଟ ବିକ୍ରି କରିବା ନୁହେଁ । ଏହାଛଡ଼ା ଗ୍ରାହକଙ୍କ ପ୍ରୋଫାଇଲ୍, ଆୟ, ବିପଦ ସହିବାର କ୍ଷମତା କିମ୍ବା ଆବଶ୍ୟକତା ବାହାରେ କୌଣସି ପ୍ରଡକ୍ଟ ବିକ୍ରି କରିବା । ଗ୍ରାହକଙ୍କ ସ୍ପଷ୍ଟ ସହମତି ବିନା ପ୍ରଡକ୍ଟ ବିକ୍ରି କରିବା । ଅଧାପନ୍ତରିଆ କିମ୍ବା ବିଭ୍ରାନ୍ତିକର ତଥ୍ୟ ପ୍ରଦାନ କରିବା । ଗୋଟିଏ ପ୍ରଡକ୍ଟ ସହିତ ଅନ୍ୟ ଏକ ପ୍ରଡକ୍ଟକୁ ଜବରଦସ୍ତି ଯୋଡ଼ି ବିକ୍ରି କରିବା ମଧ୍ୟ ମିସ୍-ସେଲିଂ ପରିସରଭୁକ୍ତ ହେବ । ଏହି ନୂଆ ନିୟମର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି, ଯଦି କୌଣସି ମାମଲାରେ ମିସ୍-ସେଲିଂ ପ୍ରମାଣିତ ହୁଏ, ତେବେ ସମ୍ପୃକ୍ତ ବ୍ୟାଙ୍କ କିମ୍ବା ଆର୍ଥିକ ସଂସ୍ଥାକୁ ଗ୍ରାହକଙ୍କ ସମ୍ପୂର୍ଣ୍ଣ ଟଙ୍କା ଫେରସ୍ତ କରିବାକୁ ପଡ଼ିବ । ଏହା ସହିତ ସେହି ପ୍ରଡକ୍ଟର ବିକ୍ରିକୁ ରଦ୍ଦ କରାଯିବ ଏବଂ ଏ ବିଷୟରେ ଗ୍ରାହକଙ୍କୁ ଲିଖିତ ଭାବେ ଜଣାଇବାକୁ ହେବ । ଭୁଲ୍ ପରାମର୍ଶ କିମ୍ବା ମିଥ୍ୟା ଦାବିର ଶିକାର ହେଉଥିବା ଗ୍ରାହକଙ୍କ ପାଇଁ ଏହା ଏକ ବଡ଼ ଆଶ୍ୱସ୍ତି ଆଣିଦେବ । RBI ନିର୍ଦ୍ଦେଶ ଦେଇଛି ଯେ, ଯେକୌଣସି ଆର୍ଥିକ ପ୍ରଡକ୍ଟ ବିକ୍ରି କରିବା ପୂର୍ବରୁ ଗ୍ରାହକଙ୍କ ସ୍ପଷ୍ଟ ସହମତି ନେବା ବାଧ୍ୟତାମୂଳକ । ଏହି ସହମତିର ରେକର୍ଡ ରଖାଯିବ । କୌଣସି ପୂର୍ବ-ନିର୍ଦ୍ଧାରିତ ବିକଳ୍ପ ବା ସ୍ୱୀକୃତିକୁ ଗ୍ରାହକଙ୍କ ସହମତି ବୋଲି ଧରାଯାଇପାରିବ ନାହିଁ । ଭିନ୍ନ ଭିନ୍ନ ପ୍ରଡକ୍ଟ ପାଇଁ ପୃଥକ୍ ଭାବେ ସହମତି ନେବାକୁ ହେବ । ଅନେକ ସମୟରେ ଦେଖାଯାଏ ଯେ, ବ୍ୟାଙ୍କରୁ ଲୋନ୍ ନେବା ସମୟରେ ଗ୍ରାହକଙ୍କ ଉପରେ ବୀମା କିମ୍ବା ଅନ୍ୟ କୌଣସି ପ୍ରଡକ୍ଟ କିଣିବା ପାଇଁ ଚାପ ପକାଯାଏ । ଆରବିଆଇ ଏଭଳି ବାଧ୍ୟତାମୂଳକ ବଣ୍ଡଲିଂ ଉପରେ ସମ୍ପୂର୍ଣ୍ଣ ରୋକ୍ ଲଗାଇଛି । ଯଦି କୌଣସି ଅତିରିକ୍ତ ପ୍ରଡକ୍ଟ ପାଇଁ ଅଲଗା ଶୁଳ୍କ ନିଆଯାଉଛି, ତେବେ ସେଥିପାଇଁ ଗ୍ରାହକଙ୍କୁ ବାଧ୍ୟ କରାଯାଇପାରିବ ନାହିଁ । ନୂଆ ନିୟମ କେବଳ ବ୍ୟାଙ୍କ ଶାଖା ମଧ୍ୟରେ ସୀମିତ ନାହିଁ । ସୋସିଆଲ ମିଡିଆ ଇନଫ୍ଲୁଏନ୍ସର୍ସ, ଡିଜିଟାଲ ମାର୍କେଟିଂ ପାର୍ଟନର୍ସ ଏବଂ ଏଜେଣ୍ଟମାନଙ୍କ ଦ୍ୱାରା କରାଯାଉଥିବା ପ୍ରଚାର ମଧ୍ୟ ଏହାର ଅଧୀନରେ ଆସିବ । ଯଦି କୌଣସି ଏଜେଣ୍ଟ କିମ୍ବା ଇନଫ୍ଲୁଏନ୍ସର୍ ଭ୍ରମାତ୍ମକ ସୂଚନା ଦିଅନ୍ତି, ତେବେ ତାର ସମ୍ପୂର୍ଣ୍ଣ ଦାୟିତ୍ୱ ସମ୍ପୃକ୍ତ ବ୍ୟାଙ୍କ କିମ୍ବା ଆର୍ଥିକ ସଂସ୍ଥା ଉପରେ ରହିବ । RBIର ଏହି ଐତିହାସିକ ପଦକ୍ଷେପ ଯୋଗୁଁ ଆଗାମୀ ଦିନରେ ବ୍ୟାଙ୍କିଙ୍ଗ୍ ସେବା ଅଧିକ ସ୍ୱଚ୍ଛ ହେବ ଏବଂ ଗ୍ରାହକମାନେ ପ୍ରତାରଣାରୁ ରକ୍ଷା ପାଇପାରିବେ ।



# ନିଶାପ

## (ନିରପେକ୍ଷ ଶାସନ ପଦ୍ଧତି)

## ସଦ୍‌ଗୁରୁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ

### "ଚୋରିକଲା ଲୋକର ଗୋଟିଏ ପାପ ଚୋରି ଗଲା ଲୋକର କୋଟିଏ ପାପ"

ଶ୍ରଦ୍ଧେୟ ଭକ୍ତବୃନ୍ଦ ଗୋଟିଏ ଛୋଟିଆକଥା ମୁଁ ଆଜି ତୁମକୁ କହୁଛି ଧ୍ୟାନ ଦେଇ ଶୁଣ, ଚୋରୀ କରିବା ଗୋଟିଏ ପାପ କିନ୍ତୁ ଯାହାର ଚୋରି ଗଲା ତାହାର କୋଟୀଏ ପାପ। ଏହାର ଅର୍ଥ କ'ଣ ? ଏହାର ଅର୍ଥ ହେଉଛି ଚୋର ଚୋରୀ କରି ଚାଲିଗଲା କିନ୍ତୁ ଚୋରି ଗଲା ଲୋକର ସମସ୍ତଙ୍କ ଉପରେ ସନ୍ଦେହ ବଢିଚାଲିଲା । ସେହି ସନ୍ଦେହ ହିଁ ମହାପାପ । ଚୋରିଠାରୁ ଭୟଙ୍କର ମହାପାପ ହୋଇଥାଏ । ଜଣେ ସାଧାରଣ ନିଷ୍ପାପୀ ଉପରେ ସନ୍ଦେହ କରିବା ଅର୍ଥ ଈଶ୍ୱରଙ୍କୁ ସନ୍ଦେହ କରିବା ସହିତ ସମାନ । ଗୁରୁଙ୍କୁ ସନ୍ଦେହ କରିବା ସହିତ ସମାନ । ଏଣୁ ହେ ଭକ୍ତ ହେ ଶିଷ୍ୟ ପ୍ରତ୍ୟେକ ଶବ୍ଦକୁ ପ୍ରଥମେ ସ୍ଥିର ଚିତ୍ତରେ ବିଚାର କର । ଯାହା ହୋଇଯାଇଛି ତା ଉପରେ ନିଜେ ନିଜକୁ ପ୍ରଥମେ ସମୀକ୍ଷା କର । ଅନ୍ୟ ଉପରେ ଦୋଷ ଲଦିବା ପୂର୍ବରୁ ନିଜର ତୃଟିକୁ ପ୍ରଥମେ ଉଦ୍ଧାର କର, ବା ଆବିଷ୍କାର କର ଆଉ ଯଦି ତୁମେ ତୁମର ତ୍ରୁଟିକୁ ଆବିଷ୍କାର କରିଦେଲ ଦେଖିବ ଚୋର ବହୁତ ବାଟରେ ନାହିଁ ସେ ହିଁ ତୁମରି ପାଖରେ ଅଛି । ତେଣୁ ଖୋଜିବା ପୂର୍ବରୁ ବୁଝିବା ଶିଖ, କାହାର ସନ୍ଦହର ପାତ୍ର ହୁଅନାହିଁ କି କାହାକୁ ସନ୍ଦହ ଦୃଷ୍ଟିରେ ଦେଖନାହିଁ । କାରଣ ତୁମକୁ ଆହୁରି କଷ୍ଟ ଭୋଗିବାକୁ ପଡିବ । ତେଣୁ ସାବଧାନ, ନଚେତ୍ ଠକିଯିବଟି । ହରି ଓଁ ।

**ସମସ୍ୟା**

ସମସ୍ୟା ପ୍ରତ୍ୟେକ ଭକ୍ତ,ଶିଷ୍ୟ,ମଣିଷ,ଗୁରୁ, ଗୁରୁଜନଠାରୁ ଆରମ୍ଭକରି ରାଜ୍ୟ,ଦେଶ,ବିଦେଶ ମାନଙ୍କରେ ବି ସମସ୍ୟା ସୃଷ୍ଟି ହୋଇଚାଲିଛି । କେଉଁ ଆବହମାନ କାଳରୁ ଏହା ଏକ (ଶକ୍ତିର ଉତ୍ସ)କିନ୍ତୁ ଏହି ସମସ୍ୟା ହିଁ ସମାଧାନର ସୂତ୍ର । ସମସ୍ୟା ନଥିଲେ ସମାଧାନର ମାର୍ଗ କେଉଁଠୁ ପାଇବ ? ତେଣୁ ହେ ସୁଧିଜନ ସମସ୍ୟା ପାଇଁ ବ୍ୟସ୍ତ ନ ହୋଇ ସ୍ଥିର ହୋଇଯାଅ । ଏହାର ମୂଳକୁ ଖୋଜ, ଡାଳରେ ବୁଲି ବୁଲି ବିଭିନ୍ନ ଆଲୋଚନାକୁ ସ୍ଥଗିତ ରଖ । କାହିଁକିନା ସମସ୍ୟା ବାଟରେ ଥିବ କିନ୍ତୁ ଆମେ ଆଲୋଚନା କରି କରି ସମସ୍ୟାକୁ ଆହୁରି ଜଟିଳତା କରିଦେଇଥାଉ । କାରଣ ସମସ୍ୟା ସୂକ୍ଷ୍ମରେ ଆସେ, କିନ୍ତୁ ଆମ୍ଭେମାନେ ମୋଟା ବୁଦ୍ଧି ଦ୍ୱାରା ତାକୁ ଆଲୋଚନା କରି କରି ଜଟିଳ ଆଡକୁ ନେଇଯାଇଥାଉ । ଏ ସଂସାରରେ ଭଲ ଆଉ ମନ୍ଦ ଦୁଇଟି ପଥ । ପ୍ରଥମେ ନିଜକୁ ଆୟତ୍ତ କର, ସଂଯମତା ରକ୍ଷା କରି ସମସ୍ୟାର ପର୍ଯ୍ୟବେକ୍ଷଣ କର, କାହିଁକି ଏପରି ଉପୁଜୁଛି । ଏହାର ମୂଳ ମନ୍ତ୍ର କେଉଁଠି ଅଛି । ତୁମର ଦାୟିତ୍ୱ ହୀନତା, କର୍ତ୍ତବ୍ୟ ହୀନତା,ଆଳସ୍ୟତା, ଅତ୍ୟଧିକ ଗପସପ ଉପରେ ନିଜକୁ ନିଜେ ସମୀକ୍ଷା କର । ଦେଖିବ ତୁମେ ହିଁ ତାର ମୂଳ ପାଖରେ ପହଞ୍ଚିଯାଇଥିବ । କିନ୍ତୁ ତୁମକୁ ଜଣାନଥିବ । ତେଣୁ ସ୍ଥିରତାହିଁ ସମସ୍ୟାକୁ ସାଧ୍ୟ କରିବାର ସୁଯୋଗ ଦେଇଥାଏ । ତେଣୁ ହେ ଭକ୍ତ ସମସ୍ୟା ପାଇଁ ବିଚଳତାକୁ ଅଗ୍ରାଧିକାର ନଦେଇ ସ୍ଥିରତାକୁ ଭୂଷଣ କର । ଦେଖିବ ସମାଧାନର ପଥ ସୁଗମ ନିଶ୍ଚୟ ହୋଇଯିବ । ଏହାହିଁ ଈଶ୍ୱରଙ୍କର ବାଣୀ । ହରି ଓଁ ।

◆ ◆

# ଉତ୍କଳ ଶାସନରେ ଅସ୍ତଗାମୀ ସୂର୍ଯ୍ୟବଂଶ



ଡ. ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ
ମୋ : ୯୩୩୭୧୦୨୫୫୩
Email ID: prafulla1941@gmail.com

ସୂର୍ଯ୍ୟବଂଶର ଗଜପତି ସମ୍ରାଟ ପ୍ରତାପରୁଦ୍ର ଦେବଙ୍କ ମୃତ୍ୟୁ ପରେ ଗଜପତି ଆସନରେ ଆଉ ବସିବା ନିମନ୍ତେ ତାଙ୍କର କେହି ଯୋଗ୍ୟ ପୁତ୍ର ନଥିଲେ। ତଥାପି ତାଙ୍କର ପ୍ରଥମ ପୁତ୍ର କାଲୁଆ ଦେବଙ୍କୁ ଶାସନ ଗାଦିରେ ବସାଯାଇଥିଲା ହେଲେ ତାଙ୍କର କାର୍ଯ୍ୟକାଳ ଥିଲା ମାତ୍ର ବ୧।୫।୩ ଦିନ। ପ୍ରତାପରୁଦ୍ର ଦେବଙ୍କର ମନ୍ତ୍ରୀ କୁଚକ୍ରୀ ଗୋବିନ୍ଦ ବିଦ୍ୟାଧର ତାଙ୍କୁ ହିଙ୍ଗିଡ଼ି ଖେଳରେ ଘୋଡ଼ା ମଡ଼ାଇ ବାରବାଟୀ ଗଡ଼ର ସିଂହଦ୍ୱାରରେ ମାରିଦେଲେ। (ମାଦଳାପାଞ୍ଜି, ପୃଷ୍ଠା-୩୭)। ତାଙ୍କ ପରେ ତାଙ୍କର ଅନ୍ୟ ପୁଅ ପୁରୁଷୋତ୍ତମ ବଡ଼ଜେନା କଖାରୁଆ ପ୍ରତାପ ଦେବ ନାମରେ ୩ମାସ ନିମନ୍ତେ ସିଂହାସନ ଆରୋହଣ କରିଥିଲେ। ଅନ୍ୟ ପାଞ୍ଜି ମତେ ସେ ଶାସନରେ ରହିଥିଲେ ବ୧।୬।୩ ଦିନ। ସେ ଥିଲେ ଅପାରଗ ଓ ତାଙ୍କ ଶାସନରେ ଉତ୍କଳରେ ଗୃହ ଯୁଦ୍ଧ କ୍ରମଶଃ ଆରମ୍ଭ ହେଲା। ସେତେବେଳେ ମନ୍ତ୍ରୀ ଗୋବିନ୍ଦ ବିଦ୍ୟାଧର ଗଜପତି ସିଂହାସନ ଆରୋହଣ ପାଇଁ ସୁଯୋଗ ଖୋଜୁଥିଲେ। ସେ ଦେଖିଲେ ଯେ ଯଦି ଏପରି ଭାବରେ ଶାସନ ଚାଲେ ତେବେ ଓଡ଼ିଶା ଖଣ୍ଡବିଖଣ୍ଡିତ ହୋଇଯିବ। ଏହା ପୂର୍ବରୁ ରାଜଗୁରୁ ଜୀବଦେବାଚାର୍ଯ୍ୟଙ୍କର ଦେହାବସାନ ହୋଇସାରିଥିଲା। ଦେଶ ତଥା ଜାତିକୁ ଏକାଠି କରି ବଞ୍ଚାଇ ରଖିବା ପାଇଁ ପ୍ରତାପରୁଦ୍ରଙ୍କର ଆଉ ସେପରି କୌଣସି ସୁଯୋଗ୍ୟ ଦାୟାଦ ନଥିଲେ। ତେଣୁ ଗୋବିନ୍ଦ ବିଦ୍ୟାଧର ସିଂହାସନ ପାଇବା ଲୋଭରେ ପ୍ରତାପରୁଦ୍ର ଦେବଙ୍କ ଅନ୍ୟ ୧୫ଜଣ ପୁଅଙ୍କୁ ଜଣକ ପରେ ଜଣଙ୍କୁ ହତ୍ୟା କରି ଚାଲିଲେ। ସେତେବେଳେ ରାଜଗୁରୁ ପଦରେ ଥିଲେ କାଶୀ ମିଶ୍ର। ସେହି ପଦବୀ ପାଇଁ ସେ ଥିଲେ ସମ୍ପୂର୍ଣ୍ଣ ଅଯୋଗ୍ୟ। ବାରବାଟୀ ଦୁର୍ଗର ସିଂହଦ୍ୱାରରେ ପ୍ରତାପରୁଦ୍ରଙ୍କର ସମସ୍ତ ପୁତ୍ରମାନଙ୍କୁ ବିଭିନ୍ନ ଉପାୟରେ ହତ୍ୟା କରାଯାଇଥିଲା। ଏହାର ମୁଖ୍ୟ ନାୟକ ଥିଲେ ମଧୁ ଶ୍ରୀଚନ୍ଦନ ମହାପାତ୍ର। ରାମଚନ୍ଦ୍ର ସାମନ୍ତରାୟ ନାମରେ ଜଣେ ମୁଖ୍ୟ ଦଳ ବେହେରା ସେମାନଙ୍କର ଏପରି କାର୍ଯ୍ୟ ଦେଖି ଘୋର ପ୍ରତିବାଦ କରିବାରୁ ତାଙ୍କର ଶିରଚ୍ଛେଦ କରିଦିଆଗଲା।

"୧ମ ଓ ୨ୟ ପାଞ୍ଜି ମତେ- ଏ ଉତ୍ତାରୁ ଗୋବିନ୍ଦ ଭୋଇ ବିଦ୍ୟାଧର ମହାରାଜା ହୋଇଲେ। ପ୍ରତାପରୁଦ୍ର ଦେବ ମହାରାଜାଙ୍କର ବତିଶ ପୁଅ ଥିଲେ। ତାହାଙ୍କୁ ଗୋବିନ୍ଦ ଦେବ ମହାରାଜାଏ ମରାଇ ପକାଇଲେ କଟକ ସିଂହଦ୍ୱାରେ ମଧୁ ଶ୍ରୀଚନ୍ଦନ ମହାପାତ୍ର ଥାଇଁ ମରାଇ ପକାଇଲେ। ଏକାଦିନରେ ଭଲ ଭଲ ଲୋକମାନଙ୍କୁ ମରାଇ ପକାଇଲେ। ରାମଚନ୍ଦ୍ର ସାନ୍ତରା ମୁଣ୍ଡ ଛେଚାଇ ମାଇଲେ। ଏହାଙ୍କ ପାତ୍ର ହୋଇଲେ ଦନାଇ ବିଦ୍ୟାଧର। ଏ ରାଜା ବୀର ଗୋବିନ୍ଦପୁର ପୋଖରୀ ଖୋଳାକଲେ। ଏ (ଏଠାରେ) ଶାସନ (ବସାଇ ବ୍ରାହ୍ମଣ ସାଆନ୍ତମାନଙ୍କ) ଦାନ (କରି) ଦେଲେ। ଏ ମହାରାଜାଙ୍କ ସାତ ୭ ଅଙ୍କେ ଗଏଲକୁଣ୍ଡା କଟକାଇ କଲେ। ଅଠର ମାସ ସେଠାରେ ରହିଲେ। ଏହାଙ୍କ ଭଣଜା ରଘୁଭଞ୍ଜ ଛୋଟରାଏ / ବାଲୁଙ୍କି ଶ୍ରୀଚନ୍ଦନ ମହାପାତ୍ର ଏ ରାଜାଙ୍କୁ ନ ମାନି ଗୋଳ କଲେ। ଶ୍ରୀପୁରୁଷୋତ୍ତମ ଯାଏ ଚଳାଇ ଅଇଲେ। ବଡ଼ ଦେଉଳ ପରୀକ୍ଷା ମୁଣ୍ଡ କାଟି ପକାଇଲେ। କଟକେ ଶ୍ରୀନବର ଆବୋରି ରହିଲେ। ମୁକୁନ୍ଦ ଶ୍ରୀଚନ୍ଦନ ଜଗିଆ ହୋଇଥିଲେ ସେ ମାଣିଖଣ୍ଡି ଶ୍ରୀନବର ଆବୋର ରହିଲେ। ଏହା ଦଖିଣେ ରାଜା ବାରତା ପାଇ ଦଖିଣେ ଦନାଇ ବିଦ୍ୟାଧରଙ୍କୁ ରୁହାଇ ଅଇଲେ। ପନ୍ଦର ଦିନେ ରାଜା ଆସି ପରମେଶ୍ୱରଙ୍କୁ ଦରଶନ କଲେ। ଏହା ରଘୁଭଞ୍ଜ ଛୋଟରାଏ ବାରତା ପାଇ ଅବଦୁଲୀ ସାହାଙ୍କୁ ଘେନି ବାଲ୍ମଙ୍କି ଶ୍ରୀଚନ୍ଦନଙ୍କୁ ଘେନି ମହାନଦୀ ପରି ହୋଇ ମୁରାଟି ରହିଲେ। ସଙ୍ଗତେ ଷାଠିଏ ସହସ୍ର ଲୋକ ଘେନି ଚିତ୍ରପୁରଠାରେ ପଟୁଆର ଯୁଝ ହୋଇଲା। ଦୁଇ ଆଡ଼ରୁ ସୈନ୍ୟ ଅପାର ପଡ଼ିଲେ। ସେଠାରୁ ଏ ତିନି ଲୋକେ ଭାଙ୍ଗିଲେ। ଗଙ୍ଗା କୁଳଯାଏ ରାଜା ଗୋଡ଼ାଇଲେ। କେହି ରହି ନ ପାରି ପଳାଇଲେ। ରଜା ସେଠାରୁ ବାହୁଡ଼ି ଅଇଲେ। ଦଶାଶ୍ୱମେଧ ଘାଟେ ରାଜା ଆବାହନ ହୋଇଲେ। ଏ ରାଜା ଭୋଗ କଲେ ବ୧୧।୭ମାସ। ଅନ୍ୟ ପାଞ୍ଜି ମତେ ଏ ରାଜା ଭୋଗ କଲେ ବ୭ବର୍ଷ ୧୪୫୬ରୁ ୧୪୬୩ ଶକାବ୍ଦ।

୩ୟ ପାଞ୍ଜି ମତେ- ଏ ଭୋଗକଲେ ବ୭ବର୍ଷ-ଶ୧୪୭୩ ପର୍ଯ୍ୟନ୍ତ।"

ଗୋବିନ୍ଦ ବିଦ୍ୟାଧର ଗଜପତି ଗାଦିରେ ବସିଲେ ସତ ମାତ୍ର ଉତ୍କଳରେ ଗୃହଯୁଦ୍ଧ ବଢ଼ିବାରେ ଲାଗିଲା। ସେତେବେଳେ ଜୀବଦେବାଚାର୍ଯ୍ୟଙ୍କ ପୁଅ ଜୟଦେବ (୨ୟ)ଙ୍କୁ ରାଜଗୁରୁ ପଦରେ ରଖାଯାଇଥିଲା। ସେ ରାଜଗୁରୁ ହେଲେ ମଧ ଗୋବିନ୍ଦ ବିଦ୍ୟାଧର ତାଙ୍କର ପରାମର୍ଶକୁ ଆଦୌ ମାନୁନଥିଲେ। ତେବେ ଜୟଦେବ ଥିଲେ ଅତି ଶାନ୍ତ ପ୍ରକୃତିର ଲୋକ। ଯେତେବେଳେ ଶାସକ ତାଙ୍କର କୌଣସି ପରାମର୍ଶକୁ ଗ୍ରହଣ କରୁନାହାନ୍ତି ତେବେ ସେ କରିବେ ବା କ'ଣ ? ଯାହା ହେଉ ନିଜ ଆତ୍ମବିଶ୍ୱାସକୁ ନେଇ ସେ ସେହି ପଦରେ ଖ୍ରୀ.ଅ. ୧୫୩୫-୧୫୪୯ ପର୍ଯ୍ୟନ୍ତ ରହିପାରିଥିଲେ। ତେଣେ ଗୋବିନ୍ଦ ବିଦ୍ୟାଧରଙ୍କ ଭଣଜା ରଘୁଭଞ୍ଜ ଛୋଟରାୟ ମାମୁଙ୍କର ଏପରି ସବୁ କାର୍ଯ୍ୟରେ କ୍ରୋଧିତ ହୋଇ ତାଙ୍କୁ ରାଜା ବୋଲି ଆଦୌ ସ୍ୱୀକାର କଲେନାହିଁ। ଆଉ ନିଜ ମାମୁ ଗୋବିନ୍ଦ ବିଦ୍ୟାଧର କିପରି ରକ୍ତର ହୋରି ଖେଳି ଶାସନ ଗାଦି ମାଡ଼ି ବସିଛନ୍ତି ତାହା ସେ ପ୍ରଜାଙ୍କ ନିକଟରେ ପ୍ରଚାର କରିଦେଲେ। ଏପରି ଅନ୍ୟାୟରେ ରାଜପୁତ୍ରମାନଙ୍କୁ ହତ୍ୟା କରି ଗାଦି ପାଇଥିବାରୁ ଗୋବିନ୍ଦ ବିଦ୍ୟାଧରଙ୍କ ବିରୁଦ୍ଧରେ ପ୍ରଜାମାନେ ମେଳି ଆରମ୍ଭ କରିଦେଲେ ଓ ତାଙ୍କର ଗଜପତି ପଦକୁ ଅସ୍ୱୀକାର କଲେ। ଏହାଫଳରେ ରାଜଶାସନ ବିରୁଦ୍ଧରେ କ୍ରମଶଃ ପ୍ରଜାମେଳି ବଢ଼ିବାରେ ଲାଗିଲା। ଶାସନର ଏପରି ଅବସ୍ଥା ଉପରେ ନଜର ରଖି ଗୋଲକୁଣ୍ଡାର ସୁଲତାନ ଉତ୍କଳର ଦକ୍ଷିଣାଞ୍ଚଳକୁ ନିଜର ଆଧିପତ୍ୟରେ ରଖିନେଲେ ଯାହାଫଳରେ ଗୋବିନ୍ଦ ବିଦ୍ୟାଧର ତାଙ୍କ ସହ ଯୁଦ୍ଧ କରିବାକୁ ଦକ୍ଷିଣ ଅଞ୍ଚଳକୁ ଆଗେଇ ଗଲେ। ଯୁଦ୍ଧ ପ୍ରାୟ ୧୮ମାସ ଧରି ଚାଲିଲା। ତେଣେ ରଘୁଭଞ୍ଜ ବଙ୍ଗଳାର ଆଫଗାନ୍ ଶାସକମାନଙ୍କ ସହ ସାଲିସ କରି ଉତ୍ତରଦିଗରୁ ବିଦ୍ରୋହ ଆରମ୍ଭ କରାଇଦେଲେ। ଓଡ଼ିଶା ଇତିହାସରେ ଶତ୍ରୁମାନଙ୍କୁ ଡାକିଆଣି ଗୃହଯୁଦ୍ଧ ବା ଆକ୍ରମଣ କରିବାରେ ରଘୁଭଞ୍ଜ ଯାହା କରିଗଲେ ତାହା କେହି ଆଗରୁ କରିପାରିନଥିଲେ। ଦକ୍ଷିଣରୁ ଗୋବିନ୍ଦ ବିଦ୍ୟାଧର ଏପରି ଖବର ଶୁଣି ଭଣଜା ରଘୁଭଞ୍ଜଙ୍କୁ ଧରିବା ପାଇଁ ଉତ୍ତରଦିଗକୁ ସୈନ୍ୟ ଚାଳନା କରିଥିଲେ। ଗୋବିନ୍ଦ ବିଦ୍ୟାଧର ଆସୁଥିବା ଖବର ପାଇ ରଘୁଭଞ୍ଜ ପଳାଇଗଲେ। ଯାହାଫଳରେ ଗୋଲକୁଣ୍ଡାର ସୁଲତାନ ଖ୍ରୀ.ଅ. ୧୫୪୭ରେ ଉତ୍କଳର ସମସ୍ତ ଦକ୍ଷିଣାଞ୍ଚଳକୁ ନିଜ ଦଖଲକୁ ନେଇଗଲେ। ଅତ୍ୟଧିକ ପରିଶ୍ରମ କରିବାରୁ ଗୋବିନ୍ଦଙ୍କର ଗଙ୍ଗା କୂଳରେ ମୃତ୍ୟୁ ହୋଇଥିବାର କୁହାଯାଏ। ରଘୁଭଞ୍ଜଙ୍କ ସହ ସାଲିସର ସୁଯୋଗ ପାଇ ବଙ୍ଗଳାର ଆଫଗାନ୍ ଶାସକ ଚୁପ୍ ହୋଇ ବସିନଥିଲେ। ଦକ୍ଷିଣରେ ଗୋଲକୁଣ୍ଡା ସୁଲତାନଙ୍କ ଆକ୍ରମଣ ଓ ଉତ୍ତର ପାର୍ଶ୍ୱରେ ଆଫଗାନ୍‌ମାନଙ୍କର ଆକ୍ରମଣ ଭୟ ସହିତ ଆଭ୍ୟନ୍ତରର ପ୍ରଜାମେଳିକୁ ସମ୍ଭାଳିବା ଗୋବିନ୍ଦଙ୍କ ପକ୍ଷରେ ସମ୍ଭବ ହୋଇପାରିନଥିଲା। ସେତେବେଳେ ବାରବାଟୀ ଦୁର୍ଗର ଶାସକ ଥିଲେ ବୀରେନ୍ଦ୍ର ମୁକୁନ୍ଦ ଶ୍ରୀଚନ୍ଦନ। ଏପରି ଅବସ୍ଥାରେ ସେ ବାରବାଟୀଠାରୁ ମାଣିଖଣ୍ଡି ଦୁର୍ଗ ପର୍ଯ୍ୟନ୍ତ ବିସ୍ତୃତ ଅଞ୍ଚଳର ଦାୟିତ୍ୱ ନିଜ ହାତକୁ ନେଇଯିବାରୁ ପ୍ରଜାମେଳିର ଅବସ୍ଥା ଶାନ୍ତ ପଡ଼ିଲା। ଗୋବିନ୍ଦ ବିଦ୍ୟାଧରଙ୍କର ଅସ୍ଥାୟୀ ଶାସନ କାଳରେ କବି ଲକ୍ଷ୍ମଣ ଭଟ୍ଟ ଶ୍ରୀଗୀତଗୋବିନ୍ଦର ରସିକ ଗଙ୍ଗଦ ଟୀକା ଓ ରାଜଗୁରୁ ଜୟଦେବ (୨ୟ) ପୀୟୂଷ ଲହରୀ ନାଟକ ରଚନା କରିଥିଲେ। ଗୋବିନ୍ଦ ବିଦ୍ୟାଧରଙ୍କ ମୃତ୍ୟୁ ପରେ ତାଙ୍କ ପୁଅ ଚକ୍ରପ୍ରତାପ ଖ୍ରୀ.ଅ. ୧୫୪୯ରେ ଗଜପତି ଶାସନରେ ବସିଥିଲେ। ଖଳ ଲୋକମାନଙ୍କ ପରାମର୍ଶରେ ସେ ଶାସନ ଚଳାଇବାରୁ ପ୍ରଜାମାନେ ଅଥୟ ହୋଇପଡ଼ିଲେ। ଏପରିକି ପଣ୍ଡିତ ଓ ବ୍ରାହ୍ମଣମାନଙ୍କୁ ଘୋଡ଼ା ପାଇଁ ଘାସ କଟାଇ ଯୋଗାଇବା ନିମନ୍ତେ ସେ ଆଦେଶ ଦେଉଥିଲେ। ରଥିପୁର ରାଜନଅର ଏକପ୍ରକାର ଖଳ ଲୋକମାନଙ୍କର ଦରବାର ହୋଇଗଲା। ଏପରି ଅବସ୍ଥାରେ ପୁତ୍ର ନରସିଂହ ଜେନାଙ୍କ ଦ୍ୱାରା ତାଙ୍କର ଖ୍ରୀ.ଅ. ୧୫୫୭ରେ ମୃତ୍ୟୁ ହୋଇଥିଲା। ତାଙ୍କର ଶାସନ କାଳ ଥିଲା ୮ବର୍ଷ। ନରସିଂହ ଦେବ ପିତୃ ହତ୍ୟା କରି ଗଜପତି ଗାଦି ପାଇଥିବାରୁ ପୁଣି ରାଷ୍ଟ୍ର ବିପ୍ଳବ ଦେଖାଗଲା। ନରସିଂହ ଜେନା ଅତି କାମୁକ ଥିଲେ। କରଦ ରାଜ୍ୟର ରାଜାମାନଙ୍କୁ ସୁନ୍ଦରୀ ସ୍ତ୍ରୀ ତାଙ୍କ ପାଖକୁ ଯୋଗାଇବା ନିମନ୍ତେ ଗୁପ୍ତ ଚିଟାଉମାନ ପଠାଇଥିଲେ। ଏହିପରି ଏକ ଚିଠି ବାରବାଟୀ ଦୁର୍ଗ ଶାସକ ମୁକୁନ୍ଦ ହରିଚନ୍ଦନଙ୍କ ହସ୍ତଗତ ହୋଇଥିଲା। ସେ ଏଥିରେ ଏତେ ଉତ୍କ୍ଷିପ୍ତ ହୋଇପଡ଼ିଲେ ଯେ ୨୦୦ ସୈନ୍ୟଙ୍କୁ ସ୍ତ୍ରୀ ବେଶରେ ସଜାଇ ୨୦୦ ସବାରୀରେ ୮୦୦ ଜଣ ବଛା ଯୋଦ୍ଧାମାନଙ୍କୁ ସବାରୀ ବାହକ ଭାବେ ରଥିପୁରଗଡ଼କୁ ପଠାଇ ନରସିଂହଙ୍କୁ ସେଠାରେ ହିଁ ହତ୍ୟା କରାଇଥିଲେ। ଏହାର ନେତୃତ୍ୱ ନେଇଥିଲେ ମୁକୁନ୍ଦ ହରିଚନ୍ଦନଙ୍କ ଚାରିଭାଇ। ନରସିଂହଙ୍କ ସାନ ଭାଇ ରଘୁରାମ ଛୋଟରାୟ ଗଜପତି ଆସନରେ ବସିଲେ। ମାତ୍ର ମୁକୁନ୍ଦ ହରିଚନ୍ଦନ ତାଙ୍କୁ ଧରି ଆଣି ବାରବାଟୀ ଗଡ଼ରେ ବନ୍ଦୀ କରିଦେଲେ। ଏପରି ଶୁଣି ରଘୁଭଞ୍ଜ ଛୋଟରାୟ ଯିଏ କି ଉତ୍ତରରେ ଥିଲେ ସେ ନିଜ ଫଉଜ ସହିତ ମୁକୁନ୍ଦ ହରିଚନ୍ଦନଙ୍କ ସହ କଟକରେ ଯୁଦ୍ଧ କଲେ ଓ ଏହି ଯୁଦ୍ଧରେ ବହୁ ଲୋକ ମୃତାହତ ହେଲେ। ରଘୁଭଞ୍ଜ ଛୋଟରାୟଙ୍କୁ ବନ୍ଦୀ କରି ହତ୍ୟା କରାଗଲା। ସେହିପରି ରଘୁରାମଙ୍କ ସାନଭାଇ ଛୋଟରାୟ ବିଦ୍ୟାଧରଙ୍କୁ ମଧ୍ୟ ବନ୍ଦୀ କରାଯାଇଥିଲା। ରଘୁରାମ ଶାସନରେ ରହିଲେ ମାତ୍ର ବ୧।୭।୧୪ ଦିନ। ପ୍ରଜାମାନେ ଆଶ୍ୱସ୍ତ ହେଲେ ଓ କ୍ରମଶଃ ମୁକୁନ୍ଦଙ୍କ ଶକ୍ତି ବଢ଼ିବାରେ ଲାଗିଲା। ଯେଉଁଠାରେ କିଛି ମେଳି ଆରମ୍ଭ ହେଉଥିଲା ତାହାକୁ ସେ ଦୃଢ଼ ହସ୍ତରେ ଦମନ କରିଦେଉଥିଲେ। ଗୋବିନ୍ଦ ବିଦ୍ୟାଧରଙ୍କ ମନ୍ତ୍ରୀ ଥିଲେ ଦନେଇ (ଜନାର୍ଦ୍ଦନ) ବିଦ୍ୟାଧର। ଏକଦା ଉତ୍କଳକୁ ସ୍ୱାଧୀନ କରିବାର ତାଙ୍କର ଥିଲା ପ୍ରୟାସ ଓ ସେ ନରସିଂହଙ୍କ ସାନଭାଇ ରଘୁରାମ ଜେନାଙ୍କୁ ଗଜପତି ଆସନରେ ବସାଇବାକୁ ଚାହୁଁଥିଲେ। ମାତ୍ର ସୈନ୍ୟବାହିନୀ ତଥା ପ୍ରଜାମାନେ ତାଙ୍କୁ ଶାସନ ଗାଦିରେ ବସାଇବା ପାଇଁ ଚାହୁଁନଥିବାରୁ ଦନେଇ ବିଦ୍ୟାଧର ରଘୁରାମ ଓ ବିଦ୍ରୋହୀ ରଘୁଭଞ୍ଜ ଛୋଟରାୟଙ୍କ ସହିତ ମିଶି ଦେଶରେ ଅରାଜକତା ସୃଷ୍ଟି କରାଇଥିଲେ। ରଘୁରାମଙ୍କ ବଡ଼ଭାଇ ନରସିଂହ ଜେନାଙ୍କୁ ଅନ୍ୟାୟରେ ମାରିଥିବାର ଅପବାଦ ମଧ୍ୟ ଦନେଇ ବିଦ୍ୟାଧର ମୁକୁନ୍ଦଙ୍କ ଉପରେ ଆରୋପ କରିଥିଲେ। ଏହିଭଳି ଭାବରେ ଉତ୍କଳରେ ଅରାଜକତା ଚାଲିଲା ପ୍ରାୟ ୧ବର୍ଷ ୬ମାସ। ଶାସନ ବୋଲି କିଛି ରହିଲାନାହିଁ। ମାତ୍ର ମୁକୁନ୍ଦ ହରିଚନ୍ଦନ ହାରିବାର ଲୋକ ନଥିଲେ। ତାଙ୍କ ପଛରେ ସଂଖ୍ୟାଧିକ ସୈନ୍ୟମାନଙ୍କର ସମର୍ଥନ ଥିଲା। ତେଣୁ ଦନେଇ ବିଦ୍ୟାଧରଙ୍କ ସହ କୌଣସି ପ୍ରକାରର ସାଲିସ ସେ ନକରି ତାଙ୍କ ସହ ରଘୁଭଞ୍ଜ ଛୋଟରାୟଙ୍କୁ ବନ୍ଦୀ କରି ବାରବାଟୀ ଦୁର୍ଗକୁ ନେଇଆସିଲେ। ତାହାପରେ ମୁକୁନ୍ଦ ହରିଚନ୍ଦନ ଗଜପତି ମୁକୁନ୍ଦଦେବ ନାମରେ ଉତ୍କଳର ରାଜ ସିଂହାସନରେ ବସିଲେ। ଦନେଇ ବିଦ୍ୟାଧରଙ୍କର ବନ୍ଦୀ ଅବସ୍ଥାରେ ମୃତ୍ୟୁ ହେଲା। ଦନେଇ ବିଦ୍ୟାଧର ଭୋଇବଂଶର ଚାରିଜଣ ଗଜପତିଙ୍କର ମନ୍ତ୍ରୀ ଓ ସେନାପତି ଭାବରେ ଖ୍ରୀ.ଅ. ୧୫୩୪-୧୫୫୯ ପର୍ଯ୍ୟନ୍ତ ରହିଥିଲେ। ସେ ବାରବାଟୀ ଗଡ଼ ଦାୟିତ୍ୱରେ ଥିବା ମୁକୁନ୍ଦ ହରିଚନ୍ଦନଙ୍କ ସମର୍ଥକ ନଥିଲେ। ତାଙ୍କ ଶାସନ କାଳରେ ସତ୍ୟବାଦୀ ନିକଟରେ ଦନେଇ ବିଦ୍ୟାଧରପୁର ଶାସନ ସେ ବସାଇଥିଲେ ଯାହାକି ସେ ଯୁଗର ସ୍ମୃତିଚାରଣ ଏବେ ବି କରୁଛି। ତାଙ୍କ ମୃତ୍ୟୁ ଦେଖି ତାଙ୍କ ପୁଅ ରମେଇ ରାଉତରା ଭୟରେ ଗଞ୍ଜାମକୁ ପଳାଇଗଲେ। ଯାହାକି ସେତେବେଳେ ଗୋଲକୁଣ୍ଡାର ସୁଲତାନଙ୍କ ଅଧୀନରେ ରହିଥିଲା। ଗଜପତି ମୁକୁନ୍ଦ ଦେବଙ୍କ ପରେ ଏହି ରମେଇ ରାଉତରା ହିଁ ଭୋଇ ବଂଶର ପ୍ରଥମ ରାଜା ଗଜପତି ରାମଚନ୍ଦ୍ର ଦେବ ନାମରେ ଖୁରୁଧା ରାଜ ସିଂହାସନରେ ବସିପାରିଥିଲେ।

ଗଜପତି ପ୍ରତାପରୁଦ୍ରଦେବଙ୍କ ଠାରୁ ମୁକୁନ୍ଦଙ୍କ ଗାଦିରେ ବସିବା ପର୍ଯ୍ୟନ୍ତ ପ୍ରାୟ ୩୦ବର୍ଷ ଓଡ଼ିଶା ଶାସନରେ ବହୁ ଦୁଃଖଦ ଘଟଣାମାନ ଘଟି ଯାଇଥିଲା। ଶାସନ ଅସ୍ଥିର ହେବାରୁ ପ୍ରଜାମେଳି, ଗୃହଯୁଦ୍ଧ ପ୍ରଭୃତି ଲାଗିରହିଲା। ପୁଣି ଉତ୍କଳକୁ ଦକ୍ଷିଣ ଗୋଲକୋଣ୍ଡାର ସୁଲତାନଙ୍କ ଆକ୍ରମଣ ଓ ଉତ୍ତରରୁ ଆଫଗାନମାନଙ୍କ ଭୟର ଅସ୍ଥିରତା ସୃଷ୍ଟି କରିଥିଲା। ରାଜଗୁରୁମାନଙ୍କ ନିଯୁକ୍ତିରେ ବିଭ୍ରାଟ ଦେଖାଗଲା। ଫଳରେ ଯେଉଁମାନଙ୍କ ପରାମର୍ଶ ଓ ନିୟମକୁ ମାନି ସେତେବେଳର ସମାଜ ଚଳୁଥିଲା ତାହା ଆଉ ହେଲାନାହିଁ। ଶ୍ରୀଚୈତନ୍ୟଙ୍କ ପ୍ରଚାରିତ ଧର୍ମଧାରା ଓଡ଼ିଶାର କ୍ଷତ୍ରିୟ ଶକ୍ତିକୁ ପଙ୍ଗୁ କରିଦେଇଥିଲା ବୋଲି ଯେଉଁ କେତେକ ଯୁକ୍ତି ରହିଛି ତାହାର କୌଣସି ସତ୍ୟତା ନଥିଲା। ସେପରି ଧର୍ମଧାରା ଯଦି ବଦଳି ଥିଲା ତାହା କେବଳ ନିଷ୍ପ୍ରଭ ବା ଅପାରଗମାନଙ୍କ ଶାସନ ଯୋଗୁ ହିଁ ହୋଇପାରିଥିଲା। ଏକ ଅରାଜକ ରାଜ୍ୟରେ କ'ଣ ବା ଅଧିକ ଆଶା କରାଯାଇପାରିଥାନ୍ତା ? ଶାସନ ଯଦି ଠିକ୍ ଥିଲା ଓ ରାଜଗୁରୁମାନେ ଯଦି ନିଜ ଧର୍ମଧାରାରେ ସକ୍ରିୟ ଥିଲେ ତେବେ ଏପରି ଅବସ୍ଥା ଆଦୌ ସୃଷ୍ଟି ହୋଇନଥାନ୍ତା। ମୁଖ୍ୟତଃ ଏଥିପାଇଁ ଅସ୍ଥିର ଶାସନ ହିଁ ଦାୟୀ ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ।

# ଟ୍ରମ୍ପ ବନାମ ନାଟୋ



ଡାକ୍ତର ରାଜକିଶୋର ପଣ୍ଡା
ଭୁବନେଶ୍ୱର
ମୋବାଇଲ ନଂ- ୮୧୪୪୦୪୨୯୯୭

ମଧ୍ୟପ୍ରାଚ୍ୟରେ ଚାଲିଥିବା ମହାପ୍ରଳୟଙ୍କାରୀ ଯୁଦ୍ଧ କେତେବେଳେ କେଉଁ ମୋଡ ନେଉଛି କହିବା ମୁସ୍କିଲ। ଏହି ଯୁଦ୍ଧଟି ବିଭିନ୍ନ ମଞ୍ଚରେ ଲଢ଼ା ଯାଉଛି। ସେଗୁଡ଼ିକ ହେଉଛି ଆମେରିକା ବନାମ୍ ଇରାନ୍, ଇରାନ୍ ବନାମ ଅବଶିଷ୍ଟ ଗଲ୍‌ଫ ରାଷ୍ଟ୍ର, ଆମେରିକା ବନାମ ଚାଇନା ଇତ୍ୟାଦି। ତେବେ ଆଉ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ଏହି ଯୁଦ୍ଧର ହେଉଛି ଆମେରିକା ବନାମ୍ ଇଉରୋପୀୟ ସଂଘ। ଏହାକୁ ଆମେ ନାଟୋ ଓ ଟ୍ରମ୍ପଙ୍କ ମଧ୍ୟରେ ବିବାଦ ବୋଲି କହିପାରିବା। ବିଗତ କିଛି ସମୟ ଧରି ଯୁକ୍ତରାଷ୍ଟ୍ର ଓ ଇଉରୋପ ମଧ୍ୟରେ ମଧ୍ୟପ୍ରାଚ୍ୟ ଓ ଅନ୍ୟାନ୍ୟ କିଛି ଗମ୍ଭୀର ପ୍ରସଙ୍ଗ (ଗ୍ରୀନ୍‌ଲ୍ୟାଣ୍ଡ)କୁ ନେଇ ମତାନ୍ତର ସୃଷ୍ଟି ହୋଇଛି ଓ ଦୁଇ ମହାଶକ୍ତି ସମ୍ପ୍ରତି ମୁହାଁମୁହିଁ ଅବସ୍ଥାକୁ ଚାଲି ଆସିଛନ୍ତି। ଏହା ଏକ ଛାଡ଼ପତ୍ରଭଳି ପରିସ୍ଥିତି ସୃଷ୍ଟି କରିଛି କହିଲେ ମଧ୍ୟ ଅତ୍ୟୁକ୍ତି ହେବ ନାହିଁ। ତେଣୁ ଏଥିରେ ପ୍ରଶ୍ନ ଉଠୁଛି ଯେ ଯଦି ଭବିଷ୍ୟତରେ ଆମେରିକା ଓ ଇଉରୋପୀୟ ରାଷ୍ଟ୍ରସଂଘ ମଧ୍ୟରେ ବିଚ୍ଛେଦ ଘଟେ ତଥା ସେମାନଙ୍କର ସାମରିକ ମେଣ୍ଟ ନାଟୋର ପରିସମାପ୍ତି ଘଟେ, ତାହାଦ୍ୱାରା କିଏ ବେଶି କ୍ଷତିଗ୍ରସ୍ତ ହେବ ? ଏହା ଜାଣିବା ନିମନ୍ତେ ଆମକୁ ଇତିହାସ ଉପରେ ଦୃଷ୍ଟି ଦେବାକୁ ପଡ଼ିବ।

ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଆମେରିକା, ୟୁରୋପରେ ନିଜର ସାମରିକ ଘାଟିମାନ ନିର୍ମାଣ କରିବା ଆରମ୍ଭ କରିଥିଲା। ଏହି ଦିଗରେ ପ୍ରଥମ ପଦକ୍ଷେପ ଥିଲା, ୧୯୪୮ ମସିହାରେ ବ୍ରିଟେନର "ଲାକେନ୍ ହିଥ୍" ଠାରେ ବାୟୁସେନାର ଘାଟି ନିର୍ମାଣ କରିବା। ସେହିପରି ଦ୍ୱିତୀୟ ପଦକ୍ଷେପ ଥିଲା, ୧୯୫୦ ଦଶକର ଆରମ୍ଭରେ ଜର୍ମାନୀର ରାମଷ୍ଟିନ ଏୟାରବେସ୍‌ର ନିର୍ମାଣ ଆମେରିକା ଦ୍ୱାରା। ପରବର୍ତ୍ତୀ ସମୟରେ ଯୁକ୍ତରାଷ୍ଟ୍ରର ଏହି କାର୍ଯ୍ୟକଳାପ କ୍ରମାଗତ ଭାବରେ ବୃଦ୍ଧି ପାଇଲା ଓ ଏହାର ସମରନୀତିର ଏକ ପ୍ରମୁଖ ଅଂଶ ପାଲଟିଗଲା। ପରିଣାମ ସ୍ୱରୂପ ଆଜି ୟୁରୋପରେ ଚାଳିଶରୁ ଅଧିକ ଆମେରିକୀୟ ସାମରିକ ଘାଟି ମାନ ରହିଛି। ଯେଉଁଠାରେ ପାଖାପାଖି ୮୫,୦୦୦ ରୁ ଅଧିକ ସୈନିକ ମୁତୟନ ଅଛନ୍ତି। ଏଠାରେ ଗୋଟିଏ କଥା ଆମକୁ ବୁଝିବାକୁ ପଡ଼ିବ କି ଆମେରିକୀୟ ନେତୃତ୍ୱରେ ପୁଞ୍ଜିବାଦୀ ଶକ୍ତିମାନେ, ଯେତେବେଳେ ଶୀତଳଯୁଦ୍ଧ ସମୟରେ ସୋଭିଏତ୍ ରୁଷ୍‌କୁ ପରାସ୍ତ କରିବା ପାଇଁ ଯୋଜନା କରିଥିଲେ, ସେତେବେଳେ ନାଟୋ ମାଧ୍ୟମରେ ସାମରିକ ଅଭିଯାନର ଆବଶ୍ୟକତା ଥିଲା, ମାତ୍ର ୧୯୯୧ ମସିହାରେ ସୋଭିଏତ୍‌ର ବିଘଟନ ଓ ୱାରସ୍ ଚୁକ୍ତିର ଅବସାନ ଘଟିଲା ପରେ ନାଟୋ ମେଣ୍ଟର ଆବଶ୍ୟକତା ଆଉ ରହିଲା ନାହିଁ। ତଥାପି ଏ ମେଣ୍ଟ ରହିଲା।

ପାଠକମାନଙ୍କର ଜାଣିବା ପାଇଁ ମୁଁ ଏଠାରେ ନାଟୋ ଓ ୱାରସ୍ ମେଣ୍ଟର ଗଠନ ବିଷୟରେ କିଛି ତଥ୍ୟ ରଖୁଛି। ନାଟୋର ପୁରା ନାମ ହେଉଛି ନର୍ଥ ଆଟଲାଣ୍ଟିକ୍ ଟ୍ରିଟି ଅର୍ଗାନାଇଜେସନ୍। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଉତ୍ତର ଆଟଲାଣ୍ଟିକ ଚୁକ୍ତି (North Atlantic Treaty) ସ୍ୱାକ୍ଷରିତ ହେବା ସହ ୧୯୪୯ ମସିହାରେ ଆନୁଷ୍ଠାନିକ ଭାବରେ ନାଟୋ ମେଣ୍ଟର ଅୟମାରମ୍ଭ ହୋଇଥିଲା। ସମୁଦାୟ ସଦସ୍ୟ ସଂଖ୍ୟା ଏଥିରେ ବତିଶ। ତିରିଶି ଜଣ ଇଉରୋପରୁ ଏବଂ ଦୁଇ ଜଣ ଉତ୍ତର ଆମେରିକାରୁ। ଶୀତଳ ଯୁଦ୍ଧ ସମୟରେ ନାଟୋର ପ୍ରାଥମିକ ଲକ୍ଷ୍ୟ ଥିଲା ସୋଭିଏତ୍ ରୁଷ ଓ ତାହାର ସହଯୋଗୀ ରାଷ୍ଟ୍ରମାନଙ୍କର ପ୍ରତିରୋଧ କରିବା। ନାଟୋକୁ ସାମ୍ନା କରିବା ପାଇଁ ସୋଭିଏତ୍ ରୁଷ୍ ନେତୃତ୍ୱରେ, ପୋଲାଣ୍ଡର ରାଜଧାନୀ ୱାରସ୍ ପରେ ୧୯୫୫ ମସିହାରେ ସ୍ୱାକ୍ଷରିତ ହୋଇଥିଲା ୱାରସ୍ ଚୁକ୍ତି ଓ ଏହା ଜନ୍ମ ଦେଲା ୱାରସ୍ ସାମରିକ ମେଣ୍ଟକୁ। ସୋଭିଏତ୍ ରୁଷ୍ ସମେତ ଏଥିରେ ସଦସ୍ୟ ରହିଲେ ଆଲବାନିଆ, ବୁଲଗେରିଆ, ଚେକୋସ୍ଲୋଭାକିଆ, ପୂର୍ବ ଜର୍ମାନୀ, ହଙ୍ଗେରୀ, ପୋଲାଣ୍ଡ ଓ ରୋମାନିଆ। ସୋଭିଏତ୍‌ର ପତନ ସହ ଏହି ମେଣ୍ଟର ମଧ୍ୟ ପତନ ଘଟିଲା। ବଞ୍ଚି ରହିଲା କିନ୍ତୁ ନାଟୋ। ନାଟୋକୁ ସୃଷ୍ଟି କରିଥିବା ଉତ୍ତର ଆଟଲାଣ୍ଟିକ ଚୁକ୍ତିର ଏକ ପ୍ରମୁଖ ଅଙ୍ଗ ତଥା ଭିତ୍ତି ହେଉଛି "ଆର୍ଟିକିଲ୍-୫"। ଉକ୍ତ ଆର୍ଟିକିଲ୍ ଅନୁଯାୟୀ ନାଟୋର ଯେକୌଣସି ସଦସ୍ୟଭୁକ୍ତ ଦେଶକୁ ବାହ୍ୟ ଦେଶ ଆକ୍ରମଣ କଲେ, ଏହାକୁ ସମଗ୍ର ନାଟୋ ରାଷ୍ଟ୍ରସଂଘ ବିରୁଦ୍ଧରେ ଯୁଦ୍ଧ ବୋଲି ଧରାଯିବ ଓ ମେଣ୍ଟର ସମସ୍ତ ସଦସ୍ୟ ସମ୍ପୃକ୍ତ ବାହ୍ୟ ଶତ୍ରୁ ବିରୋଧରେ ଯୁଦ୍ଧରେ ଅଂଶ ଗ୍ରହଣ କରିବେ। ଏହ ନିୟମଟି ଦ୍ୱାରା ନାଟୋ ଅତୀବ ବଳଶାଳୀ ହୋଇପାରିଛି ବୋଲି ଆମେ କହିପାରିବା।

ବର୍ତ୍ତମାନ ଆମେ ଦେଖିବା ଯେ, ଇଉରୋପୀୟ ରାଷ୍ଟ୍ରମାନେ, କେଉଁ କାରଣ ବଶତଃ, ଇରାନ୍ ଯୁଦ୍ଧରେ ଆମେରିକାକୁ ଅସହଯୋଗ କରିଥିଲେ ଓ ଏହାକୁ ପ୍ରସଙ୍ଗ କରି ଟ୍ରମ୍ପ ନାଟୋରୁ ଯୁକ୍ତରାଷ୍ଟ୍ର ଓହରି ଯିବା ନେଇ ଧମକ ଦେଇଥିଲେ।

ପ୍ରଥମ କାରଣ ହେଉଛି, ଇଉରୋପୀୟ ରାଷ୍ଟ୍ର ଯେପରିକି ବ୍ରିଟେନ୍, ଫ୍ରାନ୍ସ ଓ ସ୍ପେନ୍ ଟ୍ରମ୍ପ ପ୍ରଶାସନର ଇରାନ ଉପରେ ଆକ୍ରମଣକୁ ଅନାବଶ୍ୟକ ଓ ଭିତ୍ତିହୀନ ବୋଲି ମନେ କରିଥିଲେ। ଏହାକୁ ଆଧାର କରି ସେମାନେ ଆମେରିକାର ସୈନ୍ୟବାହିନୀକୁ ଇଉରୋପୀୟ ଭିତ୍ତିଭୂମି ଯୁଦ୍ଧରେ ବ୍ୟବହାର ନିମନ୍ତେ ବାରଣ କରିଥିଲେ। ଉଦାହରଣ ସ୍ୱରୂପ ସ୍ପେନ୍ (ଏହାର ଆକାଶ ମାର୍ଗକୁ ଆମେରିକାର ବ୍ୟବହାର ସକାଶେ ନିଷେଧ କରିଛି)। ସେହିପରି ମଧ୍ୟ ଇଟାଲୀ ଓ ଫ୍ରାନ୍ସ। ଇଟାଲି ନିଜର ସିଗୋନେଲା ବାୟୁସେନା ଘାଟିରୁ ଆମେରିକାକୁ ବ୍ୟବହାର କରିବାକୁ ଦେଇନାହିଁ। ଦ୍ୱିତୀୟ କାରଣ ହେଉଛି, ଟ୍ରମ୍ପ ଇରାନ୍, ଆକ୍ରମଣ କରିବା ପୂର୍ବରୁ ନାଟୋର ଅନୁମତି ନେଇ ନାହାନ୍ତି। ଯେବେକି ୨୦୦୩ରେ ତତ୍କାଳୀନ ରାଷ୍ଟ୍ରପତି ବୁଶ୍ ନାଟୋର ସଦସ୍ୟ ରାଷ୍ଟ୍ରମାନଙ୍କ ସହିତ ସବିଶେଷ ଆଲୋଚନା କରିଥିଲେ ଓ ଅନୁମତି ପ୍ରାପ୍ତ କରିଥିଲେ ଇରାକ୍ ଆକ୍ରମଣ ପୂର୍ବରୁ। ଏହାକୁ କେନ୍ଦ୍ର କରି ଇଉରୋପୀୟ ରାଷ୍ଟ୍ରସଂଘ ଟ୍ରମ୍ପଙ୍କ ଉପରେ କ୍ଷୁବ୍ଧ ଅଛନ୍ତି। ତୃତୀୟରେ ନାଟୋର ସଦସ୍ୟ ରାଷ୍ଟ୍ରମାନେ ଭୟ କରୁଛନ୍ତି କି ସେମାନେ ମଧ୍ୟପ୍ରାଚ୍ୟ ସଂଗ୍ରାମରେ ଅଂଶଗ୍ରହଣ କଲେ, ଯୁଦ୍ଧ ବ୍ୟାପକ ଆକାର ଧାରଣ କରିବ ଏବଂ ବିଶ୍ୱବ୍ୟାପୀ ତୈଳ ଓ ଗ୍ୟାସ୍‌ର ଉତ୍କଟ ସଙ୍କଟ ଦେଖାଯିବ। ଯେହେତୁ ଇଉରୋପୀୟ ଦେଶମାନେ ମଧ୍ୟ ଇରାନ ଉପରେ ତୈଳ ସକାଶେ ନିର୍ଭରଶୀଳ, ଆମେରିକାକୁ ସହଯୋଗ କରିବା ପାଇଁ ସେମାନେ ପଛଘୁଞ୍ଚା ଦେଉଛନ୍ତି।

ଚତୁର୍ଥରେ ଟ୍ରମ୍ପଙ୍କ ସାମ୍ରାଜ୍ୟ ବିସ୍ତାରବାଦୀ ନୀତି। ଅତୀତରେ ଗ୍ରିନଲ୍ୟାଣ୍ଡକୁ, ଆମେରିକାର ଅଂଶ ଓ ଏହାକୁ କଳେବଳେ କୌଶଳେ ଅଧିକାର କରିବା ନେଇ ଟ୍ରମ୍ପ ଘୋଷଣା କରିଥିଲେ। ଏହାକୁ ନେଇ ମଧ୍ୟ ବର୍ତ୍ତମାନ ସମୟରେ ଆମେରିକା ଓ ଇଉରୋପୀୟ ୟୁନିଅନ୍ ମଧ୍ୟରେ ଛକାପଞ୍ଝା ପରିସ୍ଥିତି ଲାଗି ରହିଛି। ଏହି ସବୁ କାରଣ ବଶତଃ ଇଉରୋପୀୟ ରାଷ୍ଟ୍ରମାନେ ଆମେରିକାକୁ ମଧ୍ୟପ୍ରାଚ୍ୟ ସଂଗ୍ରାମରେ ସହାୟତା କରୁ ନାହାନ୍ତି ବୋଲି ଆମେ କହିପାରିବା।

ଏବେ ଦେଖିବା ନାଟୋ ମେଣ୍ଟର ଅବସାନ ଘଟିଲେ କେଉଁ ପକ୍ଷ ବେଶୀ ପ୍ରଭାବିତ ହେବ। ପ୍ରଥମେ ଆସିବା ଆମେରିକା ପକ୍ଷକୁ। ଯଦିଓ ଟ୍ରମ୍ପ ଧମକ ଦେଇଛନ୍ତି ଓହରି ଯିବା ପାଇଁ, ଏହା କିନ୍ତୁ କଷ୍ଟ ସାଧ୍ୟ। ଏହାର ପ୍ରଥମ କାରଣ ୨୦୨୩ ମସିହାରେ ଯୁକ୍ତରାଷ୍ଟ୍ରରେ କଂଗ୍ରେସ ଗୋଟିଏ ନିୟମ ପ୍ରଣୟନ କରିଥିଲା। ଏହି ନିୟମ ଅନୁଯାୟୀ ରାଷ୍ଟ୍ରପତି, କଂଗ୍ରେସର ବିନା ସମର୍ଥନ ଓ ଉପଦେଶରେ ଉତ୍ତର ଆମେରିକୀୟ ଚୁକ୍ତିରୁ ଆମେରିକାର ସଦସ୍ୟତାକୁ ରଦ୍ଦ କରି ପାରିବେ ନାହିଁ। ରଦ୍ଦ ସକାଶେ କଂଗ୍ରେସର ସମର୍ଥନ ନିତାନ୍ତ ଆବଶ୍ୟକ। ଆଗାମୀ ନଭେମ୍ବରରେ ଯୁକ୍ତରାଷ୍ଟ୍ରରେ ମଧ୍ୟବର୍ତ୍ତୀ କାଳୀନ ନିର୍ବାଚନ ହେବାର ଅଛି ଏବଂ ଯଦି ଡେମୋକ୍ରାଟ୍ ମାନେ ସଂଖ୍ୟା ଗରିଷ୍ଠତା ହାସଲ କରନ୍ତି, ତେବେ ଟ୍ରମ୍ପଙ୍କର ଆଶା କଦାପି ଫଳବତୀ ହୋଇପାରିବ ନାହିଁ।

ଦ୍ୱିତୀୟ କାରଣ ହେଉଛି ନାଟୋର ସଦସ୍ୟତା, ଯାହାକି ଆମେରିକୀୟମାନଙ୍କ ମଧ୍ୟରେ ଅତ୍ୟନ୍ତ ଲୋକପ୍ରିୟ। ୨୦୨୫ରେ କରାଯାଇଥିବା ଗୋଟିଏ ସର୍ବେକ୍ଷଣରୁ ଜଣା ପଡ଼ିଛି କି ଛଅଷଠି ପ୍ରତିଶତ ଆମେରିକୀୟ ନାଗରିକ ସ୍ୱୀକାର କରନ୍ତି ଯେ, ନାଟୋ ସଦସ୍ୟତା ଦ୍ୱାରା ଯୁକ୍ତରାଷ୍ଟ୍ର ଲାଭବାନ ହୋଇଛି। ଯେବେବି ବତିଶ ପ୍ରତିଶତ ବିପରୀତ କଥା କହିଛନ୍ତି। ଏହି ସଦସ୍ୟତାକୁ ନେଇ ଆମେରିକା ମଧ୍ୟ ବିଭାଜିତ ଅବସ୍ଥାରେ ଅଛି। ଡେମୋକ୍ରାଟିକ୍ ଭୋଟରମାନଙ୍କ ମଧ୍ୟରୁ ସତସ୍ତରି ପ୍ରତିଶତ ନାଟୋ ସଦସ୍ୟତା ସପକ୍ଷରେ ଥିବା ବେଳେ, ରିପବ୍ଲିକାନ୍ ଭୋଟରଙ୍କ ମଧ୍ୟରୁ ପଇଁଚାଳିଶ୍ ପ୍ରତିଶତ ଏହା ସପକ୍ଷରେ ଅଛନ୍ତି। ତେଣୁ ସାମଗ୍ରିକ ଭାବରେ ଦେଖିଲେ ଯୁକ୍ତରାଷ୍ଟ୍ରର ଜନତା, ନାଟୋ, ସଦସ୍ୟତାକୁ ସମର୍ଥନ କରୁଛନ୍ତି।

ତୃତୀୟରେ ନାଟୋ ଛାଡ଼ିବା ଦ୍ୱାରା ଆମେରିକା ସାମରିକ ଦୃଷ୍ଟିକୋଣରୁ ଦୁର୍ବଳ ହୋଇପଡ଼ିବ ବୋଲି ଆନ୍ତର୍ଜାତିକ ରାଜନୀତି ବିଶେଷଜ୍ଞମାନେ ମତପୋଷଣ କରିଛନ୍ତି। ୧୯୮୯ ମସିହାରେ ଐତିହାସିକ "ପଲ କେନେଡ଼ି"ପାଞ୍ଚଶହ ବର୍ଷ ଧରି ବିଭିନ୍ନ ଯୁଦ୍ଧମାନଙ୍କ ଉପରେ ଗବେଷଣା କରି ଏକ ପୁସ୍ତକ ରଚନା କରିଥିଲେ। ବହିଟିର ନାମ ହେଉଛି "ଦି ରାଇଜ୍ ଆଣ୍ଡ ଫଲ୍ ଅଫ୍ ଗ୍ରେଟ୍ ପାୱାର।" ଏହି ପୁସ୍ତକରେ କେନେଡ଼ି ଦର୍ଶାଇଛନ୍ତି, ଯେ ଯୁଦ୍ଧରେ ସେହି ପକ୍ଷ ବିଜୟଲାଭ କରିଥାଏ, ଯିଏ ନିଜର ସମ୍ବଳ(ସୈନିକ, ଯୁଦ୍ଧାସ୍ତ୍ର) କୁ ଶୀଘ୍ର ଗତିଶୀଳ କରାଇ ପାରିଥାଏ। ଏଠାରେ ଉଦାହରଣ ଭାବରେ ସେ ନେଇଛନ୍ତି ଜର୍ମାନୀକୁ। ଦୁଇଟି ବିଶ୍ୱଯୁଦ୍ଧରେ ଜର୍ମାନୀ ଅପେକ୍ଷା ମିତ୍ରଶକ୍ତି ନିଜର ସମ୍ବଳକୁ ଶୀଘ୍ର ଗତିଶୀଳ କରାଇ ପାରିଥିବାରୁ ବିଜୟ ଲାଭ କରିଥିଲା। ଯେହେତୁ ଯୁକ୍ତରାଷ୍ଟ୍ରର ମଧ୍ୟ ସୈନ୍ୟଦଳ ଓ ସାମରିକ ଘାଟିମାନ ଇଉରୋପୀୟ ଦେଶମାନଙ୍କରେ ଅଛି ତେଣୁ ନାଟୋରୁ ଓହରିବା ଦ୍ୱାରା ସେ କ୍ଷତିଗ୍ରସ୍ତ ହିଁ ହେବ।

ଆମେରିକୀୟ ନାଭାଲ ୱାର କଲେଜ୍ ତରଫରୁ ସମ୍ପ୍ରତି ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ଚାଇନା ତାଇୱାନ୍ ଅକ୍ତିଆର କରିବା ପାଇଁ ଗୋପନ ପ୍ରସ୍ତୁତି ଚଳାଇଛି। ତାଇୱାନ୍ ଓ ଆମେରିକାର ଘନିଷ୍ଠ ସମ୍ପର୍କ ରହିଆସିଛି। ଯଦି ଚୀନ ତାଇୱାନ୍ ଆକ୍ରମଣ କରେ ତେବେ ତାଇୱାନର ସୁରକ୍ଷା ପାଇଁ ଆମେରିକା ଓ ଚୀନ ମୁହାଁମୁହିଁ ହେବେ। ଯଦି ଆମେରିକା ନାଟୋର ସଦସ୍ୟ ଥାଏ, ତେବେ ଆର୍ଟିକିଲ୍-୫ ଅନୁସାରେ ସମଗ୍ର ମେଣ୍ଟଭୁକ୍ତ ଦେଶ ଚୀନ୍ ବିରୁଦ୍ଧରେ ଲଢ଼ିବେ। ଅନ୍ୟଥା ଆମେରିକା ଚୀନ୍‌ର ପ୍ରତିରୋଧରେ ଏକା ପଡ଼ିଯିବ। ତେଣୁ ନାଟୋରେ ରହିବା ଆମେରିକା ପକ୍ଷରେ ନିଶ୍ଚିତ ଭାବରେ ଲାଭଦାୟକ।

ସେହିପରି ଆମେରିକାକୁ ନାଟୋରୁ ବାଦ୍ ଦେବା ଇଉରୋପ ପାଇଁ ମଧ୍ୟ ବିପଜ୍ଜନକ ହୋଇପାରେ, କାରଣ ରୁଷ୍ ୟୁକ୍ରେନ୍ ଯୁଦ୍ଧ ଏବେ ମଧ୍ୟ ଚାଲିଛି। ଯଦି ଏଥିରେ ଋଷ୍ ବିଜୟ ଲାଭ କରେ, ସେ ଇଉରୋପ୍‌କୁ ଭବିଷ୍ୟତରେ ଆକ୍ରମଣ କରିପାରେ। ଏହାକ କେନ୍ଦ୍ର କରି ନାଟୋର ମୁଖ୍ୟ ମାର୍କ ରୁଟେ କହିଛନ୍ତି ଯେ, ଆମେରିକାକୁ ବାଦ୍‌ଦେଇ ଇଉରୋପୀୟ ରାଷ୍ଟ୍ରସଂଘ କେବେ ବି ରୁଷ୍‌ର ମୁକାବିଲା କରିପାରିବେ ନାହିଁ। ତେଣୁ ଶେଷରେ ଆମେ ଏହି ସିଦ୍ଧାନ୍ତରେ ଉପନୀତ ହୋଇପାରିବା ଯେ, ଯଦିଓ ଆମେରିକା ଓ ନାଟୋ ମଧ୍ୟରେ ବିବାହ ଅଶାନ୍ତିରେ ପରିପୂର୍ଣ୍ଣ, ସେଥିରେ ଛାଡ଼ପତ୍ରର ଆଶଙ୍କା ନାହିଁ କହିଲେ ଚଳେ। କାରଣ ଉଭୟ ପକ୍ଷ ପରସ୍ପର ଉପରେ ନିର୍ଭରଶୀଳ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୪ ଜୁନ୍ ୨୦୨୬ ବୁଧବାର

ଆଭା

# ସଜେଇ ହେବ କାଳିଆ, ଦାସିଆ ପୀଠରୁ ଆସିବ ତୁଳସୀ



ଜଗା ଆସିବ ବଡ଼ଦାଣ୍ଡକୁ । ପଡ଼ିବ ହରିବୋଲ ହୁଳହୁଳି ବାଜିବ ଘଣ୍ଟ କରତାଳି । ଭକ୍ତର ଠାକୁର ସେ କାଳିଆ ସାଆନ୍ତ । ଯେତେବେଳେ ଭକ୍ତଟିଏ ମନପ୍ରାଣ ଦେଇ ଡାକେ ସେ ତା' ଡାକଶୁଣେ । ଆଉ ସେ ଭକ୍ତର ନିଛକ ଉଦାହରଣ ଦାସିଆ ବାଉରୀ । ରଥଯାତ୍ରା ପାଇଁ ଦାସିଆ ପୀଠରୁ ଯିବାକୁ ସଜେଇ ହେଲାଣି ତୁଳସୀ । ନଡ଼ିଆ ଓ ପଦ୍ମଫୁଲ ବି ଶ୍ରୀମନ୍ଦିରକୁ ବାହାରିଲେଣି । ଏଠାରୁ ତୁଳସୀ ଓ ନଡ଼ିଆ ଯିବା ପରେ ମହାପ୍ରଭୁଙ୍କର ପହଣ୍ଡି ସେବା ହୋଇଥାଏ ।

ଦାସିଆ ବାଉରୀ ପୀଠ ତୁଳସୀ ଉଦ୍ୟାନର ପ୍ରତିଟି କୋଣ ଅନୁକୋଣ ତୁଳସୀରେ ପରିପୂର୍ଣ୍ଣ । ତୁଳସୀ ବାସ୍ନାରେ ମହକି ଉଠୁଛି ପୂରା ପରିବେଶ । ଯେମିତି ସମସ୍ତେ କହୁଛନ୍ତି ଶ୍ରୀ ଜୟ ଜଗନ୍ନାଥ । ପୂରା ପରିବେଶ ଜଗନ୍ନାଥମୟ ହୋଇ ଉଠିଛି । କାଳିଆର ସେବାର ସମସ୍ତେ ଯେମିତି ମଜ୍ଜି ଯାଇଛନ୍ତି । ସମସ୍ତଙ୍କ ମନରେ ଗୋଟିଏ କଥା..କାଳିଆର ସେବାରେ ଲାଗିଲେ ଜୀବନ ଧନ୍ୟ ହୋଇଯିବ । ପ୍ରତିଦିନ ଏଇଠି ମା' ତୁଳସୀ ଠାକୁରାଣୀଙ୍କ ଆରାଧନା କରାଯାଏ । ମା'ଙ୍କୁ ଧୂପ ଏବଂ ଝୁଣା ଲାଗି ହୁଏ । ମା' ବୃନ୍ଦାବତୀଙ୍କ ନିକଟରେ ମୁଣ୍ଡ ନୁଆଁଇ ପତ୍ର ଛିଡ଼ାଇବା ପାଇଁ ଅନୁମତି ମାଗିଥା'ନ୍ତି ଭକ୍ତ । ଆଉ ଏହା ପରେ ତୋଳାଯାଏ କାଳିଆ ପାଇଁ ତୁଳସୀ । ଖାଲି ତୁଳସୀ କାହିଁକି, ପୀଠରେ ଥିବା ପୋଖରୀରୁ ପଦ୍ମ ଫୁଲ ତୋଳା ହୋଇଥାଏ ମଣିମାଙ୍କ ପାଇଁ । ତା' ସହ ନଡ଼ିଆ ଯାଏ ଶ୍ରୀମନ୍ଦିର ।

ସାଧୁଙ୍କ ଦ୍ୱାରା ଏହା କାଳିଆ ସାଆନ୍ତଙ୍କ ପାଇଁ ଯାଉଥିବାବେଳେ ଜଗନ୍ନାଥ ଆଶ୍ରିତ ସଂକୀର୍ତନ ମଣ୍ଡଳୀର କଳାକାରମାନେ ନାମ ସଙ୍କୀର୍ତ୍ତନ କରିଥାନ୍ତି । କାଳିଆ ସାଆନ୍ତଙ୍କ ପାଇଁ ୨୭ ହାତର ତୁଳସୀର ମାଳ ସାଂଗକୁ ମଂଜରୀ ତୁଳସୀ ମଧ ଯାଇଥାଏ । ଆଉ ସବୁକୁ ମନଖୁସିରେ ଗଳା ଓ ମସ୍ତକରେ ପିନ୍ଧନ୍ତି ସ୍ୱୟଂ ମହାପ୍ରଭୁ । ପ୍ରଭୁଙ୍କ ଦୟଣା ମାଳ ହେଉ କି ହୃଦ ପଦ୍ମ ଜଗନ୍ନାଥଙ୍କ ପୂଜାରେ ତୁଳସୀର ରହିଛି ଏକ ମହତ୍ୱପୂର୍ଣ୍ଣ ଭୂମିକା । ଶାସ୍ତ୍ରରେ କୁହାଯାଇଛି ତୁଳସୀ ଗଛର ବିଭିନ୍ନ ଅଂଶରେ ଦେବାଦେବୀ ବାସ କରିଥାନ୍ତି । ବୈଷ୍ଣବ ଧର୍ମରେ ତୁଳସୀ ମହାତ୍ମ୍ୟକୁ ନେଇ ରହିଛି ଅନେକ ପୌରାଣିକ ଗାଥା । ଆଉ ସେଇଥିପାଇଁ ତ କାଳିଆ ସାଆନ୍ତଙ୍କ ପୂଜା ପାଇଁ ଖୋଜା ପଡ଼ିଥାଏ ତୁଳସୀ ଦୟଣା ।

## ପଣସ ଏବଂ ଏହାର ମଞ୍ଜିରେ ଭରି ରହିଛି ଭିଟାମିନ୍

**ନୂଆଦିଲ୍ଲୀ:** ଦକ୍ଷିଣ ଏବଂ ପୂର୍ବୋତ୍ତର ଭାରତରେ ପଣସକୁ ପାଚିଲା ଫଳ ଭାବରେ ଖିଆଯାଉଥିବା ବେଳେ ପୂର୍ବ, ଉତ୍ତର ଏବଂ ମଧ ଭାରତରେ ଏହାକୁ କଞ୍ଚା ପରିବା ଭାବେ ଖିଆଯାଏ । କିଛି ଲୋକ ରୋଷେଇ ସମୟରେ ପଣସର ମଞ୍ଜିକୁ ଫିଙ୍ଗି ଦିଅନ୍ତି କିମ୍ବା ଫଳରୁ ଅଲଗା କରନ୍ତି, କିନ୍ତୁ ଏଗୁଡ଼ିକ ପୁଷ୍ଟିକର ପଦାର୍ଥରେ ଭରପୂର ଏବଂ ଆପଣଙ୍କ ସ୍ୱାସ୍ଥ୍ୟକୁ ଅନେକ ଉପାୟରେ ଲାଭ ଦେଇପାରେ । ଆସନ୍ତୁ ଜାଣିବା ଆପଣ କିପରି ପଣସ ମଞ୍ଜିକୁ ଆପଣଙ୍କ ଖାଦ୍ୟରେ ସାମିଲ କରିପାରିବେ, ଏଥିରେ କେତେ ଭିଟାମିନ୍ ଏବଂ ମିନେରାଲ୍ସ ରହିଛି ଏବଂ ଏହା ଆପଣଙ୍କ ସ୍ୱାସ୍ଥ୍ୟକୁ କିପରି ଲାଭ ଦେବ । ଗୋଟିଏ କୋଳା ପଣସ ମଞ୍ଜିରେ ଭିଟାମିନ୍ ଏ ଏବଂ ସି ସହିତ କ୍ୟାଲସିୟମ ଏବଂ ଆଇରନ ରହିଥାଏ, ଯାହାକି ଶରୀରକୁ ସୁସ୍ଥ ରଖିବା କ୍ଷେତ୍ରରେ ସମସ୍ତ ଆବଶ୍ୟକୀୟ ପୋଷକ ତତ୍ତ୍ୱ ଅଟେ । ଆସନ୍ତୁ ଏ ସମ୍ପର୍କରେ ବିସ୍ତୃତ ଭାବରେ ଅନୁସନ୍ଧାନ କରିବା । ହେଲଥଲାଇନ୍ ଅନୁଯାୟୀ, ୧୦୦ ଗ୍ରାମ ପଣସ ମଞ୍ଜିରେ ୦.୪୩ ଗ୍ରାମ ପ୍ରୋଟିନ୍, ୧.୫ ଗ୍ରାମ ଫାଇବର, ୧୦ ରୁ ୧୭ ଆଇୟୁ ଭିଟାମିନ୍ ଏ, ୧୧ ମିଲିଗ୍ରାମ ଭିଟାମିନ୍ ସି, ୫୦ ମିଲିଗ୍ରାମ କ୍ୟାଲସିୟମ୍, ୫୪ ମିଲିଗ୍ରାମ ମ୍ୟାଗ୍ନେସିୟମ୍, ୧.୫ ମିଲିଗ୍ରାମ ଆଇରନ ଏବଂ ୨୬୪ ମିଲିଗ୍ରାମ ପୋଟାସିୟମ୍ ଥାଏ । ଏହା ବି କମ୍ପ୍ଲେକ୍ସ ଭିଟାମିନର ଥିଆମିନ୍ ଏବଂ ରିବୋଫ୍ଲାଭିନ୍ ର ଏକ ପ୍ରମୁଖ ଉତ୍ସ ମଧ । ଏଥିରେ ଅନେକ ଯୌଗିକ ଉପାଦାନ ମଧ ଥାଏ । ୟୁଏସ ଡିପାର୍ଟମେଣ୍ଟ ଅଫ୍ ଏଗ୍ରିକଲଚର ବା ଆମେରିକାର କୃଷି ବିଭାଗ ଅନୁଯାୟୀ, ୧୬୫ ଗ୍ରାମ ଅର୍ଥାତ୍ ପ୍ରାୟ ୧ କପ ପଣସ ମଞ୍ଜିରେ ୨.୮୪ ଗ୍ରାମ ପ୍ରୋଟିନ୍, ୨.୪୮ ଗ୍ରାମ ଫାଇବର, ୩୯.୬ ମିଗ୍ରା କ୍ୟାଲସିୟମ୍, ୪୭.୮ ମିଲିଗ୍ରାମ ମ୍ୟାଗ୍ନେସିୟମ୍, ୭୩୯ ମିଲିଗ୍ରାମ ପୋଟାସିୟମ୍, ୩୪.୬ ମିଲିଗ୍ରାମ ଫସଫରସ୍, ୨୨.୬ ମିଲିଗ୍ରାମ ଭିଟାମିନ୍ ସି, ୧.୫୨ ମିଲିଗ୍ରାମ ନିଆସିନ୍, ୩୯.୬ ମାଇକ୍ରୋଗ୍ରାମ ଫୋଲେଟ୍ ଏବଂ ୮.୨୫ ମାଇକ୍ରୋଗ୍ରାମ ଭିଟାମିନ୍ ଏ ଥାଏ । ଆପଣଙ୍କ ଖାଦ୍ୟରେ ପଣସ ମଞ୍ଜିକୁ ସାମିଲ କରିବା ଅତ୍ୟନ୍ତ ସହଜ ।

## ଭାରତର ରହସ୍ୟମୟ ଗୁମ୍ଫା



ଭାରତରେ ରହିଛି ରହସ୍ୟମୟ ଗୁମ୍ଫା । ଗୁମ୍ଫା ନୁହେଁ ତ ଚକ୍ରବ୍ୟୁହ । ଥରେ ଭିତରକୁ ଗଲେ ବାହାରିବା ମୁସ୍କିଲ । ଏହି ଗୁମ୍ଫାର ନାମ କ୍ରେମ୍ ପୁରୀ । ଏହା ମେଘାଳୟରେ ଅଛି । ୨୦୧୬ରେ ରହସ୍ୟମୟ ଗୁମ୍ଫାର ଆବିଷ୍କାର କରିଥିଲେ ବୈଜ୍ଞାନିକ । ଏହାକୁ ବିଶ୍ୱର ସବୁଠାରୁ ଲମ୍ବା ବାଲିପଥର ଗୁମ୍ଫା କୁହାଯାଏ । ଗୁମ୍ଫାର ଅନିୟମିତ ପ୍ରବେଶ ପଥ ଅଛି, ଯାହା ଏକ ଚକ୍ରବ୍ୟୁହଠାରୁ କମ୍ ନୁହେଁ । ଯଦି ଆପଣ ଥରେ ଗୁମ୍ଫା ଭିତରକୁ ପ୍ରବେଶ କରନ୍ତି, ତେବେ ବାହାରକୁ ବାହାରିବା ଆପଣଙ୍କ ପାଇଁ କଷ୍ଟକର ହୋଇଯିବ ।

ଏହି ଗୁମ୍ଫା ୨୪.୫ କିଲୋମିଟର ପର୍ଯ୍ୟନ୍ତ ଲମ୍ବା । ମାଓ୍ୱସିନରାମର ସବୁଜ ଉପତ୍ୟକାରେ ୧୩ ବର୍ଗ କିଲୋମିଟରରେ ଏହା ବିସ୍ତାରିତ । ଯେଉଁଠି ପୃଥିବୀରେ ସର୍ବାଧିକ ବର୍ଷା ହୋଇଥାଏ । ପ୍ରାୟ ୩୦ ଜଣ ବୈଜ୍ଞାନିକଙ୍କୁ ନେଇ ଗଠିତ ଟିମ୍ ଏହି ଗୁମ୍ଫାର ସନ୍ଧାନ ପାଇଥିଲେ । ଯେଉଁଥିରେ ଭୂ-ବିଜ୍ଞାନୀ, ଜଳବିଜ୍ଞାନୀ, ଜୀବବିଜ୍ଞାନୀ ଏବଂ ପ୍ରତ୍ନତତ୍ତ୍ୱବିତ୍ ସାମିଲ ଥିଲେ ।

ଏହି ଗୁମ୍ଫା ଭିତରେ ଶହ ଶହ ଛୋଟ ଲମ୍ବା କରିଡରର ଏକ ଜଟିଳ ଚକ୍ରବ୍ୟୁହ ଅଛି ଯାହା ପରସ୍ପର ସହିତ ଜଡିତ । ଏଠାରେ ବେଙ୍ଗ, ମାଛ, ଶିକାର କରୁଥିବା ପ୍ରାଣି, ବାଦୁଡ଼ି ଓ ସରିସୃପ ମଧ ଅଛନ୍ତି ।

ବୈଜ୍ଞାନିକମାନେ ଏହି ଗୁମ୍ଫାରୁ ସାର୍କ ଦାନ୍ତ ଏବଂ ସାମୁଦ୍ରିକ ଡାଇନୋସରର କିଛି ହାଡ଼ ମଧ ପାଇଛନ୍ତି । ଯାହା ପ୍ରାୟ ଛଅ କୋଟି ବର୍ଷ ପୂର୍ବେ ସମୁଦ୍ରରେ ମିଳିଥିଲା । ବାହାରର ତାପମାତ୍ରା ଯେକୌଣସି ହେଉ ନା କାହିଁକି, ଏହି ଗୁମ୍ଫାର ତାପମାତ୍ରା ସର୍ବଦା ୧୬-୧୭ ଡିଗ୍ରୀ ମଧରେ ରହିଥାଏ । ଏଠାରେ ଅମ୍ଳଜାନର ଅଭାବ ନାହିଁ । କାରଣ ଛୋଟ ଫାଟ ଏବଂ ଦୁଇଟି ପ୍ରବେଶ ପଥ ଦେଇ ଭିତରକୁ ବାୟୁ ଚଳାଚଳ କରିଥାଏ ।

## କୁକୁର ବି ଦେଖେ ସ୍ୱପ୍ନ, ମଣିଷ ଭଳି ହୁଏ ରାପିଡ୍ ଆଇ ମୁଭ୍‌ମେଣ୍ଟ



କୁକୁର ବି ଦେଖେ ସ୍ୱପ୍ନ । ଅନେକଙ୍କୁ ଏକଥା ଆଶ୍ଚର୍ଯ୍ୟ ଲାଗୁଥିଲେ ହେଁ ବୈଜ୍ଞାନିକମାନେ ଏପରି ଦାବି କରିଛନ୍ତି । ବୈଜ୍ଞାନିକଙ୍କ ଅନୁସାରେ, କୁକୁର ବି ମଣିଷଙ୍କ ଭଳି ସ୍ୱପ୍ନ ଦେଖନ୍ତି । ସ୍ୱପ୍ନରେ ନିଜର ପ୍ରିୟ ଖାଦ୍ୟ ଖାଇବା, ଖେଳଣାରେ ଖେଳିବା, ଦୌଡ଼ିବା ଭଳି କାମ କରନ୍ତି । ଖାସ୍‌କରି ମାଲିକଙ୍କୁ ବି ସେମାନେ ସ୍ୱପ୍ନ ଦେଖନ୍ତି । ବୈଜ୍ଞାନିକଙ୍କ ଅନୁସାରେ, କୁକୁର ରାପିଡ୍ ଆଇ ମୁଭ୍‌ମେଣ୍ଟ ସ୍ଲିପ୍ ସମୟରେ ସ୍ୱପ୍ନ ଦେଖନ୍ତି । ଏହା ସେହି ପର୍ଯ୍ୟାୟ ଯେଉଁଥିରେ ମଣିଷ ବି ସ୍ୱପ୍ନ ଦେଖେ । ହାର୍ଭାର୍ଡ ବିଶ୍ୱବିଦ୍ୟାଳୟର ଡିଡ୍ରେ ବ୍ୟାରେଟ୍ ଡିସ୍କଭରୀ ପତ୍ରିକାକୁ କହିଛନ୍ତି, ରାପିଡ୍ ଆଇ ମୁଭ୍‌ମେଣ୍ଟ୍ ନିଦ୍ରା ସମସ୍ତ ସ୍ତନ୍ୟପାୟୀ ପ୍ରଜାତିଙ୍କ ମଧରେ ଏକାଭଳି । ଏହାର ଅର୍ଥ ମୂଷାଠୁ ହାତୀ ଏବଂ କୁକୁରଠୁ ବିଲେଇ ପର୍ଯ୍ୟନ୍ତ ସମସ୍ତେ ସ୍ୱପ୍ନ ଦେଖିପାରନ୍ତି । ତେବେ ତିମି ଓ ଡଲ୍‌ଫିନ ଭଳି ପ୍ରଜାତି ନିଜର ଅଧା ମସ୍ତିଷ୍କକୁ ଜାଗ୍ରତ ରଖୁଥିବାରୁ ସ୍ୱପ୍ନ ଦେଖିପାରୁ ନ ଥିବେ ।

୨୦୦୧ରେ ମାସାଚୁସେଟ୍‌ସ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିର ସ୍ନାୟୁବୈଜ୍ଞାନିକ ମାଥ୍ୟୁ ୱିଲସନ୍ ମୂଷାଙ୍କ ଉପରେ ଅଧୟନ କରିଥିଲେ । ଏକ ପ୍ରହେଳିକାରେ ଦୌଡୁଥିବାବେଳେ ମୂଷାଙ୍କ ମସ୍ତିଷ୍କର ଗତିବିଧିକୁ ସେମାନେ ଯାଞ୍ଚ୍ କଲେ । ମୂଷା ଶୋଇବା ପରେ ରାପିଡ୍ ଆଇ ମୁଭ୍‌ମେଣ୍ଟ୍‌କୁ ଯିବା ପରେ ସେମାନଙ୍କ ମସ୍ତିଷ୍କରେ ସେହି ପ୍ୟାଟର୍ନ ଦେଖାଗଲା, ଯାହା ପ୍ରହେଳିକାରେ ଦୌଡୁଥିବାବେଳେ ଥିଲା । ଅର୍ଥାତ୍ ମୂଷା ଜାଗ୍ରତ ସମୟର ନିଜ ଅନୁଭବକୁ ସ୍ୱପ୍ନରେ ଦୋହରାଉଥିଲେ । ବୈଜ୍ଞାନିକଙ୍କ ଅନୁସାରେ, ଏହି ପ୍ରକ୍ରିୟା ସ୍ମୃତିକୁ ମଜଭୁତ କରିବା ଓ ଶିଖିବାରେ ସାହାଯ୍ୟ କରେ । କୁକୁର ଆମକୁ ସ୍ୱପ୍ନ ବିଷୟରେ କହି ପାରିବେ ନାହିଁ । ଏଥିରେ ବୈଜ୍ଞାନିକମାନେ ଏକ ଥିଓରି ଉପରେ ଭରସା କରନ୍ତି । ଏହାକୁ କଣ୍ଟିନ୍ୟୁଟି ହାଇପୋଥେସିସ୍ କୁହାଯାଏ । ଅର୍ଥାତ୍ ଦିନମାନ ଯେଉଁ କଥାରେ ଆମ ଧ୍ୟାନ ଥାଏ, ତାହା ଆମେ ସ୍ୱପ୍ନରେ ଦେଖୁ । କୁକୁରଙ୍କ କ୍ଷେତ୍ରରେ ମଧ ସମାନ ହୁଏ ।

## ଆଇଆରଡି: ଶୈଶବରୁ ଆରମ୍ଭ ହୁଏ ଦୃଷ୍ଟିଶକ୍ତି ହ୍ରାସ



ଆପଣଙ୍କର ଘରେ କାହାର ପିଲାବେଳୁ ଦୃଷ୍ଟିଶକ୍ତି ହ୍ରାସ ହେବାରେ ଲାଗିଛି କି ? ଯଦି ହଁ, ତେବେ ଆପଣ ଅବହେଳା କରନ୍ତୁ ନାହିଁ । କାରଣ ଏହା ଆଇଆରଡ଼ିର ଲକ୍ଷଣ ହୋଇପାରେ । ବାସ୍ତବରେ ଆଇଆରଡି (ଇନହେରିଟେଡ୍ ରେଟିନାଲ୍ ଡିଷ୍ଟ୍ରୋଫି) ହେଉଛି ଜେନେଟିକ୍ ଅବସ୍ଥାର ଏକ ଗୋଷ୍ଠୀ ଯାହା ରେଟିନାକୁ ପ୍ରଭାବିତ କରେ, ଏହା ଫଳରେ ଛୋଟ ପିଲା ଏବଂ ଯୁବକମାନଙ୍କ ମଧରେ ଦୃଷ୍ଟିଶକ୍ତି ହ୍ରାସ ପାଏ, ଏପରିକି ଅନ୍ଧତ୍ୱ ମଧ ହୋଇପାରେ । ଏଥିରେ ରେଟିନାଇଟିସ୍ ପିଗମେଣ୍ଟୋସା, ଲେବର୍ କଞ୍ଜେନିଟାଲ୍ ଏମୋରୋସିସ୍, ଷ୍ଟାରଗାର୍ଡ ରୋଗ ଏବଂ କୋନ୍-ରଡ୍ ଡିଷ୍ଟ୍ରୋଫି ଭଳି ରୋଗ ଅନ୍ତର୍ଭୁକ୍ତ । ଅନେକ କ୍ଷେତ୍ରରେ ସଚେତନତା ଏବଂ ସ୍ୱତନ୍ତ୍ର ସୁବିଧା ଅଭାବରୁ ଏସବୁ ରୋଗ ଭୁଲ ଭାବରେ ନିର୍ଣ୍ଣୟ କରାଯାଏ କିମ୍ବା ବହୁତ ବିଳମ୍ବରେ ଚିହ୍ନଟ କରାଯାଏ । ଆଇଆରଡି ଦ୍ୱାରା ଦୃଷ୍ଟିଶକ୍ତି ହ୍ରାସ ଶୈଶବରୁ ଆରମ୍ଭ ହୋଇପାରେ ଏବଂ କିଶୋରାବସ୍ଥା ଓ ପ୍ରାପ୍ତବୟସ୍କ ହେବା ପର୍ଯ୍ୟନ୍ତ ବଢ଼ିପାରେ, ଯାହା ଶିକ୍ଷାଲାଭ, ନିଯୁକ୍ତି ଏବଂ ଜୀବନର ଗୁଣବତ୍ତା ଉପରେ ଗୁରୁତର ପ୍ରଭାବ ପକାଇପାରେ । ପିଲାମାନଙ୍କଠାରେ ପ୍ରଥମେ ରାତିକାଳୀନ ଅନ୍ଧତ୍ୱ ହୁଏ, ତା'ପରେ ବସ୍ତୁ ଦୃଷ୍ଟିକ୍ଷେତ୍ର ମଧଭାଗକୁ ନ ଆସିଲେ ଦେଖା ନଯିବା (ଟନେଲ୍ ଭିଜନ୍) ଏବଂ ଶେଷରେ ସମ୍ପୂର୍ଣ୍ଣ ଦୃଷ୍ଟିଶକ୍ତି ହରାଇପାରନ୍ତି । ଅନ୍ୟାନ୍ୟ ଅନ୍ଧତ୍ୱ ଭଳି ଏହା ନୁହେଁ । ଆଇଆରଡି ବଂଶାନୁକ୍ରମିକ ଭାବରେ ହୁଏ ଏବଂ ପିଢ଼ି ପରେ ପରିବାରର ଅନେକ ସଦସ୍ୟଙ୍କୁ ପ୍ରଭାବିତ କରିପାରେ । ଅନେକ ପରିବାର ନିରୂପଣ ହୋଇନଥିବା ବଂଶାନୁକ୍ରମିକ ଅନ୍ଧତ୍ୱ ସହିତ ବଞ୍ଚନ୍ତି କାରଣ ସେମାନେ ମୂଳ ଜିନଗତ କାରଣ ବିଷୟରେ ଜାଣି ନ ଥାନ୍ତି । ଜେନେଟିକ୍ ପରୀକ୍ଷଣ କେବଳ ରୋଗ ନିର୍ଣ୍ଣୟକୁ ନିଶ୍ଚିତ କରେ ନାହିଁ ବରଂ ନିର୍ଦ୍ଦିଷ୍ଟ ଚିକିତ୍ସା, ନୈଦାନିକ ପରୀକ୍ଷଣରେ ଅଂଶଗ୍ରହଣ ଏବଂ ସୂଚନା ମିଳିବା ଯୋଗୁଁ ପାରିବାରିକ ଯୋଜନା ପାଇଁ ମଧ ପଥ ଉନ୍ମୁକ୍ତ କରିଥାଏ ।

ତେବେ ଆଇଆରଡିର ଚିକିତ୍ସା ବାବଦରେ କହିବାକୁ ଗଲେ ସ୍ୱତନ୍ତ୍ର ରେଟିନା ମୂଲ୍ୟାଙ୍କନ, ଇଆରଜି ଏବଂ ଭିଇପି ଭଳି ଇଲେକ୍ଟ୍ରୋଫିଜିଓଲୋଜିକାଲ୍ ଟେଷ୍ଟ, ଜିନ୍ ପ୍ୟାନେଲ୍ କିମ୍ବା ସାମଗ୍ରିକ ଏକ୍ସୋମ୍ ସିକ୍ୱେନ୍ସିଂ ସାହାଯ୍ୟରେ ଉନ୍ନତ ଜେନେଟିକ୍ ପରୀକ୍ଷଣ ଦ୍ୱାରା ଏହା ଜଣାପଡେ । କୌଣସି ଚକ୍ଷୁ ବିଶେଷଜ୍ଞ ଏହି ସବୁ ରିପୋର୍ଟ ମାଧ୍ୟମରେ ହିଁ ଚିକିତ୍ସା କରିଥାନ୍ତି ।

**ଖଡ଼ିଆ ସମ୍ପ୍ରଦାୟର ନିଆରା ପରମ୍ପରା 'ଘିନି ପାଲାନ୍'**

## ଅବିବାହିତ ଯୁବକ-ଯୁବତୀ ବାଦୀଗୀତର ହାରଜିତ୍‌ରୁ ବାଛନ୍ତି ଜୀବନ ସାଥୀ...



ଭିନ୍ନ ଭିନ୍ନ ଜାତି ଏବଂ ପରମ୍ପରାକୁ ନେଇ ଭିନ୍ନ ଭିନ୍ନ ରୀତିନୀତି ସାଙ୍ଗକୁ ଚଳଣି ରହିଆସିଥିବା ବେଳେ ମୟୂରଭଞ୍ଜ ଏବଂ କେନ୍ଦୁଝର ସମେତ ବିଭିନ୍ନ ଜିଲ୍ଲାରେ ବସବାସ କରୁଥିବା ଆଦିମ ଜନଜାତି ଖଡ଼ିଆ ସମ୍ପ୍ରଦାୟ ପକ୍ଷରୁ ରଜସଂକ୍ରାନ୍ତି ଅବସରରେ ପାଳନ କରାଯାଉଥିବା 'ଘିନି ପାଲାନ୍' ପରମ୍ପରା ସମ୍ପ୍ରଦାୟର ସ୍ୱାତ୍ୟନ୍ତ୍ରତା ବହନ କରିଥାଏ । ଆଉ ଏହି ସ୍ୱତନ୍ତ୍ରତା ହିଁ ସମ୍ପ୍ରଦାୟ ପାଇଁ ଆଣିଦେଇଛି ନିଆରା ପରିଚୟ । ଯେଉଁଠି ବାଦିଗୀତର ହାରଜିତରୁ ଜୀବନସାଥୀ ଚୟନ ନିଷ୍ପତ୍ତି ଗ୍ରହଣ ସାଙ୍ଗକୁ ରଜସଂକ୍ରାନ୍ତିରେ ଭେଟଘାଟ୍ ପରେ ବାହୁଡାରେ ଜୀବନସାଥୀ ଭାବେ ବିବାହ ବନ୍ଧନରେ ବାନ୍ଧି ହୋଇଥାନ୍ତି । ଯଦିଓ ରଜସଂକ୍ରାନ୍ତି ଏକ କୃଷିଭିତ୍ତିକ ପର୍ବ ଭାବରେ ଓଡ଼ିଶାର ଘରେଘରେ ପରିଚିତ ମାତ୍ର ଆଦିମ ଜନଜାତି ଖଡିଆ ସମ୍ପ୍ରଦାୟ ପାଇଁ ଏହା ବେଶ ସ୍ୱତନ୍ତ୍ରତା ବହନ କରିଥାଏ ।

ଆଦିମ ଜନଜାତି ଖଡ଼ିଆ ସମ୍ପ୍ରଦାୟର ଲୋକେ ବସବାସ କରୁଥିବା ଗାଁ ଗୁଡିକୁ ଅନ୍ୟ ଗାଁରୁ ସମ୍ପ୍ରଦାୟର ଅବିବାହିତ ଯୁବକମାନେ ନୂତନ ପୋଷାକ ପରିଧାନ କରିପହଞ୍ଚିଥାନ୍ତି । ଗାଁ ମୁଣ୍ଡରେ ରଜଦୋଳି ସାଙ୍ଗକୁ ଅବିବାହିତ ଯୁବତୀମାନେ ନୂତନପୋଷାକ ପରିଧାନ କରି ଅଭିଭାବକଙ୍କ ସହିତ ଉପସ୍ଥିତ ରହିଥାନ୍ତି । ଏହି କାର୍ଯ୍ୟକ୍ରମରେ ଖଡିଆ ସମ୍ପ୍ରଦାୟର କେବଳ ଅବିବାହିତ ଯୁବକ ଏବଂ ଅବିବାହିତା ଯୁବତୀମାନଙ୍କୁ ଅଂଶଗ୍ରହଣ କରିବାର ଅନୁମତି ରହିଥାଏ । ଅବିବାହିତା ଯୁବତୀଙ୍କ ଅଭିଭାବକଙ୍କ ଉପସ୍ଥିତିରେ ଆରମ୍ଭ ହୁଏ ବାଦିଗୀତ ପ୍ରତିଯୋଗିତା । ଆଉ ଏହି ବାଦିଗୀତ ହାରଜିତରୁ ହିଁ ଯୁବକ/ଯୁବତୀମାନେ ନିଜର ଜୀବନସାଥୀ ବାଛିଥାନ୍ତି । ପହିଲି ରଜରେ ସମସ୍ତେ ପିଠାପଣା ଖାଇ ଦୋଳିଖେଳ, ତାସ୍‌ଖେଳରେ ମସଗୁଲ ହୋଇ ସମୟ ଅତିବାହିତ କରିଥାନ୍ତି । ଦ୍ୱିତୀୟ ଏବଂ ତୃତୀୟଦିନରେ ଖଡ଼ିଆ ସମ୍ପ୍ରଦାୟର ଅବିବାହିତ ଯୁବକମାନେ ଅନ୍ୟତ୍ର ବସବାସ କରୁଥିବା ଜନଜାତି ସମ୍ପ୍ରଦାୟର ଗାଁକୁ ଯାଇଥାନ୍ତି । ଗାଁ ମୁଣ୍ଡରେ ରଜଦୋଳିର ବ୍ୟବସ୍ଥା ସାଙ୍ଗକୁ ବିବାହଯୋଗ୍ୟ ଯୁବତୀମାନେ ସଜବାଜ ହୋଇ ପ୍ରସ୍ତୁତହୋଇ ରହିଥାନ୍ତି । ଏହାପରେ ବାହାର ଗାଁରୁ ଆସିଥିବା ଅବିବାହିତ ଯୁବକଙ୍କ ସହିତ ଅବିବାହିତା ଯୁବତୀମାନଙ୍କ ମଧରେ ବାଦିଗୀତର ପ୍ରତିଯୋଗିତା ଆରମ୍ଭ କରାଯାଏ । ଆଉ ଏହି ବାଦୀଗୀତ ମାଧ୍ୟମରେ ଯେଉଁ ଯୁବକ ଯେଉଁ ଯୁବତୀଙ୍କୁ ପରାସ୍ତ କରିବାରେ ସକ୍ଷମ ହୋଇଥାଏ କିମ୍ବା ପ୍ରଭାବିତ କରିବାରେ ସଫଳ ହୋଇଥାଏ ତାଙ୍କୁ ହିଁ ଜୀବନସାଥୀ ଭାବରେ ଚୟନ କରିଥାନ୍ତି ।

ରଜପର୍ବରେ ବାଦିଗୀତରୁ ଜୀବନସାଥୀ ବାଛିବାର ପ୍ରକ୍ରିୟା ଚୂଡାନ୍ତ ହେବାପରେ ପବିତ୍ର ରଥଯାତ୍ରାରୁ ବାହୁଡାଯାତ୍ରା ମଧରେ ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାର ଷ୍ଟେସନବଜାରସ୍ଥିତ ହାଟପଡିଆରେ ବିବାହ ପାଇଁ ଯୁବକ/ଯୁବତୀମାନେ ଏକତ୍ରିତ ହୋଇଥାନ୍ତି । ଆଉ ଜଗନ୍ନାଥଙ୍କୁ ସାକ୍ଷୀ ରଖି ବାଦିଗୀତ ପ୍ରତିଯୋଗିତାରେ ହୋଇଥିବା ନିଷ୍ପତ୍ତି ମୁତାବକ ବିବାହ ବନ୍ଧନରେ ଆବଦ୍ଧ ହୋଇଥାନ୍ତି । ଏହାପରେ ରଥାରୂଢ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନପୂର୍ବକ ଆଶିଷ ଲାଭ କରିଥାନ୍ତି । ଧିରେ ଧିରେ ଆଦିମ ଖଡିଆ ସମ୍ପ୍ରଦାୟର ଏହି ନିଆରା ପରମ୍ପରା ଲୋପ ପାଇବାକୁ ବସୁଥିବାରୁ ଏହାର ବ୍ୟାପକ ପ୍ରଚାର ପ୍ରସାର ସାଙ୍ଗକୁ ସରକାରୀସ୍ତରରେ ପ୍ରୋତ୍ସାହନର ଆବଶ୍ୟକତା ରହିଛି ।

## ସୁସ୍ଥ ମାଢ଼ି ସୁସ୍ଥ ମୁଖ



ମୁଖ ପରିଚ୍ଛନ୍ନତା କଥା ଉଠିଲେ ସାଧାରଣତଃ ଦାନ୍ତ ହିଁ ଦୃଷ୍ଟି ଆକର୍ଷଣ କରିଥାଏ । ତେବେ ପାଟିର ଏକ ସମାନ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ହେଉଛି ମାଢ଼ି । ତେଣୁ ତା' ପ୍ରତି ଉପଯୁକ୍ତ ଧ୍ୟାନ ଦେବାକୁ ଦନ୍ତ ବିଶେଷଜ୍ଞମାନେ ପରାମର୍ଶ ଦିଅନ୍ତି । ଆମର ମାଢ଼ି କେବଳ ଆମ ଦାନ୍ତକୁ ଘେରି ରହିଥିବା ଗୋଲାପୀ ତନ୍ତୁ ନୁହେଁ, ଏହା ଏକ ଜୀବନ୍ତ ଓ ଶ୍ୱାସକ୍ରିୟାଶୀଳ ଗଠନ । ମାଢ଼ି ଦାନ୍ତର ମୂଳ ଏବଂ ଦାନ୍ତକୁ ଠିକ୍ ? ସ୍ଥାନରେ ଧରି ରଖୁଥିବା ହାଡ଼କୁ ସୁରକ୍ଷା ଦିଏ । ସୁସ୍ଥ ମାଢ଼ି ଦାନ୍ତ ଚାରିପାଖରେ ଏକ ସଙ୍କୁଚିତ ଆବରଣ ସୃଷ୍ଟି କରେ, ଯାହା ଜୀବାଣୁ ଏବଂ ଖାଦ୍ୟ କଣିକାଗୁଡ଼ିକୁ ଚର୍ମ ଅଭ୍ୟନ୍ତରକୁ ଯିବାରୁ ରୋକିଥାଏ ଏବଂ ସମଗ୍ର ଦାନ୍ତ ସ୍ୱାସ୍ଥ୍ୟକୁ ଅକ୍ଷୁଣ୍ଣ ରଖିଥାଏ ।

ଅଧିକାଂଶ ଲୋକ ସାଧାରଣତଃ ଦାନ୍ତ ଘଷିବା ସମୟରେ ରକ୍ତସ୍ରାବ, ଫୁଲା, ସମ୍ବେଦନଶୀଳତା, କିମ୍ବା ଲଗାତାର ଦୁର୍ଗନ୍ଧ ହେଲା ଭଳି ଅସ୍ୱସ୍ତି ଲାଗିଲେ ହିଁ ମାଢ଼ି ପ୍ରତି ଧ୍ୟାନ ଦେବା ଆରମ୍ଭ କରନ୍ତି । ପାଟି ଶରୀରର ଅନ୍ୟାନ୍ୟ ଅଂଶକୁ ଯିବାର ପ୍ରବେଶ ପଥ, ଏବଂ ମାଢ଼ିରେ ପ୍ରଦାହ କିମ୍ବା ସଂକ୍ରମଣ ଅନ୍ୟ ଅଙ୍ଗରେ ପ୍ରଭାବ ପକାଇପାରେ । ଏହା ଜିଞ୍ଜିଭାଇଟିସ୍ ଓ ପିରିଓଡୋଣ୍ଟାଇଟିସ୍ ଭଳି ମାଢ଼ି ରୋଗର ପ୍ରାରମ୍ଭିକ ଲକ୍ଷଣ ହୋଇପାରେ । ଖରାପ ମାଢ଼ି ସ୍ୱାସ୍ଥ୍ୟ ହୃଦ୍‌ରୋଗ, ମଧୁମେହ, ଶ୍ୱାସକ୍ରିୟା ରୋଗ ଓ ଗର୍ଭାବସ୍ଥାରେ ଜଟିଳତା ଭଳି ରୋଗର ଆଶଙ୍କା ବଢ଼ାଇପାରେ । ମାଢ଼ି ରୋଗର ଉପସ୍ଥିତି ମଧୁମେହ ରୋଗୀଙ୍କ ପାଇଁ ରକ୍ତ ଶର୍କରା ସ୍ତର ନିୟନ୍ତ୍ରଣ କରିବା କଷ୍ଟକର କରିପାରେ ବୋଲି କୁହାଯାଏ । ସେହିପରି ଅସ୍ୱାସ୍ଥ୍ୟକର ମାଢ଼ିରେ ବଢୁଥିବା ଜୀବାଣୁ ରକ୍ତପ୍ରବାହରେ ପ୍ରବେଶ କରି ହୃଦ୍‌ରୋଗ ସମସ୍ୟା ସୃଷ୍ଟି କରିପାରନ୍ତି । ଜିଞ୍ଜିଭାଇଟିସ୍ ଭାବରେ ଆରମ୍ଭ ହେଉଥିବା ରୋଗକୁ ଅଣଦେଖା କଲେ ତାହା ପିରିଓଡୋଣ୍ଟାଇଟିସ୍‌ରେ ପରିଣତ ହୋଇପାରେ, ଯାହା ଦାନ୍ତ କ୍ଷୟ, ହାଡ଼ ଓ ସଂଯୋଜକ ଟିସୁକୁ କ୍ଷତି ପହଞ୍ଚାଉଥିବା ଏକ ଦୀର୍ଘକାଳୀନ ରୋଗ ।

ଦାନ୍ତ ଘଷିବା କି କୁଳୁକୁଚା କରିବା ସମୟରେ ସାମାନ୍ୟ ରକ୍ତସ୍ରାବ, ଲାଲ ପଡ଼ିଥିବା କିମ୍ବା ଫୁଲିଯାଇଥିବା ମାଢ଼ି ଟିସୁ, କୋମଳତା ଏବଂ ଲଗାତାର ଦୁର୍ଗନ୍ଧ ମାଢ଼ି ରୋଗର ସଂକେତ । ସାହାଡ଼ା, ନିମ ଓ ଡାଳିମ୍ବ ଭଳି ପାରମ୍ପରିକ ଔଷଧି ମାଢ଼ି ଯତ୍ନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇପାରନ୍ତି ।

# କିମ୍ବଦନ୍ତୀ ଟେନିସ୍ ଖେଳାଳି ବିଜୟ ଅମୃତରାଜଙ୍କୁ ପଦ୍ମଭୂଷଣ, ହକି ଖେଳାଳି ସବିତାଙ୍କୁ ପଦ୍ମଶ୍ରୀ ପ୍ରଦାନ



**ନୂଆଦିଲ୍ଲୀ**

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରପତି ଭବନରେ ଆୟୋଜିତ ଏକ ଉତ୍ସବରେ ମଙ୍ଗଳବାର ଦିନ କିମ୍ବଦନ୍ତୀ ଭାରତୀୟ ଟେନିସ୍ ଖେଳାଳି ବିଜୟ ଅମ୍ରିତରାଜଙ୍କୁ ପଦ୍ମ ଭୂଷଣ ପ୍ରଦାନ କରିଛନ୍ତି। ଏହାସହ ପୂର୍ବତନ ମହିଳା ହକି ଦଳର ଅଧିନାୟିକା ସବିତା ପୁନିଆଙ୍କୁ ପଦ୍ମଶ୍ରୀ ପ୍ରଦାନ କରାଯାଇଛି। ବିଜୟ ଏହି ବର୍ଷ ପଦ୍ମ ଭୂଷଣ ପାଇଥିବା ଏକମାତ୍ର ଖେଳାଳି। ପଦ୍ମ ଭୂଷଣ ହେଉଛି ଭାରତର ତୃତୀୟ ସର୍ବୋଚ୍ଚ ନାଗରିକ ସମ୍ମାନ। ଅମ୍ରିତରାଜଙ୍କୁ ପୂର୍ବରୁ ୧୯୮୩ ମସିହାରେ ପଦ୍ମଶ୍ରୀ ଏବଂ ୧୯୭୪ ମସିହାରେ ଅର୍ଜୁନ ପୁରସ୍କାର ପ୍ରଦାନ କରାଯାଇଥିଲା, ଯାହା ଭାରତୀୟ କ୍ରୀଡ଼ା ପ୍ରତି ତାଙ୍କର ଦୀର୍ଘକାଳୀନ ଅବଦାନକୁ ସ୍ୱୀକୃତି ଦେଇଥିଲା। କେନ୍ଦ୍ର ସରକାର ଚଳିତ ବର୍ଷ ଗଣତନ୍ତ୍ର ଦିବସ ପୂର୍ବ ସନ୍ଧ୍ୟାରେ ପଦ୍ମ ପୁରସ୍କାର ଘୋଷଣା କରିଥିଲେ, ଯେଉଁଥିରେ ଅନେକ କ୍ରୀଡ଼ା ଜଗତର ବିଶିଷ୍ଟ ବ୍ୟକ୍ତି ସାମିଲ ଥିଲେ। କିଛି ଦିନ ପୂର୍ବରୁ ଭାରତୀୟ ମହିଳା ଦଳର ଅଧିନାୟିକା ହରମନପ୍ରୀତ କୌରଙ୍କୁ ପଦ୍ମଶ୍ରୀ ପ୍ରଦାନ କରାଯାଇଥିଲା। ହରମନପ୍ରୀତ କୌରଙ୍କୁ ତାଙ୍କ ଉତ୍କୃଷ୍ଟ ନେତୃତ୍ୱ ଏବଂ ସଫଳତା ପାଇଁ ପଦ୍ମଶ୍ରୀରେ ସମ୍ମାନିତ କରାଯାଇ ଥିଲା। ୨୦୨୫ ବର୍ଷ ତାଙ୍କ କ୍ୟାରିୟରରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଥିଲା, କାରଣ ସେ ଭାରତୀୟ ମହିଳା ଦଳକୁ ଘରୋଇ ମାଟିରେ ବିଶ୍ୱକପ୍ ଜିତିବାରେ ସାହାଯ୍ୟ କରି ଦେଶକୁ ଗୌରବ ଆଣିଥିଲେ।

# ଆଇସିସି ର୍ୟାଙ୍କିଂ : ବିଶ୍ୱର ନମ୍ବର ୱାନ୍ ଟି-୨୦ ବୋଲର ହେଲେ ଶ୍ରୀ ଚରଣୀ

**ନୂଆଦିଲ୍ଲୀ**

ଭାରତୀୟ ମହିଳା କ୍ରିକେଟ୍ ଦଳର ୨୧ ବର୍ଷୀୟା ଯୁବ ସ୍ପିନ ବୋଲର ଶ୍ରୀ ଚରଣୀ ଇତିହାସ ରଚିଛନ୍ତି। ନିଜର ଅନ୍ତର୍ଜାତୀୟ ଡେବ୍ୟୁର ମାତ୍ର ଏକ ବର୍ଷ ମଧ୍ୟରେ ଏହି ମହିଳା କ୍ରିକେଟର ବିଶ୍ୱର ନମ୍ବର ୱାନ୍ ଟି-୨୦ ବୋଲର ବନିଯାଇଛନ୍ତି। ଶ୍ରୀ ଚରଣୀଙ୍କ ପାଖରେ ବର୍ତ୍ତମାନ ୭୫୩ ରେଟିଂ ପଏଣ୍ଟ ରହିଛି। କହି ରଖୁଛୁ ଯେ ଶ୍ରୀ ଚରଣୀ ଗତ ବର୍ଷ ଜୁନ ୨୮ ରେ ନିଜର ପ୍ରଥମ ଟି-୨୦ ମ୍ୟାଚ୍ ଖେଳିଥିଲେ। ଏହି ସମୟରେ ଇଂଲଣ୍ଡରେ ଖେଳାଯାଉଥିବା ମହିଳା ଟି-୨୦ ୱାର୍ଲ୍ଡ କପ୍ ୨୦୨୬ ରେ ତାଙ୍କର ପ୍ରଦର୍ଶନ ଅତ୍ୟନ୍ତ ଚମତ୍କାର ରହିଛି। ଯେଉଁଠାରେ ସେ ମାତ୍ର ୩ଟି ମ୍ୟାଚ୍‌ରେ ୧୦ଟି ୱିକେଟ୍ ନେବାରେ ସଫଳ ହୋଇଛନ୍ତି। ବିଶ୍ୱକପ୍‌ରେ ଏହି ଦମଦାର ପ୍ରଦର୍ଶନର ଫାଇଦା ବର୍ତ୍ତମାନ ତାଙ୍କ ଆଇସିସି ର୍ୟାଙ୍କିଙ୍ଗରେ ପ୍ରତିଫଳିତ ହୋଇଛି।

ଆଇସିସି ଦ୍ୱାରା ଜାରି କରାଯାଇଥିବା ନୂଆ ର୍ୟାଙ୍କିଙ୍ଗରେ ଭାରତର ଶ୍ରୀ ଚରଣୀ ଇଂଲଣ୍ଡର ଲିନସେ ସ୍ମିଥ୍‌ଙ୍କୁ ପଛରେ ପକାଇ ନମ୍ବର-୧ ସ୍ଥାନ ହାସଲ କରିଛନ୍ତି। ବର୍ତ୍ତମାନ ଶ୍ରୀ ଚରଣୀ ୭୫୩ ପଏଣ୍ଟ ସହ ପ୍ରଥମ ସ୍ଥାନରେ ଥିବା ବେଳେ, ଇଂଲଣ୍ଡର ଚାର୍ଲି ଡିନ୍ ୭୩୩ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନକୁ ଚାଲିଆସିଛନ୍ତି। ଅନ୍ୟପଟେ ଇଂଲଣ୍ଡର ଲିନସେ ସ୍ମିଥ୍ ଏବେ ୭୨୬ ପଏଣ୍ଟ ସହ ତୃତୀୟ ସ୍ଥାନକୁ ଖସି ଯାଇଛନ୍ତି ଏବଂ ତାଙ୍କ ସାଥୀ ଖେଳାଳି ସୋଫି ଏକ୍କେଷ୍ଟୋନ ଚାରିଟି ସ୍ଥାନ ଉପରକୁ ଉଠି ଚତୁର୍ଥ ନମ୍ବରରେ ପହଞ୍ଚିଛନ୍ତି। ବୋଲରମାନଙ୍କର ଏହି ତାଲିକାରେ ଅନ୍ୟ ଦଳର ଖେଳାଳିମାନଙ୍କୁ ମଧ୍ୟ ଫାଇଦା ମିଳିଛି। ଏଥିରେ ୱେଷ୍ଟଇଣ୍ଡିଜ୍ ଅଧିନାୟିକା ହେଲି ମ୍ୟାଥ୍ୟୁଜ୍ ୧୧ତମ, ଅଷ୍ଟ୍ରେଲିଆର କିମ୍ ଗାର୍ଥ ୨୦ତମ, ପାକିସ୍ତାନ ଅଧିନାୟିକା ଫାତିମା ସନା ୨୫ତମ ଏବଂ ଆୟରଲାଣ୍ଡର ଓର୍ଲା ପ୍ରେଣ୍ଡରଗାଷ୍ଟ ୨୬ତମ ସ୍ଥାନରେ ପହଞ୍ଚିଛନ୍ତି।

ଆଇସିସିର ନୂଆ ର୍ୟାଙ୍କିଙ୍ଗ୍ ଅନୁସାରେ ମହିଳା ଟି-୨୦ ବ୍ୟାଟରମାନଙ୍କ ତାଲିକାରେ ନମ୍ବର ୱାନ୍ ସ୍ଥାନରେ କୌଣସି ବଡ଼ ପରିବର୍ତ୍ତନ ହୋଇନାହିଁ। ଅଷ୍ଟ୍ରେଲିଆର ଓପନିଂ ବ୍ୟାଟର ଜର୍ଜିଆ ଭୋଲ୍ ଏବେ ବି ନମ୍ବର ୱାନ୍ ବ୍ୟାଟର ରହିଛନ୍ତି, ଯେତେବେଳେ କି ତାଙ୍କ ସାଥୀ ଖେଳାଳି ବେଥ୍ ମୁନି ଗୋଟିଏ ସ୍ଥାନର ସୁଧାର ସହ ବର୍ତ୍ତମାନ ଦ୍ୱିତୀୟ ସ୍ଥାନରେ ପହଞ୍ଚିଛନ୍ତି। ଭାରତୀୟ ଦଳ କଥା କହିଲେ ଯୁବ ଓପନର ଶେଫାଳି ବର୍ମାଙ୍କୁ ଗୋଟିଏ ସ୍ଥାନର ଫାଇଦା ହୋଇଛି ଏବଂ ସେ ଷଷ୍ଠ ସ୍ଥାନକୁ ଚାଲି ଆସିଛନ୍ତି। ଅଧିନାୟିକା ହରମନପ୍ରୀତ କୌର ଗୋଟିଏ ସ୍ଥାନ ଉପରକୁ ଉଠି ୧୦ମ ସ୍ଥାନରେ ପହଞ୍ଚିଛନ୍ତି। ଏହା ବ୍ୟତୀତ ନ୍ୟୁଜିଲାଣ୍ଡର ସୋଫି ଡିଭାଇନ୍ ୧୧ତମ, ଆୟରଲାଣ୍ଡର ଓର୍ଲା ପ୍ରେଣ୍ଡରଗାଷ୍ଟ ୧୩ତମ ଏବଂ ବାଂଲାଦେଶର ନିଗାର ସୁଲତାନା ଜୋତି ୨୦ତମ ସ୍ଥାନ ହାସଲ କରିଛନ୍ତି।

ଅନ୍ୟପଟେ ଟି-୨୦ ଅଲରାଉଣ୍ଡର ର୍ୟାଙ୍କିଙ୍ଗ୍ ମଧ୍ୟ ଶୀର୍ଷ ସ୍ଥାନରେ କୌଣସି ପରିବର୍ତ୍ତନ ହୋଇନାହିଁ। ହେଲି ମ୍ୟାଥ୍ୟୁଜ୍ ପ୍ରଥମ ସ୍ଥାନରେ ବଜାୟ ରହିଛନ୍ତି। ନ୍ୟୁଜିଲାଣ୍ଡର ଆମେଲିଆ କେର୍ ଦ୍ୱିତୀୟ ସ୍ଥାନରେ ଅଛନ୍ତି। ଶ୍ରୀଲଙ୍କାର ଅଧିନାୟିକା ଚମାରୀ ଅଥାପଟ୍ଟୁ (ତୃତୀୟ), ପ୍ରେଣ୍ଡରଗାଷ୍ଟ (ପଞ୍ଚମ) ଏବଂ ସନା (ଷଷ୍ଠ) ଟପ୍-୧୦ ମଧ୍ୟରେ ଅଛନ୍ତି। ସାଉଥ୍ ଆଫ୍ରିକାର ଷ୍ଟାର୍ ମାରିଜାନେ କ୍ୟାପ୍ ପାଞ୍ଚଟି ସ୍ଥାନ ଉପରକୁ ଉଠି ନବମ ସ୍ଥାନରେ ପହଞ୍ଚିଛନ୍ତି।



# ୨୭ କୋଟିର ଋଷଭ ୧୫ କୋଟିରେ ଦିଲ୍ଲୀ ଫେରିଲେ କୁଲଦୀପଙ୍କୁ ୧୩ କୋଟି ୫୦ ଲକ୍ଷରେ କିଣିଲା ଲକ୍ଷ୍ନୌ

**ନୂଆଦିଲ୍ଲୀ**



ଆଇପିଏଲ ୨୦୨୬ ସରିବାକୁ ମାତ୍ର କିଛି ସପ୍ତାହ ହୋଇଛି। ବଡ଼ ଆଇପିଏଲ ଟ୍ରେଡ୍ ଡିଲ୍ ସାଇନ୍ ହୋଇଛି। ଚୁକ୍ତିରେ ଦୁଇ ପ୍ଲେୟାର ବଦଳ ହୋଇଛନ୍ତି। ଲକ୍ଷ୍ନୌ ସୁପର ଜାଏଣ୍ଟସ୍ ଫ୍ରାଞ୍ଚାଇଜ୍ ଛାଡ଼ିଛନ୍ତି ଋଷଭ ପନ୍ତ। ୨୭ କୋଟିର ଲକ୍ଷ୍ନୌ ପ୍ଲେୟାର ଋଷଭ ପନ୍ତ ୧୫ କୋଟିରେ ଦିଲ୍ଲୀକୁ ଫେରିଛନ୍ତି। ତାଙ୍କ ବଦଳରେ କୁଳଦୀପ ଯାଦବଙ୍କୁ ୧୩ କୋଟି ୫୦ ଲକ୍ଷରେ ଏଲଏସଜିରେ ସାମିଲ ହୋଇଛନ୍ତି। ଦିଲ୍ଲୀ କ୍ୟାପିଟାଲ୍ସକୁ ଋଷଭ ପନ୍ତଙ୍କ ଘରବାହୁଡ଼ା ହୋଇଛି। ଷ୍ଟାର ସ୍ପିନର କୁଳଦୀପ ଯାଦବଙ୍କୁ ନାଲି ଜର୍ସିରେ ଦେଖିବାକୁ ମିଳିବ। ଏହା କେବଳ ଟ୍ରେଡ୍ ଡିଲ୍ ନୁହେଁ, ଦୁଇ ଫ୍ରାଞ୍ଚାଇଜର ରଣନୀତିରେ ବଡ଼ ପରିବର୍ତ୍ତନର ସଙ୍କେତ। ଏହି ବାଣିଜ୍ୟ ଚୁକ୍ତିକୁ ଋଷଭ ପନ୍ତଙ୍କ ପାଇଁ ଏକ ଘରକୁ ପ୍ରତ୍ୟାବର୍ତ୍ତନ ହୋଇଛି। ପନ୍ତ ୨୦୧୬ରୁ ୨୦୨୪ ପର୍ଯ୍ୟନ୍ତ ଦିଲ୍ଲୀ କ୍ୟାପିଟାଲ୍ସ ପାଇଁ ଖେଳିଥିଲେ। ସେ ଫ୍ରାଞ୍ଚାଇଜର ସବୁଠାରୁ ବଡ଼ ଚେହେରା ଥିଲେ। ସେ ଦିଲ୍ଲୀ ପାଇଁ ୧୧୧ ମ୍ୟାଚ୍ ଖେଳିଥିଲେ, ଯାହା ଯେକୌଣସି ଖେଳାଳିଙ୍କ ଦ୍ୱାରା ସର୍ବାଧିକ। ଏହା ବ୍ୟତୀତ, ସେ ୨୦୨୧ ରୁ ୨୦୨୪ ମଧ୍ୟରେ ଚାରି ସିଜନରେ ୪୩ ମ୍ୟାଚ୍‌ରେ ଦଳର ଅଧିନାୟକତ୍ୱ କରିଥିଲେ। ଆଇପିଏଲ ୨୦୨୫ ମେଗା ନିଲାମରେ କାହାଣୀ ବଦଳିଗଲା। ଲକ୍ଷ୍ନୌ ସୁପରଜାଏଣ୍ଟ୍ସ ପନ୍ତଙ୍କୁ ୨୭ କୋଟିର ରେକର୍ଡ ବିଡ୍ ସହିତ ଚୁକ୍ତି କରିଥିଲା। ଯାହା ଆଇପିଏଲ ଇତିହାସରେ ସର୍ବାଧିକ ବିଡ୍ ଥିଲା। ଏବେ ପୁଣି ପନ୍ତ ଦିଲ୍ଲୀ କ୍ୟାପିଟାଲ୍ସକୁ ଫେରିଛନ୍ତି। ଦିଲ୍ଲୀକୁ ସେ ୧୫ କୋଟି ଟଙ୍କାରେ ଫେରିଛନ୍ତି। ଗତ ଦୁଇଟି ସିଜିନ୍ ଲକ୍ଷ୍ନୌ ସୁପରଜାଏଣ୍ଟ୍ସ ପାଇଁ ପନ୍ତଙ୍କର ନୈରାଶ୍ୟଜନକ ପ୍ରଦର୍ଶନ ରହିଥିଲା। ପନ୍ତଙ୍କ ଅଧିନାୟକତ୍ୱରେ, ଦଳ ଆଇପିଏଲ୍ ୨୦୨୫ରେ ୭ମ ସ୍ଥାନରେ ଥିଲା। ପରବର୍ତ୍ତୀ ସିଜିନରେ, ଦଳର ପ୍ରଦର୍ଶନ ଆହୁରି ଖରାପ ହୋଇଥିଲା। ଏଲଏସଜି ଆଇପିଏଲ୍ ୨୦୨୬ରେ ପଏଣ୍ଟ ଟେବୁଲର ସବୁଠାରୁ ତଳେ ଥିଲା।

ଦିଲ୍ଲୀ କ୍ୟାପିଟାଲ୍ସ ସହିତ କୁଲଦୀପ ଯାଦବଙ୍କ ଚମତ୍କାର ଯାତ୍ରା ଏବେ ଶେଷ ହୋଇଛି। ବାମହାତୀ ଚାଇନାମ୍ୟାନ୍ ସ୍ପିନର ୨୦୨୨ ମସିହାରେ ଦିଲ୍ଲୀରେ ଯୋଗ ଦେଇଥିଲେ। ଗତ ପାଞ୍ଚ ସିଜନ ଧରି ଦଳର ବୋଲିଂ ଆକ୍ରମଣର ମେରୁଦଣ୍ଡ ସାଜିଥିଲେ। କୁଲଦୀପ ଦିଲ୍ଲୀ କ୍ୟାପିଟାଲ୍ସ ପାଇଁ ୬୫ ମ୍ୟାଚ୍‌ରେ ୭୨ ୱିକେଟ୍ ନେଇଥିଲେ ଏବଂ ତାଙ୍କ ବୋଲିଂରେ ଅନେକ ମ୍ୟାଚ୍‌ର ଗତି ବଦଳାଇଥିଲେ। ସୀମିତ ଓଭର କ୍ରିକେଟ୍ରେ ଭାରତର ସବୁଠାରୁ ନିର୍ଭରଯୋଗ୍ୟ ସ୍ପିନରଙ୍କ ମଧ୍ୟରୁ ଜଣେ ବୋଲିଂ କରୁଥିବା କୁଲଦୀପ ଏବେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ପାଇଁ ଖେଳିବେ। ସେ ତାଙ୍କର ବର୍ତ୍ତମାନର ୧୩.୫୦ କୋଟି ଟଙ୍କାର ଚୁକ୍ତି ସହିତ ଏଲଏସଜିରେ ଯୋଗଦେବେ।

# ଟିଜି୨୦-୨୦୨୬ : ଅନଭିତ୍, ଗଣେଶଙ୍କ ଅର୍ଦ୍ଧଶତକ; ହାଇଦ୍ରାବାଦ ଇ-ଚାମ୍ପିଅନ୍ସ ବିଜୟୀ

**ନୂଆଦିଲ୍ଲୀ**

ମଙ୍ଗଳବାର ହାଇଦ୍ରାବାଦର ରାଜୀବ ଗାନ୍ଧି ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମରେ ହାଇଦ୍ରାବାଦ କ୍ରିକେଟ ଆସୋସିଏସନର ଶ୍ରୀନିଧି ବିଶ୍ୱବିଦ୍ୟାଳୟ ଟିଜି୨୦ର ଚତୁର୍ଥ ମ୍ୟାଚ୍‌ରେ ପାଲାମୁରୁ ଷ୍ଟ୍ରାଇକର୍ସ ବିପକ୍ଷରେ ହାଇଦ୍ରାବାଦ ଇ-ଚାମ୍ପିଅନ୍ସ ୭ ୱିକେଟରେ ବିଜୟ ସହିତ ସେମାନଙ୍କର ଅଭିଯାନ ଆରମ୍ଭ କରିଛି।

ଅଜୟ ଦେବ ଗୌଡ଼ ୪/୨୧ ସହିତ ଇ-ଚାମ୍ପିଅନ୍ସ ପାଇଁ ବୋଲିଂ ଆକ୍ରମଣର ନେତୃତ୍ୱ ନେଇଥିଲେ ଏବଂ ଷ୍ଟ୍ରାଇକର୍ସକୁ ୧୯.୪ ଓଭରରେ ୧୪୧ ରନରେ ଅଲଆଉଟ୍ କରିଥିଲେ। ରନ୍ ଚେଜ୍‌ରେ, ଅନଭିତ୍ ରେଡ୍ଡି (୪୨ ବଲ୍ ରୁ ୫୩ ରନ୍) ଏବଂ ଗଣେଶ ଗାଡୁଗୁ (୩୦ ବଲ୍‌ରୁ ୫୦ ରନ୍)ଙ୍କ ଅର୍ଦ୍ଧଶତକ ଦଳକୁ ସିଜନର ପ୍ରଥମ ବିଜୟ ପଞ୍ଜୀକରଣ କରିବାରେ ସାହାଯ୍ୟ କରିଥିଲା।

ଭିଗ୍ନେଶ ରେଡ୍ଡିଙ୍କ ଆକ୍ରମଣାତ୍ମକ ଶ୍ରେଷ୍ଠ ପ୍ରଦର୍ଶନ ଯୋଗୁଁ ଷ୍ଟ୍ରାଇକର୍ସମାନେ ବେଶି ସମୟ ତିଷ୍ଠି ପାରିନଥିଲେ। ତୃତୀୟ ଓଭରରେ କପ୍ତାଗନ୍ତି ଶ୍ରୀନିକେଥଙ୍କୁ ୨୧ ରନରେ ଆଉଟ୍ କରି ତାଙ୍କ ଦଳ ପାଇଁ ଏକ ଦୃଢ଼ ପ୍ଲାଟଫର୍ମ ସ୍ଥାପନ କରିଥିଲେ। ଏହାପରେ ଯଶବୀର ଗୌଡ଼ ଚତୁର୍ଥ ଓଭରରେ ଚୈତନ୍ୟ ରେଡ୍ଡି (୭ ବଲ୍ ରୁ ୫)ଙ୍କୁ ଆଉଟ୍ କରିଥିଲେ।

ପରବର୍ତ୍ତୀ ଓଭରରେ ଭିଗ୍ନେଶ (୧୭ ବଲ୍‌ରୁ ୩୦) ପ୍ରଣବ ବର୍ମାଙ୍କ ଶିକାର ହେବା ସହିତ, ଷ୍ଟ୍ରାଇକର୍ସ ନରମ ପଡ଼ିଥିଲା ଓ ପ୍ରଥମ ଛଅ ଓଭରରେ ଦଳ ୨ ୱିକେଟ ବିନିମୟରେ ୫୦ ରନ୍ ସଂଗ୍ରହ କରିଥିଲା। ନବମ ଓଭରରେ ପ୍ରଜ୍ଞା ରେଡ୍ଡି (୧୨ ବଲ୍‌ରୁ ୯) ଅଜୟଙ୍କ ବୋଲିଂରେ ଗଣେଶ ଏକ ଚମତ୍କାର କ୍ୟାଚ୍ ଧରିଥିଲେ।



ରୋହିତ ରାୟୁଡୁ ୨୨ ବଲ୍‌ରୁ ୩୫ ରନ୍ କରି ଇନିଂସରେ କିଛିଟା ଉତ୍ସାହ ଭରିଥିଲେ, ହେଲେ ଶ୍ରୀନିକେଥ ତାଙ୍କୁ ଦ୍ୱାଦଶ ଓଭରରେ ପାଭେଲିୟନକୁ ଫେରାଇ ଦେଇଥିଲେ। ପ୍ରତୀକ ପାୱାରଙ୍କ ୨୨ ବଲ୍‌ରୁ ୩୦ ରନ୍ ବ୍ୟତୀତ, ଷ୍ଟ୍ରାଇକର୍ସ ନିୟମିତ ବ୍ୟବଧାନରେ ୱିକେଟ ହରାଇବାରୁ ସେମାନଙ୍କର ପ୍ରାରମ୍ଭିକ ଗତି ଧୀରେ ଧୀରେ ମନ୍ଥର ହେବାକୁ ଲାଗିଥିଲା।

ଅଜୟ ବୋଲରମାନଙ୍କ ମଧ୍ୟରୁ ଶ୍ରେଷ୍ଠ ଥିଲେ। ତାଙ୍କର ଚତୁରତାପୂର୍ଣ୍ଣ ପରିବର୍ତ୍ତନ ସହିତ ଟୁର୍ଣ୍ଣାମେଣ୍ଟରେ ମାତ୍ର ୨୧ ରନ୍ ଦେଇ ପ୍ରଥମ ଚାରି ୱିକେଟ୍ ଅକ୍ତିଆର କରିଥିଲେ, ଯେତେବେଳେ କି ଚତୁର ସ୍ପିନର ଯଶବୀର (୨/୧୫) ଏବଂ ପ୍ରଣବ (୨/୨୫) ଦୁଇଟି ଲେଖାଏଁ ୱିକେଟ୍ ନେଇଥିଲେ। ମାତ୍ର ୨୦ ରନ୍ ରେ ଇ-ଚାମ୍ପିଅନ୍ସ ସେମାନଙ୍କର ଶେଷ ପାଞ୍ଚ ୱିକେଟ୍ ହାସଲ କରିବାସହ ୧୯.୪ ଓଭରରେ ଷ୍ଟ୍ରାଇକର୍ସକୁ ୧୪୧ ରନ୍‌ରେ ଅଲଆଉଟ୍ କରିଥିଲା।

ଇ-ଚାମ୍ପିଅନ୍ସ ପକ୍ଷରୁ ବିଜୟ ଲକ୍ଷ୍ୟ, ପିଛା କରିବା ଏକ କଷ୍ଟକର ଆରମ୍ଭ ଥିଲା, କାରଣ ରିଷଭ ବାସଲାସ୍ ଦ୍ୱିତୀୟ ଓଭରରେ ସାଇ ବିକାଶ ରେଡ୍ଡି (୪ ବଲ୍‌ରୁ ୧ ରନ୍)ଙ୍କୁ ଆଉଟ୍ କରିଥିଲେ। ଏହାପରେ ଅଧିନାୟକ ଅଭିରଥ ରେଡ୍ଡି ଏବଂ ଅନଭିଥ ରେଡ୍ଡୀଙ୍କ ଯୋଡ଼ି କାଉଣ୍ଟରପଞ୍ଚର ନେତୃତ୍ୱ ନେଇ ଏକ ଚମତ୍କାର ଇନିଂସ ଖେଳି ଦଳର ସ୍କୋରକୁ ଗତି ପ୍ରଦାନ କରିଥିଲେ। ଅଭିରଥ ରେଡ୍ଡି ତୃତୀୟ ଓଭରରେ ୨୪ ରନ୍ କରିଥିଲେ। ସେ ମାତ୍ର ୧୩ ବଲ୍ ରେ ଏକ ଧମାକାଦାର ୩୫ ରନ୍ କରିଥିଲେ, ଯେଉଁଥିରେ ୫ଟି ଚୌକା ଏବଂ ଦୁଇଟି ଛକା ମାରି ରିଷଭଙ୍କ ବଲ୍ ର ଶିକାର ହୋଇଥିଲେ। ପରେ ଅନଭିଥ ରେଡ୍ଡୀ ଏବଂ କାଡୁଗୁ ଗଣେଶ ଏକ ଚମତ୍କାର ଇନିଂସ ଖେଳି ଦଳର ସ୍କୋରକୁ ବୃଦ୍ଧି କରିଥିଲେ।

ଅନଭିତ୍ ରେଡ୍ଡୀ ୪ଟି ଚୌକା ଏବଂ ୨ଟି ଛକା ସହ ୫୩ ରନ କରିଥିଲେ, ଯେତେବେଳେ କି କାଡୁଗୁ ଗଣେଶ ୫ଟି ଚୌକା ଏବଂ ୨ଟି ଛକା ସହ ୫୦ ରନ୍ କରିଥିଲେ। ଦୁହେଁ ଚମତ୍କାର ଖେଳିଥିଲେ ଏବଂ ଅର୍ଦ୍ଧଶତକ ହାସଲ କରିଥିଲେ ଏବଂ ଦଳକୁ ବିଜୟୀ କରାଇଥିଲେ। ହାଇଦ୍ରାବାଦ ଇ-ଚାମ୍ପିଅନ୍ସ ୧୫.୪ ଓଭରରେ ଲକ୍ଷ୍ୟକୁ ପିଛା କରି ପାଲାମୁରୁ ଷ୍ଟ୍ରାଇକର୍ସକୁ ୭ ୱିକେଟରେ ପରାସ୍ତ କରିଥିଲା।

# ଟିମ୍ ଇଣ୍ଡିଆ ଜର୍ସି ଦେଖି ଭାବୁକ ହୋଇପଡ଼ିଲେ ବୈଭବ ସୂର୍ଯ୍ୟବଂଶୀ

**ନୂଆଦିଲ୍ଲୀ**

ଭାରତୀୟ କ୍ରିକେଟର ଉଦୀୟମାନ ତାରକା ବୈଭବ ସୂର୍ଯ୍ୟବଂଶୀଙ୍କ ଭାରତ ପାଇଁ ଖେଳିବାର ସ୍ୱପ୍ନ ପୂରଣ ହେବାକୁ ଯାଉଛି। ଆୟରଲାଣ୍ଡ ବିପକ୍ଷରେ ହେବାକୁ ଥିବା ଟି-୨୦ ସିରିଜ୍ ପାଇଁ ତାଙ୍କୁ ଚୟନ କରାଯାଇଛି। ଏହା ପୂର୍ବରୁ ତାଙ୍କୁ ଭାରତୀୟ ଦଳର ଜର୍ସି ମିଳିସାରିଛି। ଯାହାକୁ ଦେଖିବା ପରେ ସେ ଭାବୁକ ହୋଇପଡ଼ିଥିଲେ। ବୈଭବ କହିଛନ୍ତି ଯେ ଏହି ମୁହୂର୍ତ୍ତକୁ ବ୍ୟାଖ୍ୟା କରିବା ପାଇଁ ତାଙ୍କ ପାଖରେ ଶବ୍ଦ ନାହିଁ। ଭାରତୀୟ କ୍ରିକେଟ୍ ବୋର୍ଡ ପକ୍ଷରୁ ଏହି ଭାବୁକ ଭିଡିଓଟି ସେୟାର କରାଯାଇଛି। ଜୁନ୍ ୨୩ ରେ ଭାରତୀୟ କ୍ରିକେଟ୍ ବୋର୍ଡ ତରଫରୁ ବୈଭବ ସୂର୍ଯ୍ୟବଂଶୀଙ୍କ ଏକ ଭିଡିଓ ସେୟାର କରାଯାଇଛି। ତାଙ୍କ ହୋଟେଲ ରୁମ୍‌କୁ ଭାରତର ଟି-୨୦ ଜର୍ସି ଆସୁଛି। ଯାହାକୁ ଦେଖିବା ପରେ ବୈଭବ ଖୁସିରେ ଆତ୍ମହରା ହୋଇପଡୁଛନ୍ତି। ଖାସ କଥା ହେଉଛି, ଜର୍ସି ନେଇ ଆସିଥିବା ଟିମ୍ ଇଣ୍ଡିଆର ଷ୍ଟାଫ୍ ମେମ୍ବର ରଘୁଙ୍କ ପାଦ ଛୁଇଁ ସେ ପ୍ରଣାମ କରୁଛନ୍ତି। ଏହାପରେ ରୁମ୍ ଭିତରକୁ ନେଇ ସେ ଜର୍ସିର ଅନବକ୍ସିଂ କରୁଛନ୍ତି। ଜର୍ସିଟି ସାମ୍ନାକୁ ଆସିବା ମାତ୍ରେ ତାଙ୍କ ମୁହଁର ଖୁସି ଦ୍ୱିଗୁଣିତ ହୋଇଯାଉଛି। ସତେ ଯେମିତି ସେ ନ ଜାଣି କେବେଠାରୁ ଏହି ସୁଯୋଗକୁ ଅପେକ୍ଷା କରି ରହିଥିଲେ। ଜର୍ସି ମିଳିବା ପରେ ବୈଭବ ସୂର୍ଯ୍ୟବଂଶୀ ନିଜ ମନର କଥା ମଧ୍ୟ କହିଛନ୍ତି। ସେ କହିଛନ୍ତି ଯେ ଏହି ଦିନ ପାଇଁ ହିଁ ସେ ବ୍ୟାଟ୍ ଧରିଥିଲେ ଏବଂ ଗ୍ରାଉଣ୍ଡକୁ ଯାଇଥିଲେ। ବୈଭବ କହିଛନ୍ତି, ‘ଯେଉଁ ଜିନିଷ ପାଇଁ ମୁଁ ପ୍ରଥମ ଦିନରେ ବ୍ୟାଟ୍ ଧରି ପଡ଼ିଆକୁ ଯାଇଥିଲି, ତାହା ଆଜି ପୂରଣ ହୋଇଯାଇଛି। ମୁଁ ଏହି ଜିନିଷକୁ ଶବ୍ଦରେ ବ୍ୟାଖ୍ୟା କରିପାରିବି ନାହିଁ। ଏହା ଏକ ସ୍ୱପ୍ନ ଭଳି ଲାଗୁଛି। ଜର୍ସି ଦେଖିବା ପରେ ମୁଁ ଏତେ ଖୁସି ହୋଇଗଲି ଯେ ଆଉ କିଛି ବୁଝିପାରିଲି ନାହିଁ। କେବେକେବେ ଆପଣ ଯାହା ଭାବିନଥାନ୍ତି, ତାହା ଆପଣଙ୍କ ସହ ଘଟିଯାଏ। ମୋ ସହିତ ମଧ୍ୟ ଠିକ୍ ସେମିତି କିଛି ଘଟୁଛି।’ ବୈଭବ ସୂର୍ଯ୍ୟବଂଶୀ ଇତିହାସ ରଚିବା ପ୍ରାନ୍ତରେ ଛିଡ଼ା ହୋଇଛନ୍ତି। ଜୁନ୍ ୨୬ରେ ଆୟରଲାଣ୍ଡ ବିପକ୍ଷରେ ଯଦି ସେ ଡେବ୍ୟୁ କରନ୍ତି ତେବେ ସେ ସବୁଠାରୁ କମ୍ ବୟସରେ ଅନ୍ତର୍ଜାତୀୟ କ୍ରିକେଟ୍ ଖେଳିଥିବା ଖେଳାଳି ବନିଯିବେ। ବର୍ତ୍ତମାନ ଏହି ରେକର୍ଡ କ୍ରିକେଟ୍‌ର ଭଗବାନ କୁହାଯାଉଥିବା ସଚିନ ତେନ୍ଦୁଲକରଙ୍କ ନାମରେ ରହିଛି। ସଚିନ ୧୬ ବର୍ଷ ୨୦୫ ଦିନ ବୟସରେ ପାକିସ୍ତାନ ବିପକ୍ଷରେ ନିଜର ପ୍ରଥମ ମ୍ୟାଚ୍ ଖେଳିଥିଲେ। ଯଦି ସୂର୍ଯ୍ୟବଂଶୀଙ୍କୁ ପ୍ଲେଇଙ୍ଗ-୧୧ (ଏକାଦଶ) ରେ ସ୍ଥାନ ମିଳେ, ତେବେ ସେ ୧୫ ବର୍ଷ ୯୧ ଦିନ ବୟସରେ ଏହି ଐତିହାସିକ ସଫଳତା ହାସଲ କରିନେବେ।



# ନକ୍‌ଆଉଟ୍‌ରେ ପ୍ରବେଶ କଲେ ଫ୍ରାନ୍ସ ଓ ନରୱେ

**ନ୍ୟୁ ଜର୍ସି/ଫିଲାଡେଲଫିଆ**

ଚଳିତ ଫିଫା ବିଶ୍ୱକପ୍‌ରେ ମଙ୍ଗଳବାର ଗ୍ରୁପ୍-‘ଆଇ’ର ନକ୍‌ଆଉଟ୍ ଯୋଗ୍ୟତା ଚିତ୍ର ସ୍ପଷ୍ଟ ହୋଇଯାଇଛି। ଦୁଇ ଥର ବିଜେତା ଫ୍ରାନ୍ସ ଏବଂ ୟୁରୋପୀୟ ଦଳ ନରୱେ ଏହି ଗ୍ରୁପରୁ ନକ୍‌ଆଉଟ୍ ଯୋଗ୍ୟତା ଅର୍ଜନ କରିନେଇଛନ୍ତି। ମଙ୍ଗଳବାର ଦୁଇ ତାରକା ଫରୱାର୍ଡ କିଲିଆନ୍ ଏମ୍‌ବାପେ ଏବଂ ଏର୍ଲିଙ୍ଗ୍ ହାଲାଣ୍ଡ୍ ବ୍ୟକ୍ତିଗତ ଭାବେ ୨ଟି ଲେଖାଏଁ ଗୋଲ୍ ଦେଇ ନିଜ ନିଜ ଦଳକୁ ଏହି ପର୍ଯ୍ୟାୟରେ (ରାଉଣ୍ଡ ଅଫ୍ ୩୨) ପହଞ୍ଚାଇ ଦେଇଛନ୍ତି। ପୂର୍ବ ରାତିରେ କିମ୍ବଦନ୍ତୀ ଲିଓନେଲ୍ ମେସିଙ୍କ ଡବଲ୍ ଗୋଲ୍ ଭଳି ମଧ୍ୟ ଏହି ଦୁଇ ଜଣ ଦୁଇଟି ଲେଖାଏଁ ଗୋଲ୍ ଦେଇଥିଲେ। ଫିଲାଡେଲଫିଆ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ମ୍ୟାଚ୍‌ରେ ଫ୍ରାନ୍ସ ୩-୦ ଗୋଲ୍‌ରେ ଏକତରଫା ଭାବେ ଏସୀୟ ଦଳ ଇରାକ୍‌କୁ ପରାସ୍ତ କରିଥିଲା।

ଫ୍ରାନ୍ସ ୩-୦ ଗୋଲ୍‌ରେ ଏକତରଫା ଭାବେ ଏସୀୟ ଦଳ ଇରାକ୍‌କୁ ପରାସ୍ତ କରିଥିଲା : ଫ୍ରାନ୍ସ ଖେଳାଳିମାନେ ପ୍ରଥମରୁ ଶେଷ ପର୍ଯ୍ୟନ୍ତ ପ୍ରାଧାନ୍ୟବିସ୍ତାର କରି ଇରାକ୍‌କୁ କୌଣସି ସୁଯୋଗ ଦେଇନଥିଲେ। ଝଡ଼ତୋଫାନ ପାଇଁ ଲମ୍ବା ସମୟ ଧରି ପ୍ରଭାବିତ ଏହି ମ୍ୟାଚ୍‌ରେ ଫ୍ରାନ୍ସ ପାଇଁ ଅଧିନାୟକ କିଲିଆନ୍ ଏମ୍‌ବାପେ ଉଭୟାର୍ଦ୍ଧରେ ଗୋଟିଏ ଲେଖାଏଁ ଗୋଲ୍ (୧୪ ଓ ୫୪ ମିନିଟ୍) ଦେଇଥିଲେ। ମ୍ୟାଚ୍‌ର ୬୬ତମ ମିନିଟ୍‌ରେ ଓସମାନେ ଡେମ୍ବେଲ୍ ଦଳର ତୃତୀୟ ଗୋଲ୍ ଦେଇ ବିଜୟକୁ ନିଶ୍ଚିତ କରିଥିଲେ। ଫଳରେ ୧୯୯୮ ଓ ୨୦୧୮ରେ ବିଜେତା ହୋଇଥିବା ଫ୍ରାନ୍ସ ଗ୍ରୁପ୍-ଆଇର ଶୀର୍ଷ ସ୍ଥାନ ଦଖଲ କରିନେଇଥିଲା। ପୂର୍ବରୁ ନିଜ ନିଜ ପ୍ରଥମ ମ୍ୟାଚ୍‌ରେ ଫ୍ରାନ୍ସ ୩-୧ରେ ସେନେଗାଲ୍‌କୁ ଏବଂ ନରୱେ ୪-୧ରେ ଇରାକ୍‌କୁ ପରାସ୍ତ କରିଥିଲା। ମଙ୍ଗଳବାରର ଏହି ମ୍ୟାଚ୍‌ରେ ଏମ୍‌ବାପେ ମଧ୍ୟ ନିଜ ବିଶ୍ୱକପ୍ ଗୋଲ୍ ସଂଖ୍ୟାକୁ ୧୬ରେ ପହଞ୍ଚାଇ ଜର୍ମାନୀର ମିରୋସ୍ଲାଭ କ୍ଲୋଜାଙ୍କ ସମକକ୍ଷ ହୋଇଛନ୍ତି। ରେକର୍ଡ ଏବେ ମେସି (୧୮)ଙ୍କ ନାମକୁ ଚାଲିଯାଇଥିବା ବେଳେ କ୍ଲୋଜା ଓ ଏମ୍‌ବାପେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଚଳିତ ସଂସ୍କରଣରେ ମଧ୍ୟ ମେସି (୫) ଓ ଏମ୍‌ବାପେ (୪) ଅଗ୍ରଣୀ ସ୍କୋରର ତାଲିକାର ଶୀର୍ଷ ଦୁଇ ସ୍ଥାନ ଦଖଲ କରିଛନ୍ତି। ଅନ୍ୟପକ୍ଷରେ ଡବଲ୍ ପରାଜୟ ପରେ ଇରାକ୍‌ର ଭାଗ୍ୟ ଏବେ ନଜ ଶେଷ ମୁକାବିଲା ଓ ଅନ୍ୟ ଦଳର ଫଳାଫଳ ଉପରେ ନିର୍ଭର କରିବ। କାରଣ ସମସ୍ତ ୧୨ ଗ୍ରୁପର ତୃତୀୟ ସ୍ଥାନରେ ଥିବା ୧୨ ଦଳ ମଧ୍ୟରୁ ଶ୍ରେଷ୍ଠ ୮ ଦଳ ବି ନକ୍‌ଆଉଟ୍ ସୁଯୋଗ ପାଇବେ। ତଥାପି ଦଳକୁ ନିଜ ଶେଷ ଗ୍ରୁପ୍ ମ୍ୟାଚ୍‌ରେ ସେନେଗାଲ୍‌କୁ ହରାଇବା ଆବଶ୍ୟକ ରହିବ। ସେନେଗାଲ୍ ମଧ୍ୟ ସମାନ ସୁଯୋଗ ଅପେକ୍ଷାରେ ରହିବ। ନ୍ୟୁୟର୍କର ନ୍ୟୁଜର୍ସି ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଏହି ଗ୍ରୁପର ଅନ୍ୟ ମ୍ୟାଚ୍‌ଟିରେ ନରୱେ କିନ୍ତୁ ସେନେଗାଲ୍ ଆହ୍ୱାନକୁ ପ୍ରତିହତ କରି ୩-୨ରେ ଉତ୍କଣ୍ଠାପୂର୍ଣ୍ଣ ବିଜୟ ହାସଲ କରିଥିଲା। ଏର୍ଲିଙ୍ଗ ହାଲାଣ୍ଡ ମ୍ୟାଚ୍‌ର ୪୮ ଓ ୫୮ ମିନିଟ୍‌ରେ ଦୁଇଟି ଗୋଲ୍ ଦେଇଥିଲେ। ଏହା ପୂର୍ବରୁ ପ୍ରଥମାର୍ଦ୍ଧରେ ମାର୍କସ ହୋମଗ୍ରିନ୍ ପେଡେରସନ୍ (୪୩ ମିନିଟ୍)ରେ ଦଳର ପ୍ରଥମ ଗୋଲ୍ ଦେଇଥିଲେ। ସେନେଗାଲ୍ ପକ୍ଷରୁ ଇସମାଇଲା ସାର ମଧ୍ୟ ଡବଲ୍ ଗୋଲ୍ ଦେଇଥିଲେ। ସେ ୫୩ ମିନିଟ୍ ଏବଂ ୯୦+୩ ମିନିଟ୍‌ରେ ଗୋଲ୍ ଦେଇଥିଲେ ମଧ୍ୟ ଏହା ବହୁ ବିଳମ୍ବ ହୋଇଯାଇଥିଲା। ବିଜୟ ସହ ଦୀର୍ଘ ୨୮ ବର୍ଷ ପରେ ନରୱେ ନକ୍‌ଆଉଟ୍ ପ୍ରବେଶ କରିଛି। ଆଫ୍ରିକାର ଶ୍ରେଷ୍ଠ ଆଶା ଭାବେ ପରିଚିତ ସେନେଗାଲ ପାଇଁ ୨୫ ବର୍ଷୀୟ ହାଲାଣ୍ଡ ବଡ଼ ପ୍ରତିବନ୍ଧକ ସାଜିଥିଲେ। ମାର୍ଟିନ୍ ଓଡେଗାର୍ଡଙ୍କ ଚମତ୍କାର ପାସ୍‌ରୁ ସେ ପ୍ରଥମାର୍ଦ୍ଧ ପରେ ପ୍ରଥମ ଗୋଲ୍ ଦେଇଥିଲେ। ଏହାର ୧୦ ମିନିଟ୍ ପରେ ସେ ଏକ ସୁନ୍ଦର ଭଳି ସଟ୍ ଜରିଆରେ କ୍ରସ୍ ବାର ଦେଇ ଗୋଲ୍ ଦେଇଥିଲେ।



# ଯାଜପୁର ମେଡିକାଲ କଲେଜରେ ଅତ୍ୟାଧୁନିକ ସ୍ୱାସ୍ଥ୍ୟ ସୁବିଧା ଉଦ୍‌ଘାଟନ କଲେ ଜିଲ୍ଲାପାଳ



**ଯାଜପୁର, ନ୍ୟୁଜ୍‌ବ୍ୟୁରୋ**

ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଯାଜପୁର ଜିଲ୍ଲାକୁ ମିଳିଛି ନୂତନ ତଥା ଅତ୍ୟାଧୁନିକ ସୁବିଧା। ମହାରାଜା ଯଯାତି କେଶରୀ ମେଡିକାଲ କଲେଜ ଏବଂ ହସ୍ପିଟାଲ, ଯାଜପୁରଠାରେ ଏକାଧିକ ନୂତନ ଚିକିତ୍ସା ସେବା ଆରମ୍ଭ କରାଯାଇଛି। ଏହି ଅବସରରେ ଜିଲ୍ଲାପାଳ ଅମ୍ବର କୁମାର କର ମୁଖ୍ୟ ଅତିଥି ଭାବେ ଯୋଗଦେଇ ନୂତନ ଭାବେ ପ୍ରତିଷ୍ଠିତ ଇକୋ, ମାମୋଗ୍ରାଫି, ଶଲ୍ୟ ଚିକିତ୍ସା ବହିଃର୍ବିଭାଗ, ଏଣ୍ଡୋସ୍କୋପି ଏବଂ ସମସ୍ତ ସୁବିଧା ସମ୍ପନ୍ନ ଅର୍ଥୋପେଡିକ୍ ଅସ୍ତ୍ରୋପଚାର ଗୃହର ଉଦଘାଟନ କରିଛନ୍ତି। ମାମୋଗ୍ରାଫି ୟୁନିଟରେ ପ୍ରସିଦ୍ଧ ‘ଫୁଜିଫିଲ୍ମ’ ବ୍ରାଣ୍ଡର ଅତ୍ୟାଧୁନିକ ମେସିନ ସ୍ଥାପନ କରାଯାଇଛି, ଯାହା ମହିଳାମାନଙ୍କ ସ୍ତନ କର୍କଟର ପ୍ରାଥମିକ ଚିହ୍ନଟ ଓ ନିଦାନରେ ସହାୟକ ହେବ। ଇକୋକାର୍ଡିଓଗ୍ରାଫି ୟୁନିଟରେ ହୃଦରୋଗର ସଠିକ୍ ପରୀକ୍ଷା ପାଇଁ ‘ଜିଇ ହେଲଥକେୟାର’ ବ୍ରାଣ୍ଡର ଇକୋ ମେସିନ୍ କାର୍ଯ୍ୟକ୍ଷମ ହୋଇଛି। ପେଟ ଓ ଗ୍ୟାଷ୍ଟ୍ରିକ ସମ୍ବନ୍ଧୀୟ ସମସ୍ୟାର ଚିକିତ୍ସା ତଥା ପରୀକ୍ଷା ପାଇଁ ଫୁଜିଫିଲ୍ମ ବ୍ରାଣ୍ଡର ଏଣ୍ଡୋସ୍କୋପି ୟୁନିଟ୍ ଆରମ୍ଭ କରାଯାଇଛି। ଅସ୍ତ୍ରୋପଚାର ଆବଶ୍ୟକ କରୁଥିବା ରୋଗୀଙ୍କ ପାଇଁ ସ୍ୱତନ୍ତ୍ର ସର୍ଜରୀ ବହିଃ ବିଭାଗ କାର୍ଯ୍ୟକ୍ଷମ ହୋଇଛି। ଏହାସହ ହାଡ଼ ଓ ଗଣ୍ଠି ଜନିତ ଜଟିଳ ଅସ୍ତ୍ରୋପଚାର ପାଇଁ ଏକ ସମ୍ପୂର୍ଣ୍ଣ ଭାବେ ସ୍ୱତନ୍ତ୍ର ଅପରେସନ ଥିଏଟର ଉଦ୍‌ଘାଟନ କରାଯାଇଛି।

ଏହି ସମସ୍ତ ସୁବିଧା ଉପଲବ୍ଧ ହେବା ଦ୍ୱାରା ଯାଜପୁର ଏବଂ ଏହାର ଆଖପାଖ ଅଞ୍ଚଳର ରୋଗୀମାନେ ବିଶେଷ ଭାବେ ଉପକୃତ ହେବେ। ଜଟିଳ ଅସ୍ତ୍ରୋପଚାର ଏବଂ ହୃଦ୍‌ରୋଗ ସମ୍ପର୍କିତ ପରୀକ୍ଷା ପାଇଁ ଏଣିକି ରୋଗୀଙ୍କୁ ବାହାରକୁ ଯିବାକୁ ପଡ଼ିବ ନାହିଁ। ମହାରାଜା ଯଯାତି କେଶରୀ ଭେଷଜ ମହାବିଦ୍ୟାଳୟ ଓ ହସ୍ପିଟାଲରେ ଏହି ସେବାଗୁଡ଼ିକର ଶୁଭାରମ୍ଭ ଜିଲ୍ଲାରେ ସ୍ୱାସ୍ଥ୍ୟ ସେବାର ଗୁଣବତ୍ତା କ୍ଷେତ୍ରରେ ଏକ ମାଇଲଖୁଣ୍ଟ ସଦୃଶ ହୋଇଛି। ଏହା ଆଗାମୀ ଦିନରେ ସ୍ଥାନୀୟ ଜନସାଧାରଣଙ୍କୁ ଉନ୍ନତ ରୋଗ ନିଦାନ ଓ ଚିକିତ୍ସା ପ୍ରଦାନ କରିବାରେ ବେଶ୍ ସହାୟକ ହେବ। ଉଦଘାଟନ ପରେ ଜିଲ୍ଲାପାଳ ଶ୍ରୀ କର ନୂତନ ଭାବେ ସ୍ଥାପିତ ଏହି ସମସ୍ତ ଚିକିତ୍ସା ୟୁନିଟଗୁଡ଼ିକ ନିରୀକ୍ଷଣ କରିଥିଲେ। ଜିଲ୍ଲାରେ ସ୍ୱାସ୍ଥ୍ୟ ସେବାକୁ ସୁଦୃଢ଼ କରିବା ପାଇଁ ନିଆଯାଇଥିବା ଏହି ପଦକ୍ଷେପ ଏବଂ ମେଡିକାଲ ଟିମ୍‌ର ପ୍ରୟାସକୁ ସେ ପ୍ରଶଂସା କରିଛନ୍ତି। ଏହାସହ ସମସ୍ତ ସ୍ୱାସ୍ଥ୍ୟ ସୁବିଧା ନିୟମିତ ଭାବେ ଖୋଲା ରହିବା, ସୁଚାରୁ ରୂପେ ପରିଚାଳିତ ହେବା ଏବଂ ରୋଗୀମାନଙ୍କୁ ଗୁଣାତ୍ମକ ସେବା ପ୍ରଦାନ ସୁନିଶ୍ଚିତ କରିବା ପାଇଁ ସମ୍ପୃକ୍ତ ଅଧିକାରୀ ଓ ଚିକିତ୍ସକମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଉଦ୍‌ଘାଟନୀ ସମାରୋହରେ ଜିଲ୍ଲାପାଳଙ୍କ ସମେତ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ବିଜୟ କୁମାର ମିଶ୍ର, ମେଡିକାଲ କଲେଜର ଅଧୀକ୍ଷକ ପ୍ରଫେସର ଡ. ଜାମି ସାଗର ପୃଷ୍ଟି, ପ୍ରଫେସର ଡ. ମନୋରମା ସ୍ୱାଇଁ, ମେଡିକାଲ କଲେଜର ପ୍ରଶାସନିକ ଅଧିକାରୀ ଶୈଳସେବା ମୁଦୁଲି, ଅର୍ଥୋପେଡିକ ବିଭାଗ ପ୍ରଫେସର ଡ. ଅତନୁ ମହାନ୍ତି, ସର୍ଜରୀ ବିଭାଗ ପ୍ରଫେସର ଡ. ବିପିନ କୁମାର ବର, ବିଭିନ୍ନ ବିଭାଗର ବିଭାଗୀୟ ମୁଖ୍ୟ ଏବଂ ମେଡିକାଲ କଲେଜର କର୍ମଚାରୀମାନେ ଉପସ୍ଥିତ ଥିଲେ।

## ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦା ରଥଯାତ୍ରା ନେଇ ପ୍ରସ୍ତୁତି ବୈଠକ

# ବଡ଼ଦାଣ୍ଡରେ ଆମିଷ ଭୋଜନ ପ୍ରସ୍ତୁତି ଓ ବିକ୍ରିକୁ ସମ୍ପୂର୍ଣ୍ଣ ନିଷେଧ, ବନ୍ଦ ରହିବ ମଦ ଦୋକାନ

**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ଚଳିତ ବର୍ଷ ବାରିପଦା ରଥଯାତ୍ରାକୁ ଶାନ୍ତି, ଶୃଙ୍ଖଳା ଓ ପାରମ୍ପରିକ ରୀତିନୀତି ଅନୁଯାୟୀ ସୁପରିଚାଳନା କରିବା ନିମନ୍ତେ ଜିଲ୍ଲା ପ୍ରଶାସନ ତତ୍ତ୍ୱାବଧାନରେ ବାରିପଦା ଦେବତ୍ତର ବିଭାଗ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ ହେମକାନ୍ତ ସୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି।



ବୈଠକରେ ରଥ ନିର୍ମାଣ, ନୀତିକାନ୍ତି ପାଳନ, ସୁରକ୍ଷା ବ୍ୟବସ୍ଥା, ବିଦ୍ୟୁତ ଆଲୋକୀକରଣ, ସ୍ୱାସ୍ଥ୍ୟ ସେବା, ପାନୀୟ ଜଳ ଯୋଗାଣ, ସ୍ୱଚ୍ଛତା, ଅଗ୍ନି ନିର୍ବାପକ ବ୍ୟବସ୍ଥା, ଯାତାୟାତ ନିୟନ୍ତ୍ରଣ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ସମ୍ପୃକ୍ତ ସମସ୍ତ ବିଭାଗ, ଦେବତ୍ତର ବିଭାଗ ଏବଂ ସେବାୟତମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରି ସମସ୍ତ କାର୍ଯ୍ୟ ନିର୍ଦ୍ଧାରିତ ସମୟରେ ସୁଚାରୁ ରୂପେ ସମ୍ପାଦନ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା।

ବୈଠକରେ ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀ, ଅତିରିକ୍ତ ଜିଲ୍ଲାପାଳ ଇଶ୍ୱର ଚନ୍ଦ୍ର ନାଏକ, ବାରିପଦା ଉପ-ଜିଲ୍ଲାପାଳ କସ୍ତୁରୀ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ରଥଯାତ୍ରା ସମୟରେ ବଡଦାଣ୍ଡ ଏବଂ ସହରର ବିଭିନ୍ନ ସ୍ଥାନରେ ବିଦ୍ୟୁତ ଆଲୋକୀକରଣ, ଯଥେଷ୍ଟ ପୋଲିସ ମୁତୟନ, ଟ୍ରାଫିକ ନିୟନ୍ତ୍ରଣ, ସିସିଟିଭି ନଜରଦାରୀ ଓ ସ୍ୱେଚ୍ଛାସେବୀ ମାନଙ୍କୁ ସେବାମୂଳକ କାର୍ଯ୍ୟରେ ନିୟୋଜିତ କରାଯିବା ନେଇ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆବଶ୍ୟକୀୟ ସ୍ୱାସ୍ଥ୍ୟ ସେବା ଓ ଆମ୍ବୁଲାନ୍ସ ବ୍ୟବସ୍ଥା ସହିତ ଅଗ୍ନିକାଣ୍ଡ ଓ ଆକସ୍ମିକ ଦୁର୍ଘଟଣାର ମୁକାବିଲା ପାଇଁ ଅଗ୍ନିଶମ ବିଭାଗକୁ ଆବଶ୍ୟକୀୟ ପ୍ରସ୍ତୁତି ରଖିବାକୁ ଦାୟିତ୍ୱ ଦିଆଯାଇଛି। ସହର ଓ ବଡଦାଣ୍ଡ ଅଞ୍ଚଳରେ ସ୍ୱଚ୍ଛତା ଏବଂ ପାନୀୟ ଜଳ ଯୋଗାଣ ସୁନିଶ୍ଚିତ କରିବା, ବଡଦାଣ୍ଡରେ ଆମିଷ ଭୋଜନ ପ୍ରସ୍ତୁତି ଓ ବିକ୍ରିକୁ ସମ୍ପୂର୍ଣ୍ଣ ନିଷେଧ କରିବା ସହ ମଦ ଦୋକାନଗୁଡ଼ିକୁ ବନ୍ଦ ରଖାଯିବା ଏବଂ ନିୟମିତ ଚଢ଼ଉ କରାଯିବା ପାଇଁ ସମ୍ପୃକ୍ତ ବିଭାଗମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ବୈଠକରେ ବିଭିନ୍ନ ବିଭାଗୀୟ ଅଧିକାରୀ, ସେବାୟତ, ରଥ ମହାରଣା, ରଥ ମହାପାତ୍ର, ପରିଛା ଓ ସହରର ମାନ୍ୟଗଣ୍ୟ ବ୍ୟକ୍ତିବିଶେଷମାନେ ଯୋଗଦେଇ ରଥଯାତ୍ରା ସମ୍ପର୍କିତ ଆଲୋଚନାରେ ସକ୍ରିୟ ଅଂଶଗ୍ରହଣ କରି ନିଜ ନିଜର ସୁଚିନ୍ତିତ ମତାମତ ଉପସ୍ଥାପନ କରିଥିଲେ।

# ଟି-୨୦ ଦଳରେ ସାମିଲ ହେଲେ ସୂର୍ଯ୍ୟାଂଶ ଶେଡ୍‌ଗେ

**ନୂଆଦିଲ୍ଲୀ**

ଆୟରଲାଣ୍ଡ ଏବଂ ଇଂଲଣ୍ଡ ବିପକ୍ଷ ଟି-୨୦ ସିରିଜ୍ ପୂର୍ବରୁ ଭାରତୀୟ ଦଳକୁ ଏକ ବଡ଼ ଝଟ୍‌କା ଲାଗିଛି। ଷ୍ଟାର୍ ଅଲରାଉଣ୍ଡର ନୀତୀଶ କୁମାର ରେଡ୍ଡୀ ଆହତ କାରଣରୁ ଦୁଇଟି ଯାକ ସିରିଜ୍‌ରୁ ବାଦ୍ ପଡ଼ିଛନ୍ତି। ବର୍ତ୍ତମାନ ନୀତୀଶ କୁମାର ରେଡ୍ଡୀଙ୍କ ସ୍ଥାନରେ ଡାହାଣହାତୀ ଅଲରାଉଣ୍ଡର ସୂର୍ଯ୍ୟାଂଶ ଶେଡ୍‌ଗେଙ୍କୁ ଆୟରଲାଣ୍ଡ ଏବଂ ଇଂଲଣ୍ଡ ଗସ୍ତ ପାଇଁ ଭାରତର ଟି-୨୦ ଦଳରେ ସାମିଲ କରାଯାଇଛି। ଭାରତୀୟ କ୍ରିକେଟ୍ ବୋର୍ଡ ମଙ୍ଗଳବାର (୨୩ ଜୁନ୍) ଦିନ ଏହାର ଆଧିକାରିକ ଘୋଷଣା ମଧ୍ୟ କରିଛି।





# ସ୍କଟ୍‌ଲାଣ୍ଡରେ 'ଫାଦର ଅଫ ସର୍ଜରୀ' ମହର୍ଷି ଶୁଶ୍ରୁତଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

**ଭୁବନେଶ୍ୱର,ନ୍ୟୁଜ୍‌ବ୍ୟୁରୋ**

ଅସ୍ତ୍ରୋପଚାରର ପିତାମହ ବା 'ଫାଦର ଅଫ ସର୍ଜରୀ' ରୂପେ ବହୁଳ ସମ୍ମାନର ଅଧିକାରୀ ତଥା ଅନ୍ୟତମ ଜଣାଶୁଣା ପ୍ରାଚୀନ ସର୍ଜନ ମହର୍ଷି ଶଶ୍ରୁତଙ୍କ ଏକ ପ୍ରତିମୂର୍ତ୍ତି ସ୍କଟ୍‌ଲାଣ୍ଡସ୍ଥିତ ରୟାଲ କଲେଜ ଅଫ ସର୍ଜନ ଅଫ ଏଡିନବର୍ଗରେ ଉନ୍ମୋଚିତ ହୋଇଛି। ଯୁକ୍ତ ରାଜ୍ୟରେ ବାସ କରୁଥିବା



ଭାରତୀୟ ବଂଶୋଦ୍ଭବ ସର୍ଜନ ପ୍ରଫେସର ଚନ୍ଦ୍ର ଚେରୁଭୁଙ୍କ ଉଦ୍ୟମ କ୍ରମେ ଏହି ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଛି। ଏହି ଉପଲକ୍ଷେ ଆୟୋଜିତ ଉତ୍ସବରେ ଉଭୟ ଭାରତ ଓ ଯୁକ୍ତରାଜ୍ୟର ମେଡ଼ିକାଲ ପ୍ରଫେସନାଲ୍‌ସ, ଶିକ୍ଷାବିତ୍ ଏବଂ ବିଶିଷ୍ଟ ବ୍ୟକ୍ତିମାନେ ଯୋଗ ଦେଇଥିଲେ। ସ୍କଟ୍‌ଲାଣ୍ଡରେ ଅବସ୍ଥାପିତ ଭାରତୀୟ କନସୁଲେଟ୍ ଏହି ଅବସରରେ କହିଛନ୍ତି- ମହର୍ଷି ଶୁଶ୍ରୁତଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହେବା ଦ୍ୱାରା ମେଡିସିନ କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ ଅବଦାନକୁ କେବଳ ସମ୍ମାନ ପ୍ରଦର୍ଶନ କରିବା ନୁହେଁ ବରଂ ଆଡଭାନ୍ସ ସର୍ଜିକାଲ ଏଜୁକେସନ୍‌କୁ ବିଶ୍ୱବ୍ୟାପୀ ପ୍ରସାରିତ କରିବାରେ ରୟାଲ କଲେଜ ଅଫ ସର୍ଜନ ଅଫ ଏଡିନବର୍ଗର ଭୂମିକାକୁ ମଧ୍ୟ ପ୍ରଦର୍ଶନ କରାଉଛି।

# ଉଦୟଗିରିରେ ଆଲୋକ ଓ ଶବ୍ଦ ଧ୍ୱନି କାର୍ଯ୍ୟକ୍ରମ ଆରମ୍ଭ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଭୁବନେଶ୍ୱରସ୍ଥ ଐତିହାସିକ ଉଦୟଗିରି ପାହାଡ଼ରେ ଆଲୋକ ଓ ଶବ୍ଦ ଧ୍ୱନି କାର୍ଯ୍ୟକ୍ରମ ସହିତ ତିନୋଟି ଭାଷାରେ କଳିଙ୍ଗ ଇତିହାସର ଝଲକ ଆରମ୍ଭ କରିବା ନିମନ୍ତେ ସରକାରଙ୍କ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଥିବା ଖବର ପ୍ରକାଶିତ ହୋଇଛି। ଏଥିରେ ଖାରବେଳଙ୍କ ସମ୍ପର୍କରେ ଏକ ଅଧ୍ୟାୟ ରହିବ ବୋଲି ମଧ୍ୟ ପ୍ରକାଶିତ ସମ୍ବାଦରେ ଦେଖିବାକୁ ମିଳିଛି। ଏହା ସମ୍ପର୍କରେ ବର୍ଷୀୟାନ୍ ଐତିହାସିକ ଡ. ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ ସ୍ପଷ୍ଟ ମତ ଦେଇ କହିଛନ୍ତି ଯେ ଖାରବେଳ କଳିଙ୍ଗର ସମ୍ରାଟ ଥିଲେ ନା ନାହିଁ ସେ ସମ୍ପର୍କରେ କୌଣସି ସ୍ପଷ୍ଟ ଇତିହାସର ଚିତ୍ର ଏପର୍ଯ୍ୟନ୍ତ ମିଳିନଥିବା ସତ୍ତ୍ୱେ ଏପରି ଉଦ୍ୟମ କାହିଁକି ଓ କାହାଦ୍ୱାରା ଆରମ୍ଭ ହୋଇଛି ତାହା ମଧ୍ୟ ଜଣାପଡୁନାହିଁ। ଖାରବେଳଙ୍କର ଐତିହାସିକ ଶିଳାଲିପି ଉଦୟଗିରି ପାହାଡ଼ରେ ରହିଥିବାରୁ ଯେ ସେ ଏଠାରେ ଶାସକ ଥିବାର କହିବା ସମ୍ଭବ ନୁହେଁ। ଖାରବେଳଙ୍କର ସମ୍ପର୍କର ଅନ୍ୟ କେତେକ ଶିଳାଲିପି ଆନ୍ଧ୍ରରେ ମଧ୍ୟ ଦେଖିବାକୁ ମିଳିଛି। ପୁଣି ସେତେବେଳେ ଉଦୟଗିରି ପାହାଡ଼ କଳିଙ୍ଗ ସାମ୍ରାଜ୍ୟର ଅଧିନରେ ଥିବାର କୌଣସି ସ୍ପଷ୍ଟ ଉତ୍ତର ମଧ୍ୟ ନାହିଁ। ଖାରବେଳଙ୍କ ଶିଳାଲିପି ଏହି ପାହାଡରେ କାହିଁକି ଓ କିପରି ରହିଛି ତାହା ମଧ୍ୟ ଅନୁସନ୍ଧାନ ସାପେକ୍ଷ। ପୁଣି ସେତେବେଳେ ତୋଷାଳି ଏକ ବୃହତ୍ତ ସାମ୍ରାଜ୍ୟ ଥିଲା ଓ ଏଠାରେ ବିଭିନ୍ନ ରାଜବଂଶମାନେ ଶାସନ ମଧ୍ୟ କରୁଥିଲେ। ତେବେ ଖାରବେଳଙ୍କୁ କଳିଙ୍ଗର ଶାସକ ଭାବରେ ଚିତ୍ରିତ କରିବା କେତେଦୂର ଠିକ୍ ଅଛି ତାହା ଇତିହାସର ବିଚାରକୁ ଆସିବାର କଥା। କୌଣସି କଥାର ସ୍ପଷ୍ଟତା ନଥିଲେ ଖାରବେଳଙ୍କର କିପରି ଏକ ପୂର୍ଣ୍ଣବୟବ ମୂର୍ତ୍ତିର ସ୍ଥାପନା କରିବାସହ ତାହା କଳିଙ୍ଗ ଐତିହାସିକୁ ଆଲୋକିତ କରିବା ଏକ ଭୂଲ ପଦକ୍ଷେପ। ସରକାର ଏ ଦିଗରେ ବିଚାର କରିବାର ଆବଶ୍ୟକତା ରହିଛି ବୋଲି ଡ. ତ୍ରିପାଠୀ ମତବ୍ୟକ୍ତ କରିଛନ୍ତି ନଚେତ୍ ଉତ୍ତର ପିଢ଼ି ଏହାକୁ ସହଜରେ ଗ୍ରହଣ କରିବେ ନାହିଁ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ରୋହିତ ଶର୍ମା, ମମ୍ମୁଟି ...

ଭାରତୀୟ କ୍ରିକେଟ ଦଳର ପୂର୍ବତନ ଅଧିନାୟକ ରୋହିତ ଶର୍ମା, ଲୋକଗାୟିକା ପୋଖିଲା ଲେକଥେପି, ଦୀପ ଟେକ୍ ଫର ଭାରତ ଫାଉଣ୍ଡେସନର ସହ-ପ୍ରତିଷ୍ଠାତା ଓ ପ୍ରସାର ଭାରତୀର ପୂର୍ବତନ ସିଇଓ ଶଶୀ ଶେଖର ଭେମ୍ପାଟି।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ହାତରୁ ପଦ୍ମ ପୁରସ୍କାର ଗ୍ରହଣ କରି ଏହି ସମସ୍ତ ବ୍ୟକ୍ତିତ୍ୱ ନିଜ ନିଜ କ୍ଷେତ୍ରରେ ଦେଶ ପାଇଁ ଦେଇଥିବା ଅସାଧାରଣ ଅବଦାନ ପାଇଁ ସମ୍ମାନିତ ହୋଇଛନ୍ତି।

## ୩ ଓଡ଼ିଆଙ୍କୁ ...

ପ୍ରଦାନ କରିଛନ୍ତି।

ସାହିତ୍ୟ ଓ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଚରଣ ହେମ୍ବ୍ରମଙ୍କୁ ପଦ୍ମଶ୍ରୀ ସମ୍ମାନ ମିଳିଛି। ସେହିପରି କଳା କ୍ଷେତ୍ରରେ ଅନନ୍ୟ ଅବଦାନ ପାଇଁ ଶରତ ପାତ୍ର ଏବଂ ସୀମାଞ୍ଚଳ ପାତ୍ରଙ୍କୁ ପଦ୍ମଶ୍ରୀରେ ସମ୍ମାନିତ କରାଯାଇଛି।

ତିନିଜଣ ଓଡ଼ିଆଙ୍କୁ ଏହି ସମ୍ମାନ ମିଳିବା ପରେ ରାଜ୍ୟବାସୀଙ୍କ ମଧ୍ୟରେ ଖୁସିର ଲହରୀ ଦେଖାଦେଇଛି। ବିଭିନ୍ନ ମହଲରୁ ସେମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଯାଉଛି।

## ମୁଖ୍ୟମନ୍ତ୍ରୀଙ୍କ...

ଶ୍ରୀ ଜଗନ୍ନାଥଙ୍କ ନିକଟରେ ସମସ୍ତ ପୁରସ୍କାର ବିଜେତାଙ୍କ ସୁସ୍ଥ, ନିରାମୟ ଓ ଦୀର୍ଘାୟୁ ଜୀବନ କାମନା କରୁଛି।

## ଏସ୍‌ଆଇଆର ଅଗ୍ରଗତି ...

ଆର ଏସ୍ ଗୋପାଳନ , ଅତିରିକ୍ତି ସିଇଓ ସୁଶାନ୍ତ କୁମାର ମିଶ୍ର, ଯୁଗ୍ମ ସିଇଓ ଗୋପୀନାଥ କୁଅଁର, ଡେ଼ପୁଟି ସିଇଓ ଡ଼. ଲକ୍ଷ୍ମୀପ୍ରସାଦ ସାହୁ ଓ ଅନାମିକା ସିଂଙ୍କ ସମେତ ସମସ୍ତ ରାଜନୈତିକ ଦଳର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

## କେନ୍ଦ୍ରମନ୍ତ୍ରୀ ...

ଅନୁଯାୟୀ, ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତୁରନ୍ତ ପ୍ରଭାବ ସହିତ ତାଙ୍କ ଇସ୍ତଫା ଗ୍ରହଣ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପରାମର୍ଶ କ୍ରମେ ଭାରତୀୟ ସମ୍ବିଧାନର ଧାରା ୭୫ର ଧାରା (୨) ଅନୁଯାୟୀ ଏହି ନିଷ୍ପତ୍ତି ନିଆଯାଇଛି।

## ଓଡ଼ିଶାରେ ୧୦୦୦...

ଓରେଡା ମଧ୍ୟରେ ଏହି ସହଭାଗିତା ଓଡ଼ିଶାର ଶକ୍ତି କ୍ଷେତ୍ର ପାଇଁ ଏକ ନିର୍ଣ୍ଣାୟକ ମୁହୂର୍ତ୍ତ। ରାଜ୍ୟର ଅପାର ଅକ୍ଷୟ ଶକ୍ତି ସମ୍ଭାବନା ସହିତ ବୈଷୟିକ ଏବଂ ଆର୍ଥିକ ଜ୍ଞାନକୌଶଳର ସମନ୍ୱୟ ଦ୍ୱାରା ଆମେ କେବଳ ସ୍ୱଚ୍ଛ ଶକ୍ତି ପାଇଁ ଆମର ପ୍ରତିଶ୍ରୁତି ପୂରଣ କରୁନାହୁଁ, ବରଂ ରାଜ୍ୟର 'ଅକ୍ଷୟ ଶକ୍ତି କ୍ରୟ ଲକ୍ଷ୍ୟ' ହାସଲ ଦିଗରେ ମଧ୍ୟ ସକ୍ରିୟ ଭାବେ କାର୍ଯ୍ୟ କରୁଛୁ। ଏହି ଉଦ୍ୟୋଗ ସ୍ଥାୟୀ ଶିଳ୍ପ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ସହ ଓଡ଼ିଶାକୁ ଭାରତର ଏକ ସବୁଜ ଶକ୍ତି କେନ୍ଦ୍ର ଭାବେ ପ୍ରତିଷ୍ଠିତ କରିବ।

ଏହି ଯୌଥ ଉଦ୍ୟୋଗରେ ଏନଆଇଆରଏଲ ୫୧% ଏବଂ ଓରେଡା ୪୯% ଅଂଶଧନ ନିବେଶ କରିବେ।

କମ୍ପାନୀର ପରିଚାଳନା ବୋର୍ଡରେ ମୋଟ ପାଞ୍ଚ ଜଣ ସଦସ୍ୟ ରହିବେ, ଯେଉଁଥିରେ ଏନଆଇଆରଏଲ ପକ୍ଷରୁ ତିନି ଜଣ ଏବଂ ଓରେଡା ପକ୍ଷରୁ ଦୁଇ ଜଣ ସଦସ୍ୟ ରହିବେ।

ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଳ କୁମାର ଦେବ କହିଛନ୍ତି ଯେ, ବୃହତ ଆକାରର ଅକ୍ଷୟ ଶକ୍ତି ପ୍ରକଳ୍ପ ପରିଚାଳନା ନିମନ୍ତେ ଓଡ଼ିଶାର ପ୍ରତିଷ୍ଠାନିକ କ୍ଷମତାକୁ ସୁଦୃଢ଼ କରିବା ଦିଗରେ ଏହି ପଦକ୍ଷେପ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟି ଏବଂ ଏହା ରାଜ୍ୟର ଏକ ସ୍ୱଚ୍ଛ ଓ ସବୁଜ ଭବିଷ୍ୟତ ପାଇଁ ଥିବା ଉତ୍ସର୍ଗୀକୃତ ଭାବନାକୁ ମଧ୍ୟ ପ୍ରମାଣିତ କରୁଛି।

ଏହି କାର୍ଯ୍ୟକ୍ରମରେ ଶକ୍ତି ବିଭାଗ, ଓରେଡା ଓ ଏନଆଇଆରଏଲ ର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ହରମୁଜ ଷ୍ଟ୍ରେଟ୍ ...

ସେ କହିଛନ୍ତି, 'ଏହି ଅଶାନ୍ତ ଏବଂ ଦ୍ରୁତ ପରିବର୍ତ୍ତନଶୀଳ ଯୁଗରେ ଆମର ଏକ ସ୍ୱତନ୍ତ୍ର ଭୂମିକା ରହିଛି, ଯେଉଁଠାରେ ବିବାଦ ସମାଧାନର ପୁରୁଣା ପଦ୍ଧତି ପ୍ରଭାବହୀନ ହେବାରେ ଲାଗିଛି। ଏକ ଗୋଷ୍ଠୀ ଭାବେ ଆମେ କେଉଁ ଭୂମିକା ନିର୍ବାହ କରିପାରିବା, ତାହା ବିଚାର କରିବା ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ। ଡୋଭାଲ କହିଛନ୍ତି ଯେ ସାଇବର ବିପଦ, ଆତଙ୍କବାଦର ନୂତନ ରୂପ ଏବଂ ବିଘଟନକାରୀ ପ୍ରଯୁକ୍ତିବିଦ୍ୟା ଭଳି ଅଣ-ପାରମ୍ପାରିକ ସୁରକ୍ଷା ବିପଦ ଜାତୀୟ ସୀମା ବାହାରେ ବ୍ୟାପିଛି। ସେ କହିଥିଲେ ଯେ ଏହି ଆହ୍ୱାନର ମୁକାବିଲା ପାଇଁ ସାମୂହିକ ପ୍ରୟାସ ଏବଂ ନୂତନ ଆଭିମୁଖ୍ୟର ଆବଶ୍ୟକତା ରହିଛି।

## ଖରିଫ ୨୦୨୬...

ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, କୋରାପୁଟ, ରାୟଗଡ଼ା, ମାଲକାନଗିରି ଏବଂ ନବରଙ୍ଗପୁର ଆଦି ୮ଟି ଜିଲ୍ଲା ଉପରେ ସ୍ୱତନ୍ତ୍ର ନଜର ରଖାଯାଇଛି। ରାଜ୍ୟ ପ୍ରଶାସନ ପକ୍ଷରୁ ବିଳମ୍ବରେ ରୁଆ, ଆର୍ଦ୍ରତାର ଅଭାବ, ଜଳଭଣ୍ଡାରରେ ଜଳସ୍ତର ହ୍ରାସ ଏବଂ ରୋଗପୋକ ସଂକ୍ରମଣ ଭଳି ସମ୍ଭାବ୍ୟ ବିପଦକୁ ମୁକାବିଲା କରିବା ପାଇଁ ସଜାଗ ରହିଛି।

କୃଷି ଉତ୍ପାଦନକୁ ସୁନିଶ୍ଚିତ କରିବା ପାଇଁ ଓଡ଼ିଶା ୫୭.୮୮ ଲକ୍ଷ ହେକ୍ଟର ଜମିରେ ଚାଷ ପାଇଁ ଚୂଡ଼ାନ୍ତ କରିଛି। ଏଥିପାଇଁ ସବସିଡ଼ି ଦରରେ ପ୍ରାମାଣିକ ବିହନ ବଂଟନ ଏବଂ ସଙ୍କଟ ସମୟରେ ବ୍ୟବହାର ପାଇଁ ୧୪,୩୫୦ କ୍ୱିଣ୍ଟାଲ (୭,୫୦୦ କ୍ୱିଣ୍ଟାଲ ଧାନ ଏବଂ ୬,୮୫୦ କ୍ୱିଣ୍ଟାଲ ଅଣ-ଧାନ ବିହନ)ର ଏକ ବିହନ ଭଣ୍ଡାର ପ୍ରତିଷ୍ଠା କରାଯାଇଛି। ଏହାଛଡ଼ା, ଚାଷୀମାନଙ୍କୁ ସାର ଯୋଗାଇବା ପାଇଁ ୧୧.୪୨ ଲକ୍ଷ ମେଟ୍ରିକ ଟନ୍ ଚାହିଦା ବିପକ୍ଷରେ ୬.୪୦ ଲକ୍ଷ ମେଟ୍ରିକ ଟନ୍ ସାର ଉପଲବ୍ଧ କରାଯାଇଛି।

ଉପ-ମୁଖ୍ୟମନ୍ତ୍ରୀ ଶ୍ରୀ ସିଂହ ଦେଓ କହିଛନ୍ତି ଯେ, ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ଓଡ଼ିଶା କୃଷକମାନଙ୍କ ସ୍ୱାର୍ଥ ରକ୍ଷା ଓ ଆର୍ଥିକ ସୁରକ୍ଷା ଉପରେ ଗୁରୁତ୍ୱ ଦେଉଛି। ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଏବଂ କୃଷି ବିଜ୍ଞାନ କେନ୍ଦ୍ରର ଟିମ୍ ଗୁଡ଼ିକ ରୋଗପୋକ ନିୟନ୍ତ୍ରଣ ଓ ତଦାରଖ ପାଇଁ ସଜାଗ ରହିଛନ୍ତି। ସେହିପରି 'ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା'ରେ ଅଧିକରୁ ଅଧିକ ଚାଷୀଙ୍କୁ ସାମିଲ କରିବା ପାଇଁ ପ୍ରୟାସ ଜାରି ରହିଛି। ଏହି ସମନ୍ୱିତ ପ୍ରୟାସ ମାଧ୍ୟମରେ ଏଲ୍ ନିନୋର ପ୍ରଭାବରୁ ଚାଷୀଙ୍କୁ ରକ୍ଷା କରିବା ଏବଂ ରାଜ୍ୟରେ ନିରନ୍ତର କୃଷି ବିକାଶ ସୁନିଶ୍ଚିତ କରିବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ଅଭିହିତ କରିଛନ୍ତି। ରାଜ୍ୟ ଏବଂ ଜିଲ୍ଲା ସ୍ତରରେ ଫସଲ ଆପଦକାଳୀନ ମୁକାବିଲା ପାଇଁ ଯୋଜନପୂର୍ବରୁ ପ୍ରସ୍ତୁତ ରହିଛି। ବ୍ଲକ ସ୍ତରରେ ମଧ୍ୟ ଏହିପରି ଯୋଜନା ପ୍ରସ୍ତୁତ କରିବା ପାଇଁ ଜିଲ୍ଲାଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି।

## ଓଡ଼ିଶା ଛୁଇଁଲା ...

ଅଂଶ ଦେଇ ଅତିକ୍ରମ କରିଛି। ରାଜ୍ୟରେ ମୌସୁମୀ ସକ୍ରିୟ ଥିବାବେଳେ ଆଗକୁ ବଢିବା ପାଇଁ ସ୍ଥିତି ଅନୁକୂଳ ହୋଇଛି। ତେଣୁ ଆଗାମୀ ୪୮ ଘଣ୍ଟା ମଧ୍ୟରେ ମୌସୁମୀ ସାରା ଓଡ଼ିଶା ଛୁଇଁବ ବୋଲି ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ରାଜ୍ୟରେ ଟ୍ରଫ୍ ଲାଇନ ସହ କାଳବୈଶାଖୀ ଯୋଗୁ ବର୍ଷା ହେଉଥିବା ବେଳେ ଆହୁରି ୪ଦିନ ଅର୍ଥାତ ୨୬ ତାରିଖ ଯାଏ ବର୍ଷା ଲାଗି ରହିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ସୋମବାର ସକାଳୁ ଭୁବନେଶ୍ୱର ସମେତ ରାଜ୍ୟର ଅନେକ ସ୍ଥାନରେ ମୌସୁମୀଜନିତ ବର୍ଷା ହୋଇଛି।

ଶୁକ୍ରବାର ପର୍ଯ୍ୟନ୍ତ ରାଜ୍ୟରେ ଏଭଳି ବର୍ଷା ଲାଗିରହିବ। ସେହିପରି ବର୍ଷା ପ୍ରଭାବରେ ଆଗାମୀ ୨ଦିନ ମଧ୍ୟରେ ଦିନ ତାପମାତ୍ରା ଆଉ ୨ରୁ ୩ ଡିଗ୍ରୀ ପର୍ଯ୍ୟନ୍ତ ହ୍ରାସ ଘଟିବ। ରାଜ୍ୟରେ ଝଡ଼ବର୍ଷା ଲାଗିରହିଥିବାବେଳେ ସମୁଦ୍ର ଅଶାନ୍ତ ରହିବ।

## ଚୀନ୍ ଭରସାରେ ...

ଏସବୁ ସମସ୍ୟାର ସମାଧାନ କରିବାକୁ ହେଲେ ଉଚ୍ଚମୂଲ୍ୟର ଫାର୍ମା ବର୍ଗକୁ ଅଧିକ ବ୍ୟାପକ କରିବାକୁ ହେବ। ଏଥସହିତ ଗବେଷଣାର ବାଣିଜ୍ୟିକରଣ ଏବଂ ଷ୍ଟାର୍ଟଅପର ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ପାଇଁ ଔଷଧ ଶିଳ୍ପ ଓ ଶିକ୍ଷାନୁଷ୍ଠାନ ମଧ୍ୟରେ ଦୃଢ଼ ସମନ୍ୱୟ ସ୍ଥାପନ କରିବାକୁ ହେବ ବୋଲି ନୀତି ଆୟୋଗ ସୁପାରିସ କରିଛି। ନିୟାମକ ବ୍ୟବସ୍ଥାରେ ସ୍ୱଚ୍ଛତା ବଢ଼ାଇବା ଏବଂ ମଜଭୁତ୍ ଲାଇଫ୍ ସାଇନ୍ସ କ୍ଲଷ୍ଟର ସ୍ଥାପନ ପାଇଁ ଏହା ସୁପାରିସ କରିଛି। ଏହା ହେଲେ ପ୍ରଯୁକ୍ତି ସ୍ଥାନାନ୍ତରରେ ଉନ୍ନତି ଆସିବ।

ରିପୋର୍ଟ ଉନ୍ମୋଚନ ସମୟରେ ନୀତି ଆୟୋଗ ଉପାଧ୍ୟକ୍ଷ ଅଶୋକ ଲାହିରି କହିଛନ୍ତି ଭାରତ ନିଜକୁ ବିଶ୍ୱର ଔଷଧ କାରଖାନା ଭାବେ ପ୍ରତିଷ୍ଠା କରିପାରିଛି। ପରିମାଣ ଦୃଷ୍ଟିରୁ ଭାରତ ଠିକ୍ ଦିଗରେ ଗତି କରୁଥିଲେ ମଧ୍ୟ ଆମକୁ ମୂଲ୍ୟ ଶୃଙ୍ଖଳରେ ଆଗକୁ ଯିବାକୁ ପଡ଼ିବ। ଅନ୍ତର୍ଜାତୀୟ ବଜାରରେ ଭାରତର ବିଶ୍ୱସନୀୟତା ରହିଛି। ଯଦି ଭାରତୀୟ କମ୍ପାନୀଗୁଡ଼ିକ ଉଚ୍ଚମାନର ଔଷଧ ଉତ୍ପାଦନ କରି ସେଗୁଡ଼ିକ ଠିକ୍ ମୂଲ୍ୟରେ ବିକ୍ରି କରିପାରିବେ ତାହେଲେ ବିଶ୍ୱରେ ଅଧିକ ବଜାରଅଂଶ ହାସଲ କରିବାରେ କୌଣସି ଅସୁବିଧା ରହିବ ନାହିଁ। ସୁଲଭ ମୂଲ୍ୟର ଜେନେରିକ୍ ଔଷଧ ଯୋଗାଣ କ୍ଷେତ୍ରରେ ଭାରତ ଆଗରେ ରହିଛି। ଆଫ୍ରିକାରେ ଉକ୍ତ ଔଷଧର ପ୍ରାୟ ୫୦ ପ୍ରତିଶତ ଚାହିଦା ଭାରତ ପୂରଣ କରୁଛି। ସେହିଭଳି ଯୁକ୍ତରାଷ୍ଟ୍ର ଆମେରିକାର ୪୦ ପ୍ରତିଶତ ଏବଂ ବ୍ରିଟେନର ୨୫ ପ୍ରତିଶତ ଚାହିଦା ଭାରତ ଜରିଆରେ ପୂରା ହେଉଛି।

# ଆଇଏନ୍‌ଟି ଆଦିତ୍ୟ ବିର୍ଲା ପରଫର୍ମିଂ ଆର୍ଟସ୍ ଏକାଡେମିର ଲୋକାର୍ପଣ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଆଦିତ୍ୟ ବିର୍ଲାଗ୍ରୁପ୍ ପକ୍ଷରୁ ଆଇଏନ୍‌ଟି ଆଦିତ୍ୟ ବିର୍ଲା ପରଫର୍ମିଂ ଆର୍ଟସ୍ ଏକାଡେମି ଲୋକାର୍ପଣ କରାଯାଇଛି ଯାହାଭାରତରଏହି ଅନନ୍ୟ ସାଂସ୍କୃତିକ ଅନୁଷ୍ଠାନକୁ ଏକ ନୂଆ ଆକାର ଓ ନୂତନ ଉଦ୍ଦେଶ୍ୟ ପ୍ରଦାନ କରିଛି। ଏଥି ସହିତଇଣ୍ଡିଆନ ନ୍ୟାସନାଲ ଥିଏଟର (ଆଇଏନଟି)ର ଏକ ନୂଆ ଅଧ୍ୟାୟ ଆରମ୍ଭ ହୋଇଛି। ସ୍ୱାଧୀନତା ପୂର୍ବରୁ ରହିଆସିଥିବା ଏହି ଅନୁଷ୍ଠାନ ଅନେକ କଳାକାର ଓ ଦର୍ଶକଙ୍କୁଗଢ଼ିଛି। ଏହାକୁ ଏକାଡେମିର ଅଧ୍ୟକ୍ଷତା ରାଜଶ୍ରୀ ବିର୍ଲା ଉଦଘାଟନ କରିଥିବାବେଳେ ଆଦିତ୍ୟ ବିର୍ଲାଗ୍ରୁପ୍‌ର ଅଧ୍ୟକ୍ଷ କୁମାର ମଙ୍ଗଳମବିର୍ଲା, ନୀରଜାବିର୍ଲା, ଅନନ୍ୟା ବିର୍ଲା। ଓ ଆର୍ଯ୍ୟମାନ ବିକ୍ରମବିର୍ଲାଉପସ୍ଥିତ ଥିଲେ। ଆଦିତ୍ୟ ବିର୍ଲାଗ୍ରୁପ୍ ଅଗ୍ରଣୀ ଅନୁଷ୍ଠାନ ଗଢ଼ିବାର ଏକ ବୃହତ ପରମ୍ପରାବଜାୟରଖିଛି ଯାହା ପରବର୍ତ୍ତୀ ସମୟରେ ବିକାଶମୂଳକ ସମ୍ପତିରେ ପରିଣତ ହୋଇଛି। ସ୍କୁଲ, ବିଶ୍ୱବିଦ୍ୟାଳୟ, ହସ୍ପିଟାଲ, ଗବେଷଣାକେନ୍ଦ୍ର, ସାଂସ୍କୃତିକ ଅନୁଷ୍ଠାନ ଆଦିରେ ଗ୍ରୁପ ନିବେଶକରିଛି। ଆଇଏନଟି ହେଉଛିସେଭଳି ଏକ ଅନୁଷ୍ଠାନ ଯାହା ଏକ ପରଫର୍ମିଂ ଆର୍ଟସ୍ ଅନୁଷ୍ଠାନଠାରୁ ଅଧିକ। ଥିଏଟର, ସଙ୍ଗୀତ ଓ ନୃତ୍ୟକ୍ଷେତ୍ରରେଏହା ପ୍ରତିଭାମାନଙ୍କୁସମୃଦ୍ଧ କରୁଛି। ଏହି ଅବସରରେ ଶ୍ରୀମତୀ ରାଜଶ୍ରୀବିର୍ଲା କହିଛନ୍ତି ଯେ, 'ଭାରତର ଅସାଧାରଣ କଳାକାରଐତିହ୍ୟ ଓ ଏହି ପରମ୍ପରାକୁ ପିଢ଼ି ପିଢ଼ି



ଧରିଜାରିରଖିଥିବା ଅସଂଖ୍ୟ ବ୍ୟକ୍ତି ପ୍ରତି ଆଇଏନଟି ଆଦିତ୍ୟ ବିର୍ଲା ପରଫର୍ମିଂ ଆର୍ଟସ୍ ଏକାଡେମିହେଉଛି ଏକ ସମ୍ମାନ। ଏହାଶ୍ରୀ ଆଦିତ୍ୟ ବିକ୍ରମବିର୍ଲାଙ୍କସୃଜନଶୀଳତା, ଭାବନା ଓ ସଂସ୍କୃତି ଉପରେ ଦଣ୍ଡାୟମାନ ଏକ ସମାଜର ତିନିଟି ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ ଉପରେ ରହିଥିବା ଭାବନାର ପ୍ରତୀକ। ଆମେ ଏଭଳି ଏକ ଅନୁଷ୍ଠାନ ଗଢ଼ିବାକୁ ଲକ୍ଷ୍ୟରଖିଛୁ ଯାହା ଆମର ଶାସ୍ତ୍ରୀୟମୂଳଦୁଆକୁ ସମ୍ମାନ ଜଣାଇବ, ସମସାମୟିକ ଭାବକୁ ଗ୍ରହଣ କରିବ ଏବଂ ଉଦୀୟମାନ ପ୍ରତିଭାଙ୍କ ପାଇଁ ପଥ ଉନ୍ମୁକ୍ତକରିବ। ସର୍ବୋପରି ଆମେ ଆଶା କରୁଛୁ ଯେ ଏହା ଏକ ଜାତୀୟମଂଚରେ ପରିଣତ ହେବ ଯେଉଁଠାରେ ଭାରତର ବିବିଧ ସାଂସ୍କୃତିକସ୍ୱରକୁ ଉପସ୍ଥାପନ କରାଯିବ, ଅନ୍ୟମାନଙ୍କୁ ଅନୁପ୍ରାଣିତ କରିବଏବଂ ପରଫର୍ମିଂ ଆର୍ଟସ୍ ଭବିଷ୍ୟତକୁ ଆକାର ପ୍ରଦାନ କରିବ।'

# ପାୱାରଗ୍ରିଡ୍ ପକ୍ଷରୁ ଦ୍ୱାଦଶ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ

ଗୁରୁଗ୍ରାମ, ନ୍ୟୁଜ ବ୍ୟୁରୋ

ଶକ୍ତି ମନ୍ତ୍ରଣାଳୟ ଅଧୀନରେ ଏକ ମହାରତ୍ନ କେନ୍ଦ୍ରୀୟ ସାର୍ବଜନୀନ କ୍ଷେତ୍ର ସଂସ୍ଥା, ପାୱାର ଗ୍ରୀଡ୍ କର୍ପୋରେସନ୍ ଅଫ୍ ଇଣ୍ଡିଆ ଲିମିଟେଡ୍ (ପାୱାରଗ୍ରିଡ୍), ଦେଶବ୍ୟାପୀ ଏହାର ସମସ୍ତ ପ୍ରତିଷ୍ଠାନରେ ଦ୍ୱାଦଶ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ କରିଛି। ଗୁରୁଗ୍ରାମର କେନ୍ଦ୍ରୀୟ କାର୍ଯ୍ୟାଳୟରେ, ପାୱାରଗ୍ରିଡ୍ର ଅଧକ୍ଷ ଏବଂ ପରିଚାଳନା ନିର୍ଦ୍ଦେଶକ ଭାମସୀ ରାମ ମୋହନ ବୁରା, ନିର୍ଦ୍ଦେଶକ (ଅର୍ଥ) ଶ୍ରୀ ଜି. ରବି ଶଙ୍କର ଏବଂ ନିର୍ଦ୍ଦେଶକ (କାର୍ମିକ) ଡକ୍ଟର ଯତୀନ୍ଦ୍ର ଦ୍ୱିବେଦୀ ଯୋଗ ଅଧିବେଶନର ନେତୃତ୍ୱ ନେଇଥିଲେ ଏବଂ କର୍ମଚାରୀମାନଙ୍କୁ ଯୋଗକୁ ସେମାନଙ୍କ ଦୈନନ୍ଦିନ



ଜୀବନଶୈଳୀର ଏକ ଅବିଚ୍ଛେଦ୍ୟ ଅଂଶ କରିବାକୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମରେ କର୍ମଚାରୀ ଏବଂ ସେମାନଙ୍କ ପରିବାରର ଉତ୍ସାହୀ ଅଂଶଗ୍ରହଣ କର୍ମଚାରୀ କଲ୍ୟାଣ ଏବଂ କାର୍ଯ୍ୟ-ଜୀବନ ସନ୍ତୁଳନ ପ୍ରତି ସଂଗଠନର ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଥିଲା। ଏହି କାର୍ଯ୍ୟକ୍ରମ ଏକ ସୁସ୍ଥ, ସକାରାତ୍ମକ ଏବଂ ସୁସ୍ଥ କାର୍ଯ୍ୟ ସଂସ୍କୃତିକୁ ପ୍ରୋତ୍ସାହିତ କରିବା ପାଇଁ ପାୱାରଗ୍ରିଡ୍ର ନିରନ୍ତର ପ୍ରୟାସକୁ ମଧ୍ୟ ପ୍ରତୀକ କରିଥିଲା। ଆନ୍ତର୍ଜାତୀୟ ଯୋଗ ଦିବସ ୨୦୨୬ ର ବିଷୟବସ୍ତୁ 'ସ୍ୱସ୍ଥ୍ୟକର ବୟସ୍କ ପାଇଁ ଯୋଗ' ସହିତ ସଂଯୋଜିତ ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ସମସ୍ତ ବୟସ ଗୋଷ୍ଠୀର ଲୋକଙ୍କ ମଧ୍ୟରେ ଶାରୀରିକ ସୁସ୍ଥତା, ମାନସିକ ସ୍ୱାସ୍ଥ୍ୟ ଏବଂ ସାମଗ୍ରିକ ସୁସ୍ଥତା ବିଷୟରେ ସଚେତନତା ବୃଦ୍ଧି କରିବା ଥିଲା। କାର୍ଯ୍ୟକ୍ରମ ସମୟରେ, ଅଂଶଗ୍ରହଣକାରୀମାନେ ଯୋଗ ବିଶେଷଜ୍ଞଙ୍କ ମାର୍ଗଦର୍ଶନରେ ବିଭିନ୍ନ ଯୋଗ ଆସନ, ପ୍ରାଣାୟମ ଏବଂ ଧ୍ୟାନ ଅଭ୍ୟାସ କରିଥିଲେ। ପାୱାରଗ୍ରୀଡ୍ ୩୧ ମଇ, ୨୦୨୬ ପର୍ଯ୍ୟନ୍ତ ୨୯୧ ସବଷ୍ଟେସନ, ୧୮୫,୭୫୦ ସର୍କିଟ କିଲୋମିଟରରୁ ଅଧିକ ଟ୍ରାନ୍ସମିସନ୍ ଲାଇନ୍ ଏବଂ ୬୩୦,୫୧୬ ଗଠଇ ରୂପାନ୍ତରଣ କ୍ଷମତା ପରିଚାଳନା କରୁଛି। ସର୍ବଶେଷ ପ୍ରଯୁକ୍ତିବିଦ୍ୟା ଉପକରଣ ଏବଂ କୌଶଳ ଗ୍ରହଣ କରି ଏବଂ ସ୍ୱୟଂଚାଳିତ ଏବଂ ଡିଜିଟାଲ୍ ସମାଧାନକୁ ପ୍ରଭାବଶାଳୀ ଭାବରେ ବ୍ୟବହାର କରି, ପାୱାରଗ୍ରୀଡ୍ ୯୯.୮୪ ପ୍ରତିଶତରୁ ଅଧିକ ହାରାହାରି ଟ୍ରାନ୍ସମିସନ୍ ସିଷ୍ଟମ୍ ଉପଲବ୍ଧତା ବଜାୟ ରଖିବାରେ ସକ୍ଷମ ହୋଇଛି।

# ଇମ୍ଫା ପକ୍ଷରୁ ପ୍ରତିଭାବାନ୍ ମହିଳା ଉଦ୍ୟୋଗୀମାନଙ୍କୁ ଲୋକଲୋଚନକୁ ଆଣିବା ପାଇଁ 'ସଖୀ ସିଡ୍'ର ଶୁଭାରମ୍ଭ




**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଇଣ୍ଡିଆନ୍ ମେଟାଲ୍ସ ଆଣ୍ଡ ଫେରୋ ଆଲଏଜ୍ ଲିମିଟେଡ୍ (ଇମ୍ଫା) ନିଜର ସାମାଜିକ ଦାୟିତ୍ୱବୋଧ ଶାଖା 'ବଂଶୀଧର ଆଣ୍ଡ ଇଲା ପଣ୍ଡା ଫାଉଣ୍ଡେସନ୍' (ବିଆଇପିଏଫ୍) ମାଧ୍ୟମରେ 'ସଖୀ ସୀଡ୍' କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ନେଇ ଘୋଷଣା କରିଛି। ଏହା ଏକ ଅଭିନବ କାର୍ଯ୍ୟକ୍ରମ ଯାହା ଗ୍ରାମାଞ୍ଚଳର ଏବଂ କ୍ଷୁଦ୍ର ମହିଳା ଉଦ୍ୟୋଗୀମାନଙ୍କୁ ସହାୟତା ପ୍ରଦାନ କରିବା ପାଇଁ ପ୍ରସ୍ତୁତ କରାଯାଇଛି। ଏହି ମହିଳାମାନଙ୍କ ପାଖରେ ଉତ୍ତମ ବ୍ୟବସାୟିକ ଚିନ୍ତାଧାରା ଏବଂ ଦୃଢ଼ ଉଦ୍ୟୋଗୀ ହେବାର ସାମର୍ଥ୍ୟ ଥିଲେ ମଧ୍ୟ ସେମାନେ ପ୍ରାୟତଃ ପାରମ୍ପରିକ ଆର୍ଥିକ ସ୍ରୋତ ବା ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାରୁ ବଞ୍ଚିତ ହୋଇଥାନ୍ତି। ଏହି ଯୋଜନା ଅଧୀନରେ ୧୦ ଜଣ ମହିଳା ଉଦ୍ୟୋଗୀଙ୍କୁ ପ୍ରତ୍ୟେକଙ୍କୁ ୫ ଲକ୍ଷ ଟଙ୍କାର ଅନୁଦାନ ପ୍ରଦାନ କରାଯିବ। ଏହା ସହିତ ଜାଭିୟର ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ଭୁବନେଶ୍ୱର ପକ୍ଷରୁ ସେମାନଙ୍କୁ ସୁସଂଗଠିତ ବ୍ୟବସାୟିକ ପରାମର୍ଶ ଦିଆଯିବ, ଯାହାଦ୍ୱାରା ସେମାନେ ନିଜର ସ୍ଥାୟୀ ବ୍ୟବସାୟକୁ ମଜବୁତ ଓ ସଂପ୍ରସାରିତ କରିପାରିବେ। ଏହି କାର୍ଯ୍ୟକ୍ରମଟି 'କାଟାଲିଟିକ୍ କ୍ୟାପିଟାଲ୍' (ଉତପ୍ରେରକ ପୁଞ୍ଜି) ନୀତି ଉପରେ ଆଧାରିତ, ଯାହା ଉଦ୍ୟୋଗୀମାନଙ୍କୁ ସେମାନଙ୍କ ଯାତ୍ରାର ପ୍ରାରମ୍ଭିକ ତଥା ସବୁଠାରୁ ଦୁର୍ବଳ ସମୟରେ ଧୈର୍ଯ୍ୟବାନ ଏବଂ ବିପଦ-ସହନଶୀଳ ପାଣ୍ଠି ଯୋଗାଇ ଦେଇ ସଶକ୍ତ କରିଥାଏ। ପାରମ୍ପରିକ ଆର୍ଥିକ ବ୍ୟବସ୍ଥା ତୁଳନାରେ, 'ସଖୀ ସୀଡ୍' କାର୍ଯ୍ୟକ୍ରମ ଏହା ଗ୍ରହଣ କରେ ଯେ ଅନେକ ପ୍ରତିଭାବାନ ମହିଳା ଉଦ୍ୟୋଗୀ ଆନୁଷ୍ଠାନିକ ଆର୍ଥିକ ପ୍ରଣାଳୀ ବାହାରେ କାର୍ଯ୍ୟ କରନ୍ତି। ସେମାନଙ୍କ ପାଖରେ ପ୍ରାୟତଃ କୌଣସି ବନ୍ଧକ , ଦାଖଲ ସଦୃଶ କ୍ରେଡିଟ୍ ହିଷ୍ଟ୍ରି , ଆନୁଷ୍ଠାନିକ ପଞ୍ଜୀକରଣ କିମ୍ବା ବ୍ୟାପକ କାଗଜପତ୍ର ନଥାଏ। ଏହି କାରଣରୁ ସେମାନେ ନିଜ ପରିବାର ଓ ସମାଜକୁ ଆର୍ଥିକ ସ୍ୱାବଲମ୍ବୀ କରୁଥିବା ବ୍ୟବସାୟ ଚଳାଉଥିଲେ ସୁଦ୍ଧା କୌଣସି ପ୍ରତିଷ୍ଠାନିକ ଋଣ ପାଇବାକୁ ଯୋଗ୍ୟ ବିବେଚିତ ହୋଇପାରନ୍ତି ନାହିଁ। ଏହି ଅବସରରେ ବଂଶୀଧର ଆଣ୍ଡ ଇଲା ପଣ୍ଡା ଫାଉଣ୍ଡେସନର ପ୍ରତିଷ୍ଠାତା ତଥା ସିଇଓ ଶ୍ରୀମତୀ ଶୈଫାଳିକା ପଣ୍ଡା କହିଛନ୍ତି: "ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହେଉଛି ଏକ ପ୍ରମାଣ ସୃଷ୍ଟି କରିବା ଯେ, ଯେଉଁ ମହିଳାମାନେ ବର୍ତ୍ତମାନର ଆନୁଷ୍ଠାନିକ ଋଣ ପାଇଁ ଯୋଗ୍ୟ ନୁହନ୍ତି, ସେମାନଙ୍କୁ ଯଦି ସଠିକ୍ ପୁଞ୍ଜି, ପରାମର୍ଶ ଏବଂ ଆନୁଷଙ୍ଗିକ ସହାୟତା ମିଳେ, ତେବେ ସେମାନେ ମଧ୍ୟ ଏକ ସ୍ଥାୟୀ ଓ ପ୍ରଗତିଶୀଳ ବ୍ୟବସାୟ ପ୍ରତିଷ୍ଠା କରିପାରିବେ। 'ସଖୀ ସୀଡ୍' କାର୍ଯ୍ୟକ୍ରମର ଏକ ବଡ଼ ଲକ୍ଷ୍ୟ ରହିଛି — ତାହା ହେଉଛି ଭାରତରେ ଉଦ୍ୟୋଗୀ ଆର୍ଥିକ ବ୍ୟବସ୍ଥାକୁ ବନ୍ଧକ ଏବଂ ବ୍ୟାପକ କ୍ରେଡିଟ୍ ହିଷ୍ଟ୍ରି ର ସୀମା ବାହାରକୁ ଦେଖିବା ପାଇଁ ଏକ ଦୃଷ୍ଟାନ୍ତ ସୃଷ୍ଟି କରିବା।"

# ଡଃ ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଦିବସ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ

## ସମୃଦ୍ଧ ଓଡ଼ିଶା ଓ ବିକଶିତ ଭାରତ ଗଠନ ପାଇଁ ଯୁବପିଢ଼ିକୁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଭାରତ ମାତାର ମହାନ ସୁପୁତ୍ର ଡଃ ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ 'ରାଷ୍ଟ୍ର ପ୍ରଥମ' ନୀତିରେ ଅନୁପ୍ରାଣିତ ହୋଇ ପବିତ୍ର ଓଡ଼ିଶା ମାଟି ତଥା ସମଗ୍ର ଭାରତବର୍ଷକୁ ସଶକ୍ତ, ସମୃଦ୍ଧ ଓ ଏକତାର ସୂତ୍ରରେ ବାନ୍ଧି ରଖିବା ପାଇଁ କାର୍ଯ୍ୟ କରିବାକୁ ଯୁବପିଢ଼ିଙ୍କୁ ଆହ୍ୱାନ ଦେଇଛନ୍ତି। ମଙ୍ଗଳବାର ଡଃ ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଦିବସ ଅବସରରେ ଜୟଦେବ ଭବନଠାରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଯୁବପିଢ଼ିଙ୍କୁ ଏହି ଆହ୍ୱାନ ଦେଇଛନ୍ତି।

ଡଃ ମୁଖାର୍ଜୀଙ୍କ ଅତୁଳନୀୟ ତ୍ୟାଗ ଓ ଶିକ୍ଷା ସଂସ୍କାର ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ମାତ୍ର ୩୩ ବର୍ଷ ବୟସରେ ସେ କଲିକତା ବିଶ୍ୱବିଦ୍ୟାଳୟର ସର୍ବକନିଷ୍ଠ କୁଳପତି ଭାବେ ଶିକ୍ଷା କ୍ଷେତ୍ରରେ ଅଭୂତପୂର୍ବ ପରିବର୍ତ୍ତନ ଆଣିଥିଲେ। ଦେଶର ଏକତା ଓ ଅଖଣ୍ଡତା ପାଇଁ ଜାମ୍ମୁ-କାଶ୍ମୀର ଆନ୍ଦୋଳନରେ ସେ ଦେଇଥିବା ଐତିହାସିକ ସ୍ଲୋଗାନ 'ଏକ ଦେଶ ମେଁ ଦୋ ବିଧାନ, ଦୋ ପ୍ରଧାନ, ଦୋ ନିଶାନ ନେହିଁ ଚଲେଙ୍ଗେ' ସମଗ୍ର ରାଷ୍ଟ୍ରକୁ ଏକତା ସୂତ୍ରରେ ବାନ୍ଧିଥିଲା।



ସେ ଆହୁରି କହିଥିଲେ ଯେ କଂଗ୍ରେସର ତୁଷ୍ଟୀକରଣ ରାଜନୀତି ଏବଂ ଭୁଲ୍ ନୀତି ଯୋଗୁଁ କାଶ୍ମୀର ଉପରେ ଲଦି ଦିଆଯାଇଥିବା ଧାରା ୩୭୦ ଭଳି କଳା ଆଇନ ଯୋଗୁଁ ଦୀର୍ଘ ଦଶନ୍ଧି ଧରି ଲକ୍ଷ ଲକ୍ଷ ନିରୀହ ଲୋକ ପ୍ରାଣ ହରାଇଥିଲେ ଓ ଶରଣାର୍ଥୀ ସଦୃଶ ଜୀବନ ବିତାଇଥିଲେ । ସେ ପ୍ରକାଶ କରିଥିଲେ ଯେ, ବିନା ପରମିଟ୍ ରେ କାଶ୍ମୀର ପ୍ରବେଶ କରି ଗିରଫ ହେବା ପରେ ଜେଲ୍ ଭିତରେ ସନ୍ଦେହଜନକ ପରିସ୍ଥିତିରେ ଡଃ ମୁଖାର୍ଜୀଙ୍କ ମୃତ୍ୟୁର କୌଣସି ତଦନ୍ତ ତତ୍କାଳୀନ କଂଗ୍ରେସ ସରକାର କରାଇନଥିଲେ, ଯାହା ଇତିହାସର ସବୁଠାରୁ ବଡ଼ ଦୁର୍ଭାଗ୍ୟଜନକ ଅଧ୍ୟାୟ। ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଦୃଢ଼ ନେତୃତ୍ୱକୁ ପ୍ରଶଂସା କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ବିଗତ ୫ ଅଗଷ୍ଟ ୨୦୧୯ ମସିହାରେ କାଶ୍ମୀରରୁ ଧାରା ୩୭୦ ଉଚ୍ଛେଦ କରାଯାଇ ଡଃ ମୁଖାର୍ଜୀଙ୍କ ସେହି ଅଧୁରା ସ୍ୱପ୍ନକୁ ସାକାର କରାଯାଇଛି ଏବଂ ଏହାହିଁ ତାଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି। କାଶ୍ମୀରରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ଆଜି ଗୋଟିଏ ସମ୍ବିଧାନ ଏବଂ ଗୋଟିଏ ତ୍ରିରଙ୍ଗା ଭାରତର ବିଜୟ ପତାକା ଉଡ଼ାଉଛି। ୨୧ ଅକ୍ଟୋବର ୧୯୫୧ରେ ଡଃ ମୁଖାର୍ଜୀଙ୍କ ଦ୍ୱାରା ପ୍ରତିଷ୍ଠିତ 'ଭାରତୀୟ ଜନସଂଘ' ଆଜି ବିଶ୍ୱର ସବୁଠାରୁ ବଡ଼ ରାଜନୈତିକ ଦଳ 'ଭାରତୀୟ ଜନତା ପାର୍ଟି' ଭାବେ ଉଭା ହୋଇଛି, ଯାହାର ମୂଳମନ୍ତ୍ର ହେଉଛି ସାଂସ୍କୃତିକ ରାଷ୍ଟ୍ରବାଦ। ସେ ଆହୁରି କହିଥିଲେ ଯେ, ପୂର୍ବ ସରକାର ଡଃ ମୁଖାର୍ଜୀଙ୍କ ସ୍ମୃତି ଦିବସକୁ ଅଣଦେଖା କରୁଥିବା ବେଳେ ବର୍ତମାନର ସରକାର ଏହାକୁ ଏକ ଜାତୀୟ କର୍ତବ୍ୟ ଭାବେ ଗ୍ରହଣ କରି ପାଳନ କରୁଛନ୍ତି । ଏହି ଅବସରରେ ସେ ଦେଶ ଓ ରାଜ୍ୟକୁ ଦୁର୍ବଳ କରୁଥିବା ଭ୍ରଷ୍ଟ, ଦେଶବିରୋଧୀ ଏବଂ ପରିବାରବାଦୀ ଶକ୍ତିମାନଙ୍କ ପ୍ରତି ସତର୍କ ରହିବାକୁ ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ଓଡ଼ିଶା ବିଧାନ ସଭାର ବାଚସ୍ପତି ଶ୍ରୀମତୀ ସୁରମା ପାଢୀ କହିଥିଲେ ଯେ ସ୍ୱାଧୀନତା ପରବର୍ତୀ ସମୟରେ ଜାତୀୟତାବାଦ ଚିନ୍ତାଧାରାକୁ ଯିଏ ବିଚ୍ଛୁରିତ କରିଥିଲେ ସେ ହେଉଛନ୍ତି ଡଃ ଶ୍ୟାମାପ୍ରସାଦ ମୁଖାର୍ଜୀ। ସେ ହେଉଛନ୍ତି ପ୍ରକୃତ ଦେଶ ଭକ୍ତର ନିଦର୍ଶନ, ଯିଏ କି ଦଳ ମତ ନିର୍ବିଶେଷରେ ନିଜ ଦେଶକୁ ଭଲପାଉଥିଲେ । ଏହି ଅବସରରେ ପୂର୍ବତନ ରାଜ୍ୟସଭା ସାଂସଦ ଦୁଷ୍ମନ୍ତ କୁମାର ଗୌତମ, ଏକାମ୍ର ବିଧାୟକ ବାବୁ ସିଂହ ପ୍ରମୁଖ ମତବ୍ୟକ୍ତ କରିଥିଲେ ।

**ପୂର୍ବ ତଟ ରେଳପଥ**

ବିଜ୍ଞପ୍ତି ସଂ.eT-Central-RGDA-03-2026 ତା.17.06.2026ରିଖ

**କାର୍ଯ୍ୟର ନାମ :** ରାୟଗଡ଼ା ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ/ଲକ୍ଷ୍ମୀପୁରଙ୍କ ପରିସୀମା ଅଧିନରେ କୋରାପୁଟ-ରାୟଗଡ଼ା ରେଳପଥରେ ଟିକିରି (IN)ରୁ ସିଙ୍ଗାପୁର ରୋଡ୍ (EX) ମଧ୍ୟରେ ଥିବା ପୋଲଗୁଡ଼ିକରେ ବର୍ତ୍ତମାନ ଥିବା 1254 ସ୍ଲିପର ପରିବର୍ତ୍ତେ ଗାଲଭାନାଇଜଡ୍ H-ବିମ୍ ସ୍ଲିପର ସ୍ଥାପନ କରି ବ୍ରିଜ୍ ସ୍ଲିପର ନବୀକରଣ (TBSR) କାର୍ଯ୍ୟ ସମ୍ପାଦନ, ଯେଉଁଥିରେ H-ବିମ୍ ସ୍ଲିପରର ଡିଜାଇନ୍, ଡ୍ରଇଂ, ପ୍ରୁଫ୍ ଚେକିଂ, ନିର୍ମାଣ ଏବଂ ଫିକ୍ସିଂ ଅନ୍ତର୍ଭୁକ୍ତ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹3,81,69,487.31, ,

EMD : ₹ 7,63,400/-

କାର୍ଯ୍ୟ ଶେଷ ହେବା ଅବଧି : 12 (ବାର) ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** 14.07.2026, 1500 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକୁ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ରାୟଗଡ଼ା

PR-258/R/26-27

# ହାଇୱା ଧକ୍କାରେ କାର୍ ଚାଳକଙ୍କ ମୃତ୍ୟୁ

**କଟକ, ନ୍ୟୁଜ ବ୍ୟୁରୋ**

କଟକ ତ୍ରିଶୁଳିଆ ବ୍ରିଜରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା। ଏକ ଦ୍ରୁତଗାମୀ ହାଇୱା କାରକୁ ଧକ୍କା ଦେବାରୁ ଘଟଣାସ୍ଥଳରେ ହିଁ କାର ଚାଳକଙ୍କ ମୃତ୍ୟୁ ଘଟିବା ସହ ୩ ଜଣ ଆହତ ହୋଇଛନ୍ତି । ଭୋର ସମୟରେ କାଠଯୋଡ଼ି ବ୍ରିଜ୍ ଉପରେ ଘଟିଥିବା ଏହି ଭୟଙ୍କର ସଡ଼କ ଦୁର୍ଘଟଣା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି । ହାଇୱା ଟି କାରକୁ ଜୋରଦାର ଧକ୍କା ଦେଇଥିଲା । ଧକ୍କା ଏତେ ଜୋରଦାର ଥିଲା ଯେ କାରଟି ସମ୍ପୂର୍ଣ୍ଣ ଭାବେ କ୍ଷତିଗ୍ରସ୍ତ ହୋଇଯାଇଥିଲା। ମୃତ ଡ୍ରାଇଭର ଅନୁଗୋଳ ସମଲବ୍ୟାରେଜ ଥାନା ଚନ୍ଦ୍ରବେଳି ଗାଁର ଅଜିତ ସାହୁ । ସୂଚନା ଅନୁଯାୟୀ, ମଙ୍ଗଳବାର ଭୋର ପ୍ରାୟ ୩ ଟାରେ ଏହି ଦୁର୍ଘଟଣା କଟକ-ତ୍ରିଶୁଳିଆ ବ୍ରିଜରେ ମଝିରେ ଘଟିଛି। ଚନ୍ଦ୍ରବେଳି ଗାଁର ଦାଦା, ଖୁଡି ଓ ପୁତୁରା ଏକ କାରରେ ଭୁବନେଶ୍ୱରର ଘରୋଇ ହସ୍ପିଟାଲକୁ ଚିକିତ୍ସା ପାଇଁ ସୋମବାର ରାତିରେ ବାହାରିଥିଲେ। ହେଲେ ତ୍ରିଶୁଳିଆ ବ୍ରିଜରେ ବିପରୀତ ଦିଗରୁ ଆସୁଥିବା ହାଇୱା ସହିତ ଦୁର୍ଘଟଣା ଘଟିଥିଲା। ଫଳରେ କାର ଚାଳକ କାରରେ ଚାପିହୋଇ ରହି ଯାଇଥିଲେ। ଯାହାକୁ ନେଇ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ହାଇୱା ଚାଳକ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିବା ବେଳେ । ବାରଙ୍ଗ ଥାନା ଅଧିକାରି ପହଞ୍ଚି ବ୍ରିଜ ଉପରୁ ଦୁଇ ଗାଡ଼ିକୁ ହଟାଇ ତଦନ୍ତ ଆରମ୍ଭ କରିଛନ୍ତି। ଏହାପରେ ଆମ୍ବୁଲାନ୍ସ ଯୋଗେ ୩ ଜଣ ଆହତଙ୍କ ସମେତ ମୃତ ଚାଳକଙ୍କୁ କଟକ ଏସସିବି ମେଡିକାଲ ପଠାଇଥିଲେ। ଦୁର୍ଘଟଣାର ପ୍ରକୃତ କାରଣ କ'ଣ ଏବଂ କେଉଁ ପରିସ୍ଥିତିରେ ଏହି ଅଘଟଣ ଘଟିଲା, ସେନେଇ ପୁଲିସ ସମସ୍ତ ଦିଗରୁ ତଦନ୍ତ ଚଳାଇଛି ।

ଭୁବନେଶ୍ୱର, ୨୪ ଜୁନ୍, ବୁଧବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27

# ଶ୍ରୀମନ୍ଦିର ପ୍ରଶାସନକୁ ପଠାଗଲା ୩୮୦ କିଲୋଗ୍ରାମ ବାସୁଙ୍ଗା ପାଟ

**ଭୁବନେଶ୍ୱର, ୨୩।୬**
**ନ୍ୟୁଜ ବ୍ୟୁରୋ**



ପୁରୀ ଶ୍ରୀମନ୍ଦିର ପ୍ରଶାସନକୁ ୩୮୦ କିଲୋଗ୍ରାମ ବାସୁଙ୍ଗା ପାଟ ପଠାଯାଇଛି । ଶହୀଦନଗରସ୍ଥିତ ଓଡ଼ିଶା ସମବାୟ ଟସର ଓ ରେଶମ ମହାସଂଘ (ସେରିଫେଡ୍) କାର୍ଯ୍ୟାଳୟ ପରିସରରୁ ଏହା ପଠାଯାଇଛି । ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ପତାକା ଦେଖାଇ ଏହାର ପ୍ରେରଣ କରିଥିଲେ । ପୂଜାର୍ଚ୍ଚନା କରି ବାସୁଙ୍ଗା ପାଟ ଶ୍ରୀମନ୍ଦିର ପ୍ରଶାସନକୁ ପଠା ଯାଇଥିଲା । ସୂଚନଯୋଗ୍ୟ, ବାସୁଙ୍ଗା ପାଟ ହେଉଛି ଅତ୍ୟନ୍ତ ଶକ୍ତିଶାଳୀ ପବିତ୍ର ରେଶମ ଡୋର ଯାହା ଚତୁର୍ଦ୍ଧାମୂର୍ତ୍ତିଙ୍କ ରଥଯାତ୍ରା ଓ ଅନ୍ୟାନ୍ୟ ପର୍ବପର୍ବାଣୀରେ ବ୍ୟବହୃତ ହୋଇଥାଏ । ଶ୍ରୀମନ୍ଦିରରେ ବିଗ୍ରହମାନଙ୍କର ବିଜୟ ଡୋରୀ, ପଇତା, ରାକ୍ଷୀ ଆଦି ତିଆରି କରିବାରେ ଏହାର ବ୍ୟବହାର ହୋଇଥାଏ । ୧୯୮୧ ମସିହାରୁ ପୁରୀ ଶ୍ରୀମନ୍ଦିର ପ୍ରଶାସନକୁ ସେରିଫେଡ୍ ବାସୁଙ୍ଗା ପାଟ ଯୋଗାଇ ଆସୁଛି । ଚଳିତବର୍ଷ ୩୮୦ କିଲୋଗ୍ରାମ ବାସୁଙ୍ଗା ପାଟ ଯୋଗାଇ ଦିଆଯାଇଛି । ଏହି ବାସୁଙ୍ଗା ପାଟ ମଲବେରୀ ରେଶମ କୋଷାରୁ ପ୍ରସ୍ତୁତ କରାଯାଇଥାଏ । ଏହା ମୁଖ୍ୟତଃ ଗଜପତି ଜିଲ୍ଲାର ମୋହନା ଏବଂ ଆର. ଉଦୟଗିରୀ ବ୍ଲକର ଜନଜାତି ରେଶମ ଚାଷୀଙ୍କ ଦ୍ୱାରା ଉତ୍ପାଦିତ ହୋଇଥାଏ । କୋରାପୁଟ ଜିଲ୍ଲାରୁ ସଂଗୃହୀତ କଇଥ ଫଳର ଅଠା ଲଗାଯାଇ ଏହାକୁ ରଙ୍ଗାୟିତ କରାଯାଇଥାଏ । ଏହି କୋଷାଗୁଡିକୁ ସେରିଫେଡ ଦ୍ୱାରା ସଂଗ୍ରହ କରାଯାଇ କଟକ ଜିଲ୍ଲାର ନୂଆପାଟଣା ଠାରେ ପ୍ରକ୍ରିୟାକରଣ କରାଯାଏ । ଏହି ବାସୁଙ୍ଗା ପାଟକୁ କେବଳ ଶ୍ରୀମନ୍ଦିରର ଧାର୍ମିକ କାର୍ଯ୍ୟ ପାଇଁ ପ୍ରସ୍ତୁତ କରାଯାଉଥିବା ବେଳେ ଏହାର କୌଣସି ବାଣିଜ୍ୟିକ ବ୍ୟବହାର କରାଯାଇନଥାଏ । ଏହି କାର୍ଯ୍ୟକ୍ରମରେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପର ଆୟୁକ୍ତ ତଥା ଶାସନ ସଚିବ ଗୁହା ପୁନମ ତାପସ କୁମାର, ହସ୍ତତନ୍ତ ଓ ବୟନଶିଳ୍ପ ନିର୍ଦ୍ଦେଶକ ସୋମେଶ ଉପଧ୍ୟାୟ, ହସ୍ତଶିଳ୍ପ ନିର୍ଦ୍ଦେଶିକା ଡକ୍ଟର ନିବେଦିତା ପୃଷ୍ଟି, ଉତ୍କଳିକାର ପରିଚାଳନା ନିର୍ଦ୍ଦେଶକ ପ୍ରତାପ ଚନ୍ଦ୍ର ହୋତା, ସେରିଫେଡ୍ ପରିଚାଳନା ନିର୍ଦ୍ଦେଶକ ବିକ୍ରମାଦିତ୍ୟ ବାରିକ, ଅତିରିକ୍ତ ନିର୍ଦ୍ଦେଶକ (ରେଶମ) ସୂର୍ଯ୍ୟ ନାରାୟଣ ପଟ୍ଟନାୟକ, ସେରିଫେଡ୍ ସଭାପତି ଭାଗୀରଥି ନନ୍ଦ, ସମ୍ପାଦକ ସଂଗୀତା ମିଞ୍ଜ ପ୍ରମୁଖ ଉପସ୍ଥିତ ଥିଲେ ।

# ରଥଖଳା ହାଲଚାଲ : କଣି ଫାଉଡ଼ା ନିର୍ମାଣ ଶେଷ

**ପୁରୀ, ୨୩/୦୬**
**ନ୍ୟୁଜ ବ୍ୟୁରୋ**



ମଙ୍ଗଳବାର ଥିଲା ରଥ ନିର୍ମାଣର ୬୩ତମ ଦିବସ । ରଥ ନିର୍ମାଣକାରୀ ସେବକ ରଥଖଳାରେ ଉପସ୍ଥିତ ରହି ମୁଖ୍ୟ ମହାରଣାଙ୍କ ମାର୍ଗଦର୍ଶନ ପ୍ରକାରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ । ସୋମବାର ତିନି ରଥର ଦୁଆର ବେଢ଼ା ନିର୍ମାଣ ଶେଷ ହୋଇଥିବା ବେଳେ ମଙ୍ଗଳବାର ପ୍ରଭା ଫ୍ରେମ୍ ପ୍ରସ୍ତୁତ କାର୍ଯ୍ୟ ଜାରି ରହିଛି । ଏହା ସରିବା ପରେ ପ୍ରଭାରେ ରୂପ ଖୋଦେଇ କାର୍ଯ୍ୟ କରାଯିବ । ଚାରପରିଛା ଗୁଣ୍ଡି ତିଆରି କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି । ଏହା ଗୁଜ ତଳେ ଲଗାଯିବ । ୧୨ଟି ଲେଖାଏଁ କଣି ଫାଉଡ଼ା ନିର୍ମାଣ ଶେଷ ହୋଇଛି । ଏହି କଣି ଫାଉଡ଼ା ତିନିରଥ ଭୂଇଁର ଛ' କାଠି କୋଣମାନଙ୍କରେ ସେଟିଂ କରାଯିବ । ଏହାର ଚାରି ପାର୍ଶ୍ୱରେ ବତା ବା ପତଳା କାଠ ବଟନ୍ ପକାଯାଇଥାଏ । ରଥରେ କନା ପଡ଼ିଲା ବେଳେ ରଥର ଗୋଲାକାର ସେପ୍ ଆସିବା ସହ ରଥ କନା ଚିରି ନଥାଏ । ଆଗକୁ ଖପୁରି ସମେତ ପାରାଭାଡ଼ିକୁ ମିଶାଇ ବାକି ୧୨ ପରାସ୍ତ ପୋଟଳ ରଥ ଉପରକୁ ଉଠାଯିବ । ୪ଟି ଲେଖାଏଁ ଦୁଆର ବେଢ଼ା ରଥ ଉପରକୁ ଉଠିବ । ବଡ଼ କଳସ ଉଠି ସେଥିରେ ଓଲଟ ଶୁଆ ସ୍ଥାପନ କରାଯିବ । ଘୋଡ଼ା, ସାରଥୀଙ୍କ ମରାମତି ତଥା ରଙ୍ଗ କାର୍ଯ୍ୟ ଚାଲୁ ରହିଛି । ରୂପକାର ସେବକମାନେ ନାଟ ଗୋଡ଼ରେ ରୂପ ଖୋଦେଇ ଶେଷ କରି ରୂପ ଖୋଦେଇ ଜାରି ରଖିଛନ୍ତି । ଦୋଳବେଦି ଅସ୍ଥାୟୀ କମାରଶାଳରେ ଓଝା ସେବକମାନେ ଧ୍ୱଜି ଦଣ୍ଡା ପାଇଁ ଅଗ ପାତେଳି ଚଉରସ କଣ୍ଟା ଏବଂ ଓଲଟ ଶୁଆ ପାଇଁ ନରାଜ କଣ୍ଟା ନିର୍ମାଣ ଶେଷ କରିଛନ୍ତି । ଚିତ୍ରକାର ସେବକମାନେ ନାଟ ଗୋଡ଼ର ଖୋଦେଇ ରୂପରେ ରଙ୍ଗ କାର୍ଯ୍ୟ ସହ ପାର୍ଶ୍ୱ ଦେବାଦେବୀ ମୂର୍ତ୍ତି, ହଂସ ପଟା, କନ୍ୟା ପଟା, ଶିଖର ଡମ୍ବରୁ, ଓଲଟ ଶୁଆ ସହ ରଥ ବାହ୍ୟ ଅଂଶଗୁଡ଼ିକରେ ରଙ୍ଗ କାର୍ଯ୍ୟ କରୁଛନ୍ତି ।

# ବିଏମସି ଗୋଷ୍ଠୀ କନ୍ଦଳ ନେଇ ସୁପ୍ରିମୋଙ୍କୁ ଭେଟିଲେ ମେୟର

**ଭୁବନେଶ୍ୱର, ୨୩/୦୬**
**ନ୍ୟୁଜ ବ୍ୟୁରୋ**



ରାଜଧାନୀ ଭୁବନେଶ୍ୱରରେ ବିଏମସି ଷ୍ଟାଣ୍ଡିଂ କମିଟି ନିର୍ବାଚନକୁ ନେଇ ଏବେ ତୀବ୍ର ରାଜନୈତିକ ଉତ୍ତେଜନା ଦେଖାଦେଇଛି । ସୂଚନା ଅନୁଯାୟୀ, ଗୋଟିଏ ପଦବୀ ପାଇଁ ୪୩ ନମ୍ବର ୱାର୍ଡର ଭରତ ଲେଙ୍କା ଏବଂ ଲିଟୁ ମହାସୁପକାର ଉଭୟ ନୋମିନେସନ ଭରିଥିଲେ । ପୂର୍ବରୁ ଦଳୀୟ ସ୍ତରରେ ନିଷ୍ପତ୍ତି ହୋଇଥିଲା ଯେ ଲିଟୁ ମହାସୁପକାର ନୋମିନେସନ ଭରିବେ, କିନ୍ତୁ ଏହା ସତ୍ତ୍ୱେ ଭରତ ଲେଙ୍କାଙ୍କ ପକ୍ଷରୁ ନୋମିନେସନ ଦାଖଲ ହେବାକୁ ନେଇ ଦଳ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ଏହାକୁ ଦଳ ବିରୋଧୀ କାର୍ଯ୍ୟ ବୋଲି ଅଭିଯୋଗ କରିଛନ୍ତି ଲିଟୁ ମହାସୁପକାର । ସେ ପ୍ରଶ୍ନ ଉଠାଇଛନ୍ତି— "କାହା ପ୍ରରୋଚନାରେ ଭରତ ଲେଙ୍କା ନୋମିନେସନ ଭରିଲେ ?" ଏହି ଘଟଣାକୁ ନେଇ ସେ ଦଳର ସୁପ୍ରିମୋଙ୍କ ପାଖରେ ଅଭିଯୋଗ କରିବେ ବୋଲି ମଧ୍ୟ କହିଛନ୍ତି । ଅନ୍ୟପଟେ କର୍ପୋରେଟର ଅମରେଶ ଜେନା ମଧ୍ୟ ଏହି ବିବାଦକୁ ନେଇ ପ୍ରତିକ୍ରିୟା ଦେଇଛନ୍ତି । ସେ କହିଛନ୍ତି, ଦଳ ଭିତରେ କିଛି କୁଚକ୍ରୀ ଗୋଷ୍ଠୀ ଉଦ୍ଦେଶ୍ୟମୂଳକ ଭାବେ ବିଶୃଙ୍ଖଳା ସୃଷ୍ଟି କରୁଛନ୍ତି । ଏହି ସମୟରେ ବିଏମସିରେ ଗୋଷ୍ଠୀ କନ୍ଦଳ ନେଇ ମେୟର ସୁଲୋଚନା ଦାସ ନବୀନ ନିବାସ ପହଞ୍ଚି ଦଳର ସୁପ୍ରିମୋଙ୍କ ସହ ଆଲୋଚନା କରିଛନ୍ତି । ଷ୍ଟାଣ୍ଡିଂ କମିଟି ନିର୍ବାଚନ ସମୟରେ ଏହି ଦୁଇ ପ୍ରାର୍ଥୀଙ୍କ ନୋମିନେସନକୁ ନେଇ ସୃଷ୍ଟି ହୋଇଥିବା ବିବାଦ ଏବେ ରାଜନୈତିକ ମହଲରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ହୋଇଛି ।

# ତାମିଲନାଡୁ ଗ୍ୟାସ୍ ଟ୍ରାଜେଡି: ଭୁବନେଶ୍ୱରରେ ପହଞ୍ଚିଲା ୫ ଓଡ଼ିଆ ଶ୍ରମିକଙ୍କ ମୃତଦେହ

- ଦୁର୍ଘଟଣାରେ ମୃତ ଓଡ଼ିଶା ଶ୍ରମିକଙ୍କ ସଂଖ୍ୟା ୭କୁବୃଦ୍ଧି
- ସହାୟତା ରାଶି ୧୦ଲକ୍ଷକୁ ବୃଦ୍ଧି
- ମୃତକଙ୍କୁ ଶ୍ରଦ୍ଧାଞ୍ଜଳୀ ଦେଲେ ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର, ୨୩/୦୬**
**ନ୍ୟୁଜ ବ୍ୟୁରୋ**

ତାମିଲନାଡୁରେ ଘଟିଥିବା ସି-ଫୁଡ୍ ପ୍ରକ୍ରିୟାକରଣ କାରଖାନାର ଆମୋନିଆ ଗ୍ୟାସ୍ ଲିକ୍ ଦୁର୍ଘଟଣା ପରେ ମଙ୍ଗଳବାର ସନ୍ଧ୍ୟାରେ ଏକ ସ୍ୱତନ୍ତ୍ର ବିମାନ ଯୋଗେ ୫ ଜଣ ଓଡ଼ିଆ ଶ୍ରମିକଙ୍କ ମୃତଦେହ ଭୁବନେଶ୍ୱରରେ ପହଞ୍ଚିଥିଲା । ମୃତଦେହ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ଦେଖିବାକୁ ମିଳିଥିଲା । ସେପଟେ ଭୁବନେଶ୍ୱର ବିମାନବନ୍ଦରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପହଞ୍ଚି ମୃତକଙ୍କୁ ଶ୍ରଦ୍ଧାଞ୍ଜଳୀ ଜଣାଇଥିଲେ । ଏଥିସହ ଶୋକସନ୍ତପ୍ତ ପରିବାର ସଦସ୍ୟଙ୍କୁ ଭେଟି ସମବେଦନା ଜଣାଇବା ସହ ସରକାର ସେମାନଙ୍କ ସହ ରହିଛନ୍ତି ବୋଲି ଆଶ୍ୱାସନ ଦେଇଥିଲେ ।

ସୂଚନା ଅନୁସାରେ ରାଜ୍ୟ ସରକାରଙ୍କ ପକ୍ଷରୁ ମୃତଦେହଗୁଡ଼ିକୁ ସେମାନଙ୍କ ନିଜ ଜିଲ୍ଲାକୁ ପଠାଇବା ପାଇଁ ଆବଶ୍ୟକ ବ୍ୟବସ୍ଥା କରାଯାଇଛି ।

ମିଳିଥିବା ସୂଚନା ଅନୁଯାୟୀ, ପେରିୟାପାଲାୟମ ନିକଟରେ ଥିବା ଏକ ଚିଙ୍ଗୁଡ଼ି ରପ୍ତାନି କାରଖାନାରେ ଓଡ଼ିଶା, ଆସାମ ଓ ଝାଡ଼ଖଣ୍ଡର ଶତାଧିକ ପ୍ରବାସୀ ଶ୍ରମିକ କାର୍ଯ୍ୟରତ ଥିଲେ । ରବିବାର ଛୁଟି ଥିବାରୁ ଅଧିକାଂଶ ଶ୍ରମିକ କାରଖାନା ପରିସରରେ ଥିବା ଆବାସିକ କ୍ୱାର୍ଟର୍ସରେ ବିଶ୍ରାମ କରୁଥିଲେ । ଏହି ସମୟରେ କାରଖାନାର କୁଲିଂ ସିଷ୍ଟମରୁ ହଠାତ୍ ଆମୋନିଆ ଗ୍ୟାସ୍ ଲିକ୍ ହୋଇ ପରିବେଶରେ ବ୍ୟାପିଯାଇଥିଲା । ବିଷାକ୍ତ ଗ୍ୟାସର ପ୍ରଭାବରେ ଅନେକ ଶ୍ରମିକଙ୍କର ନିଶ୍ୱାସପ୍ରଶ୍ୱାସରେ ସମସ୍ୟା ସୃଷ୍ଟି ହୋଇଥିଲା ଏବଂ ସେମାନେ ଅସୁସ୍ଥ ହୋଇପଡ଼ିଥିଲେ । ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ଅନୁସାରେ, କିଛି ମହିଳା ଶ୍ରମିକଙ୍କ ନାକ ଓ ପାଟିରୁ ରକ୍ତସ୍ରାବ ହୋଇଥିଲା ଏବଂ ସେମାନେ ଘଟଣାସ୍ଥଳରେ ଅଚେତ ହୋଇ ପଡ଼ିଥିଲେ । ଅନ୍ୟପଟେ ମୃତ ଓଡ଼ିଆ ଶ୍ରମିକଙ୍କ ପରିବାରକୁ ସହାୟତା ରାଶି ବୃଦ୍ଧି କରିଛନ୍ତି ମୁଖ୍ୟମନ୍ତ୍ରୀ । ପୂର୍ବରୁ ଏହି ସହାୟତା ରାଶି ୪ ଲକ୍ଷ ଟଙ୍କା ଥିବାବେଳେ ଏହାକୁ ବୃଦ୍ଧି କରି ମୃତ ଶ୍ରମିକଙ୍କ ନିକଟତମ ଆତ୍ମୀୟଙ୍କୁ ୧୦ ଲକ୍ଷ ଟଙ୍କା ଦେବାକୁ ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଶେଷ ଖବର ସୁଦ୍ଧା ସେଣ୍ଟ ପିଟର ଆଣ୍ଡ ପଲ୍ ସି-ଫୁଡ୍ ଏକ୍ସପୋର୍ଟସ୍ କମ୍ପାନୀରେ ଘଟିଥିବା ଏହି ଦୁର୍ଘଟଣାରେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ ସଂଖ୍ୟା ୭ରେ ପହଞ୍ଚିଛି । ସମସ୍ତ ମୃତକ ଜୁଆଙ୍ଗ ସମ୍ପ୍ରଦାୟର ହୋଇଥିବା ବେଳେ ଅଧିକାଂଶ କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକର ରଙ୍ଗମାଟିଆ ଗ୍ରାମ ଏବଂ ବଂଶପାଳ ଅଞ୍ଚଳର ବାସିନ୍ଦା । ରଙ୍ଗମାଟିଆ ଗାଁରୁ ଶ୍ରମିକମାନେ ଗତ ୭ରୁ ୮ ମାସ ପୂର୍ବେ ଏହି ସଂସ୍ଥାରେ କାମ କରୁଥିବା ବେଳେ, ସୂଚନା ଅନୁଯାୟୀ, ସେମାନଙ୍କୁ ସେଠାରେ ରହିବା ଏବଂ ଖାଇବାକୁ ଦେଉଥିଲା କମ୍ପାନୀ । ଶ୍ରମିକମାନଙ୍କୁ ମାସକୁ ୭ରୁ ୮ ହଜାର ଟଙ୍କା କମ୍ପାନୀ ଦେଉଥିବା ସୂଚନା ମିଳିଛି । ତାମିଲନାଡୁର ତିରୁଭାଲୁର ଜିଲ୍ଲାରେ ଘଟିଥିବା ଆମୋନିଆ ଗ୍ୟାସ୍ ଲିକ୍ ଦୁର୍ଘଟଣାରେ ଓଡ଼ିଶାର ଅନେକ ଶ୍ରମିକଙ୍କ ମୃତ୍ୟୁ ଘଟଣା ସମଗ୍ର ରାଜ୍ୟକୁ ଶୋକାକୁଳ କରିଛି ।

# ଶୋଇବା ଘରୁ ବାହାରିଲେ ୨୩ ନାଗ ଛୁଆ



**ଯାଜପୁର, ୨୩/୦୬**
**ନ୍ୟୁଜ ବ୍ୟୁରୋ**

ଶୋଇବା ଘରେ ସାପ ସାଲୁବାଲୁ । ମାଟି ଖୋଳିବା ପରେ ଉଡ଼ିଗଲା ଘର ମାଲିକଙ୍କ ହୋସ୍ । ଘରୁ ବାହାରିଲେ ୨୩ ନାଗ ଛୁଆ । ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକ ଜୟନ୍ତରା ପଞ୍ଚାୟତ ଚନ୍ଦୁକୁଡା ଗ୍ରାମର ଗୌରାଙ୍ଗ ଜେନାଙ୍କ ଘରୁ ଏହି ସାପ ଉଦ୍ଧାର ହୋଇଛନ୍ତି । ସ୍ନେକ୍ ହେଲ୍ପଲାଇନ୍‌ର ସଦସ୍ୟ ପହଞ୍ଚି ସମସ୍ତ ନାଗ ଛୁଆ ଉଦ୍ଧାର କରିଛନ୍ତି । ସୂଚନା ଅନୁଯାୟୀ, ସୋମବାର ରାତିରେ ଗୌରାଙ୍ଗ ଜେନା ତାଙ୍କ ଶୋଇବା ଘରେ ଏକ ଛୋଟ ସାପ ବୁଲୁଥିବା ଦେଖି ତାକୁ ଘଉଡ଼ାଇବାକୁ ଚେଷ୍ଟା କରିଥିଲେ । ମାତ୍ର ଛୋଟ ସାପ ହୋଇଥିଲେ ମଧ୍ୟ ଏହା ଫଣା ଟେକି ଚୋଟ ମାରିବାକୁ ଉଦ୍ୟମ କରିଥିଲା । ପରେ ପରିବାର ଲୋକେ ଭୟଭୀତ ହୋଇଯାଇଥିଲେ ଏବଂ ଘର ଭିତରେ ଆହୁରି କିଛି ସାପ ଥିବା ଦେଖିଥିଲେ । ଏହାପରେ ସ୍ନେକ୍ ହେଲ୍ପଲାଇନ୍‌ର ରାଜ୍ୟ ସଂଯୋଜକ ପ୍ରମୋଦ ସାହୁଙ୍କୁ ଖବର ଦେଇଥିଲେ । ତାଙ୍କ ସହଯୋଗୀ ଯାହାଙ୍ଗୀର ଖାନଙ୍କ ସହ ଘଟଣାସ୍ଥଳରେ ପହଞ୍ଚି ମାଟିଘରର ସମ୍ପୂର୍ଣ୍ଣ ଚଟାଣ ଖୋଳି ଖୋଜାଖୋଜି କରିବା ପରେ ୨୩ଟି ନାଗଛୁଆ ଉଦ୍ଧାର କରାଯାଇଥିଲା । ଏହା ସହ କିଛି ସାପ ଅଣ୍ଡାର ଖୋଳପା ମଧ୍ୟ ଉଦ୍ଧାର କରାଯାଇଥିଲା । ଏନେଇ ପ୍ରମୋଦ ସାହୁ କହିଛନ୍ତି ଯେ, ବର୍ତ୍ତମାନ ସମୟରେ ନାଗ ସାପ ଅଣ୍ଡାରୁ ଛୁଆ ବାହାରିବାର ଋତୁ ଚାଲିଛି । ତେଣୁ ଲୋକମାନେ ସତର୍କ ରହିବା ଆବଶ୍ୟକ । ବିଷଧର ସାପ ଛୋଟ ହୋଇଥିଲେ ମଧ୍ୟ ତାହାର ବିଷ ପ୍ରାଣଘାତକ ହୋଇପାରେ । ବିଶେଷ କରି ବର୍ଷାଦିନରେ ଖଟିଆ ଉପରେ ମଶାରୀ ଟାଙ୍ଗି ଶୋଇବା ସହିତ ଘର ଓ ଚାରିପାଖର ପରିବେଶ ସଫା-ସୁତରା ରଖିବା ପାଇଁ ସେ ପରାମର୍ଶ ଦେଇଛନ୍ତି । ଉଦ୍ଧାର ହୋଇଥିବା ସମସ୍ତ ନାଗଛୁଆଙ୍କୁ ସୁରକ୍ଷିତ ଭାବେ ଦୂରସ୍ଥ ପ୍ରାକୃତିକ ଆବାସସ୍ଥଳରେ ଛାଡ଼ି ଦିଆଯାଇଛି ।

## ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ

ତାରିଖ :-୨୩/୦୬/୨୦୨୬
୫,୨୧,୦୯୩/- ଟଙ୍କା
ସୁନା:- ୦୦ଗ୍ରାମ୍ ୫୦୦ ମିଲିଗ୍ରାମ୍
ରୂପା:- ୬୧ଗ୍ରାମ୍ ୪୦୦ ମିଲିଗ୍ରାମ





## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ । ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୬୮
Email : utkaldeepika2016@gmail.com


# ବିଜେବି କଲେଜରେ ପଢ଼ିବେ ମେଧାବୀ ଛାତ୍ର ବୈଲୋଚନ ଜୁଆଙ୍ଗ : ସହାୟତା ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

**କେନ୍ଦୁଝର, ୨୩/୦୬**
**ନ୍ୟୁଜ ବ୍ୟୁରୋ**



ମେଧାବୀ ଆଦିବାସୀ ଛାତ୍ର ବୈଲୋଚନ ଜୁଆଙ୍ଗଙ୍କ ସ୍ୱପ୍ନ ସାକାର ହେବାକୁ ଯାଉଛି । ଉଚ୍ଚଶିକ୍ଷା ପାଇଁ ଫର୍ମପୂରଣ କରିବା ପରେ ଭୁବନେଶ୍ୱର ବିଜେବି କଲେଜରେ ପଢ଼ିବା ପାଇଁ ରଖିଥିବା ସ୍ୱପ୍ନ ପୂରଣ ହୋଇଛି । ବୈଲୋଚନଙ୍କ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦେବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବିଜେବି କଲେଜରୁ ପ୍ରଥମ ପସନ୍ଦ ତାଲିକା ପ୍ରକାଶ ପାଇଛି । ଏଥିରେ ବୈଲୋଚନଙ୍କୁ ଆସନ୍ତା ବୁଧବାର ମଧ୍ୟରେ ଆଡମିଶନ କରିବାକୁ ନିର୍ଦ୍ଦେଶ ଆସିଛି । ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ମଧ୍ୟ ବୈଲୋଚନର ପାଠପଢ଼ା ପାଇଁ ସମସ୍ତ ସହାୟତା ଯୋଗାଇ ଦେବାକୁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଆସିଛି । ବୈଲୋଚନଙ୍କୁ ରେଡକ୍ରସ ଓ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ତୁରନ୍ତ ସହାୟତା ଯୋଗାଇ ଦେବାକୁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଉଚ୍ଚଶିକ୍ଷା ପାଇଁ ଜୁଆଙ୍ଗ ମେଧାବୀ ଛାତ୍ର ବୈଲୋଚନ ଘଟଣା ସାରା ରାଜ୍ୟରେ ଚର୍ଚ୍ଚାର ବିଷୟ ପାଲଟିଥିଲା । ଜଣେ ଆଦିବାସୀ ଛାତ୍ର ପାଠପଢ଼ିବା ପାଇଁ ଏତେ ଯେ ସଂଘର୍ଷ କରୁଛି ଯିଏ ଶୁଣିଲା ଚକିତ ହୋଇପଡିଲା । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମେଧାବୀ ଛାତ୍ର ବୈଲୋଚନଙ୍କୁ ସମସ୍ତ ସହଯୋଗ କରିବାକୁ ମୁଖ୍ୟ ଶାସନ ସଚିବ ଏବଂ ଉଚ୍ଚଶିକ୍ଷା ବିଭାଗ ସହିତ ଅନୁସୁଚିତ ଜାତି ଓ ଜନଜାତି ବିଭାଗର ସଚିବଙ୍କୁ ନିର୍ଦ୍ଦେଶ ଦେଇଥିଲେ । ରାଜ୍ୟ ସରକାରଙ୍କ ପକ୍ଷରୁ ମଧ୍ୟ ତନାଘନା ହୋଇଥିଲା । ଏହି ଖବର ଗଣମାଧ୍ୟମରେ ପ୍ରକାଶ ପରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ବୈଲୋଚନ ସହିତ କଥାବାର୍ତ୍ତା କରିଥିଲେ । ରାଜ୍ୟ ସରକାର ସହିତ ବ୍ୟକ୍ତିଗତ ଭାବେ ସେ ପାଠପଢ଼ିବା ପାଇଁ ସମସ୍ତ ସହାୟତା ଯୋଗାଇ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ମଧ୍ୟ ଯୁଗ୍ମ ସଚିବ ପାଟେଶ୍ୱର କଲେଜର ଅଧ୍ୟକ୍ଷଙ୍କୁ ଫର୍ମପୂରଣ ସମୟରେ ବୈଲୋଚନଙ୍କୁ ସହାୟତା କରିବାକୁ ନିର୍ଦ୍ଦେଶ ଦେଇଥିଲେ । ତଦନୁସାରେ କଲେଜର ଅଧ୍ୟକ୍ଷ ଶ୍ରୀ ସ୍ୱାଇଁଙ୍କ ଜରିଆରେ ବୈଲୋଚନ ଫର୍ମ ପୂରଣ କରିଥିଲେ । ପ୍ରକାଶଥାଉକି ବୈଲୋଚନ ଜୁଆଙ୍ଗର ଜଣେ ମେଧାବୀ ଛାତ୍ର ହୋଇଥିବା ବେଳେ ଯୁକ୍ତ ୨ରେ ୮୩ ପ୍ରତିଶତ ନମ୍ବର ରଖି ପାସ୍ କରିବା ପରେ ଯୁକ୍ତ ୩ ପଢ଼ିବା ପାଇଁ ଅର୍ଥର ଆବଶ୍ୟକତା ରହିଥିବାରୁ ଝୁମ୍ପୁରାର ଏକ ହୋଟେଲରେ ଅଇଁଠା ବାସନ ମାଜୁଥିଲା ।

# ସିଏଡିଏ ବିଭାଗର କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କ ଘରେ ଭିଜିଲାନ୍ସ ଚଢଉ

**ଭୁବନେଶ୍ୱର, ୨୩/୦୬ ନ୍ୟୁଜ ବ୍ୟୁରୋ**

ଆୟ ବହିର୍ଭୁତ ସମ୍ପତି ଠୁଳ ଅଭିଯୋଗରେ ସମ୍ବଲପୁର ସିଏଡିଏ ବିଭାଗର କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କ ୭ଟି ସ୍ଥାନରେ ଓଡ଼ିଶା ଭିଜିଲାନ୍ସ ଚଢ଼ଉ କରିଛି । ମଙ୍ଗଳବାର ସମ୍ବଲପୁର ସିଏଡିଏ ବିଭାଗ, ସମ୍ବଲପୁରର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ପଦ୍ମଲୋଚନ ନାୟକଙ୍କ ବିରୋଧରେ ଆୟ ବହିର୍ଭୁତ ସମ୍ପତି ଠୁଳ କରିଥିବା ଅଭିଯୋଗରେ ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ଏକକାଳୀନ ଚଢ଼ଉ ଜାରି ରହିଛି । ସ୍ୱତନ୍ତ୍ର ବିଚାରପତି, ଭିଜିଲାନ୍ସ, ସମ୍ବଲପୁରଙ୍କ ଦ୍ୱାରା ଜାରି ସର୍ଚ୍ଚ ୱାରେଣ୍ଟ ବଳରେ ୪ ଜଣ ଡିଏସପି, ୧୩ ଜଣ ଇନ୍ସପେକ୍ଟର, ୭ ଜଣ ଏଏସଆଇ ଏବଂ ଅନ୍ୟାନ୍ୟ ସହାୟକ କର୍ମଚାରୀଙ୍କୁ ନେଇ ଗଠିତ ଭିଜିଲାନ୍ସ ଦଳ ସମ୍ବଲପୁର, କଟକ, ବାଲେଶ୍ୱର ଓ ମାଲକାନଗିରି ଜିଲ୍ଲାର ୭ଟି ସ୍ଥାନରେ ଚଢ଼ଉ କରୁଛନ୍ତି ।


## ପ୍ରକାଶ ପାଇବା ଅପେକ୍ଷାରେ...

### ମାସିକ ଗଳ୍ପ ପତ୍ରିକା "କଥାକଳିକା"ର ଜୁଲାଇ-୨୦୨୬ ସଂଖ୍ୟା




### ଏଥର ସଂଖ୍ୟାରେ...

**ସ୍ମରଣୀୟ କଥା :** ଗଙ୍ଗାଧର ବିଶ୍ୱାଳ ।
**ସମକାଳର କଥା :** ରମେଶ ପଟ୍ଟନାୟକ, ବିନୋଦ, ସୁଜାତା ମହାପାତ୍ର, ପ୍ରଣିତାରାଣୀ ବେହେରା, ସନ୍ତୋଷୀସ୍ୱାଇଁ, ରାଜଲକ୍ଷ୍ମୀ ତ୍ରିପାଠୀ, ସ୍ନିଗ୍ଧା ନାୟକ, ରାଧାଶ୍ୟାମ ରାଉଳ, ପୀତାମ୍ବର ମହାପାତ୍ର, ସୁଷମା ପରିଜା ।
**ଅନ୍ୟ ଭାଷାର କଥା :** ଚିତ୍ତରଂଜନ ପଟ୍ଟନାୟକ ।
**ଯୁବ ମାନସର କଥା :** ଲିପିକା ଦାସ ପଟ୍ଟନାୟକ, ଅନୁସୂୟା ପଣ୍ଡା, ଚିନ୍ମୟୀ ପଣ୍ଡା, ଇନ୍ଦୁମତୀ ପାତ୍ର, ରୁମୁଲୀ ନନ୍ଦ ।
ଏବଂ ଶେଷରେ 'କଥା ସାଗର' : ମଳିନ ଚନ୍ଦ୍ର-ଅଶୋକ ବିଶ୍ୱାଳ ।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

**ଯୋଗାଯୋଗ କରନ୍ତୁ**
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ - (୦୬୭୪) ୨୫୪୧୪୪୮, ୨୫୪୫୦୪୬,
ଫାକ୍ସ: ୨୫୪୫୬୬୮
E-mail: kathakalika@gmail.com

ପୃଷ୍ଠା-୬୮/ ମୂଲ୍ୟ ୩୦ ଟଙ୍କା ମାତ୍ର
'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ । କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/- (୨ଟି ବିଶେଷ ସଂଖ୍ୟା ସହ)


# ରଥଯାତ୍ରା ପାଇଁ ପୁରୀ ହୋଟେଲରେ ୯୫ ପ୍ରତିଶତ ବୁକିଂ ଶେଷ

**ପୁରୀ, ୨୩/୦୬ ନ୍ୟୁଜ ବ୍ୟୁରୋ**



ଆସନ୍ତା ଜୁଲାଇ ୧୬ରେ ବିଶ୍ୱପ୍ରସିଦ୍ଧ ଶ୍ରୀଗୁଣ୍ଡିଚା ଯାତ୍ରା । ଆଉ ମାତ୍ର ତିନି ସପ୍ତାହ ପରେ ମହାପ୍ରଭୁଙ୍କ ରଥଯାତ୍ରା । ମହାପ୍ରଭୁଙ୍କ ମାନବୀୟ ଲୀଳା ଦେଖିବାକୁ ପୁରୀକୁ ଲକ୍ଷାଧିକ ଭକ୍ତଙ୍କ ଆଗମନ ହେବ । ଭକ୍ତମାନେ ମହାପ୍ରଭୁଙ୍କ ରଥଯାତ୍ରା ଦେଖିବାକୁ ଚାତକ ଭଳି ଚାହିଁ ରହିଥିବା ବେଳେ ଏହାର ଫାଇଦା ନେବାକୁ ଅଣ୍ଟା ଭିଡ଼ିଛନ୍ତି ବଡଦାଣ୍ଡରେ ଥିବା ହୋଟେଲ ଓ ଲଜ୍ । ରଥଯାତ୍ରା ସମୟରେ ପୁରୀରେ ଥିବା ବଡ ବଡ ହୋଟେଲରେ ଅଗ୍ରୀମ ବୁକିଙ୍ଗ ଥିବାରୁ ଆଉ ରୁମ୍ ଉପଲବ୍ଧ ନାହିଁ । ଏଣୁ ବଡଦାଣ୍ଡରେ ଥିବା ହୋଟେଲ ଓ ଲଜ୍ ଗୁଡ଼ିକ ରଥଯାତ୍ରା ସମୟରେ ରୁମ୍ ଭଡ଼ା ଚଢ଼ା ଦର କରିଛନ୍ତି । ଅନେକ ହୋଟେଲ ଓ ଲଜ୍‌ର ରୁମ୍ ଭଡ଼ା ୧୦ ଗୁଣାରୁ ଅଧିକ ଦର ହୋଇଛି । ବାଲକୋନୀରେ ଛିଡା ହୋଇ ରଥାରୂଢ଼ ଠାକୁରମାନଙ୍କୁ ଦର୍ଶନ କରିବାର ଲୋଭନୀୟ ଅଫର ଯୋଗୁ କିଛି ଭକ୍ତ ରୁମ୍ ଦରରେ ଆଶାତୀତ ଦରବୃଦ୍ଧି ସତ୍ତ୍ୱେ ଆଗୁଆ ବୁକିଂ କରୁଛନ୍ତି । ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା କହିଛନ୍ତି, ''ରଥଯାତ୍ରା ପାଇଁ ସମସ୍ତ ପ୍ରସ୍ତୁତି କାର୍ଯ୍ୟ ଆଗେଇ ଚାଲିଛି । ଆମେ ସବୁ ହୋଟେଲ, ଲଜ୍ ମାଲିକଙ୍କ ସହ ଆଲୋଚନା କରିଛୁ । ରଥଯାତ୍ରା ପାଇଁ ହୋଟେଲ ରୁମ୍ ଦର ଅଧିକ ଦାମ୍ ନ ରଖିବା ପାଇଁ କୁହାଯାଇଛି । ଭକ୍ତଙ୍କୁ ଠକେଇ ନ କରିବା ପାଇଁ କୁହାଯାଇଛି । ଯଦି କିଛି ଅଭିଯୋଗ ଆସେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ହେବ । ଅନଲାଇନରେ ବି ସାଇବର ଅପରାଧୀମାନେ ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ପୂଜା କରାଇବା ନାମରେ ବିଜ୍ଞାପନ ଦେଇ ଲୋକଙ୍କୁ ଠକେଇ କରୁଛନ୍ତି । ଏଭଳି ମାମଲା ଆସିଲେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପୋଲିସକୁ ଅବଗତ କରାଯାଉଛି । ସୋସିଆଲ ମିଡିଆ ଉପରେ ପୋଲିସ ମଧ୍ୟ ନଜର ରଖିଛି । ସାଇବର ଠକେଇରୁ ରକ୍ଷା ପାଇଁ ପ୍ରଶାସନ ପକ୍ଷରୁ ଲୋକଙ୍କୁ ସଚେତନ କରାଯାଉଛି'' । ପୁରୀ ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ସରୋଜକାନ୍ତ ପ୍ରଧାନ କହିଛନ୍ତି, ''ଚଳିତବର୍ଷ ରଥଯାତ୍ରା ଦେଖିବା ପାଇଁ ଲକ୍ଷାଧିକ ଭକ୍ତ ଓ ପର୍ଯ୍ୟଟକଙ୍କ ଆଗମନ ହେବ । ଭକ୍ତ, ପର୍ଯ୍ୟଟକଙ୍କ ସୁବିଧା ଓ ସୁରକ୍ଷା ପାଇଁ ସମସ୍ତ ପ୍ରସ୍ତୁତି କରାଯାଉଛି । ପ୍ରଶାସନ, ପୋଲିସ ପକ୍ଷରୁ ପୁରୀରେ ଥିବା ହୋଟେଲ ଓ ଲଜ ମାଲିକଙ୍କ ସହିତ ଆଲୋଚନା କରାଯାଇଛି । ହୋଟେଲରେ ରହିବାକୁ ଥିବା ଅତିଥିଙ୍କୁ ଭଲ ବ୍ୟବହାର ସହ ଭଲ ଆତିଥ୍ୟ ପ୍ରଦାନ କରିବାକୁ କୁହାଯାଇଛି । ସରକାରଙ୍କ ଗାଇଡ ଲାଇନ ପାଳନ କରିବାକୁ କୁହାଯାଇଛି । ତେବେ ଯାହା ସୂଚନା ରହିଛି ରଥଯାତ୍ରା ପାଇଁ ପୁରୀ ସହରରେ ଥିବା ସବୁ ହୋଟେଲରେ ୯୫ ପ୍ରତିଶତ ରୁମ୍ ବୁକିଂ ସରିଛି । ପୁରୀକୁ ଆସୁଥିବା ପର୍ଯ୍ୟଟକ, ଭକ୍ତଙ୍କ ସୁରକ୍ଷା ଓ ବିଭିନ୍ନ ସୁବିଧା ପ୍ରଦାନ ପାଇଁ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି'' ।